ବର୍ଷ-୨୬, ସଂଖ୍ୟା-୨୫୧
ଭୁବନେଶ୍ୱର
ସେପ୍ଟେମ୍ବର, ୧୭, ୨୦୨୬ ଗୁରୁବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 251
Bhubaneswar
September, 17, 2026, Thursday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

ଆଜି ବିଶ୍ୱକର୍ମା ପୂଜା



# ଅଶୁଭ ବୁଧବାର | ପାଣିରେ ବୁଡ଼ି ୧୨ ଜଣଙ୍କ ମୃତ୍ୟୁ

ଭୁବନେଶ୍ୱର, ୧୬।୯ (ମହାଭାରତ); ଆଜି ରାଜ୍ୟର ବିଭିନ୍ନ ସ୍ଥାନରେ ପାଣିରେ ବୁଡ଼ି ଅକାରଣେ ୧୨ ଜଣଙ୍କ ମୃତ୍ୟୁ ଘଟିଛି। ଏଥିରେ ଜଗତସିଂହପୁରରେ ସର୍ବାଧିକ ୪ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ବୀରମିତ୍ରପୁରରେ ୩ ନାବାଳିକା, ଆସିକାରେ ୨ ଜଣଙ୍କ ସଲିଳ ସମାଧି ହୋଇଥିବାବେଳେ ଦଶମନ୍ତପୁର, ଦିଗପହଣ୍ଡି ଓ ଚାନ୍ଦବାଲିରେ ଜଣେ ଲେଖାଏଁ ମୃତ୍ୟୁବରଣ କରିଛନ୍ତି। ରାଜ୍ୟରେ ଆଜି ଅନେକ ସ୍ଥାନରେ ଶ୍ରୀଗଣେଶଙ୍କ ମୂର୍ତ୍ତି ବିସର୍ଜନ ହୋଇଛି। ତେବେ ଭସାଣୀ ବେଳେ ପାଣିରେ ଭାସି ଗଞ୍ଜାମର ହିଞ୍ଜିଳିକାଟୁ, ଦିଗପହଣ୍ଡିରେ ତିନିଜଣ ଛାତ୍ରଙ୍କ ଜୀବନ ଯାଇଥିବା ବେଳେ ଜଗତସିଂହପୁରର ଏରସମାରେ ୩ଛାତ୍ରଙ୍କ ସହ ଜଣେ ଗାଡି ଚାଳକଙ୍କ ମୃତ୍ୟୁ ଘଟିଛି।

ଗଣେଶ ଭସାଣ ବେଳେ ଜଗତସିଂହପୁରଜିଲ୍ଲା ଗୋପାଳପୁର ସଫେଇ(କେନାଲ)ର ପ୍ରଖର ସ୍ରୋତରେ ଭାସିଯାଇ ୩ ଛାତ୍ରଙ୍କ ସମେତ ଜଣେ ବୋଲେରୋ ଡ୍ରାଇଭରଙ୍କର ମୃତ୍ୟୁ ଘଟିଲା। ଏଭଳି ଛାତିଥରା ଘଟଣା ସମଗ୍ର ଅଞ୍ଚଳକୁ ସ୍ତବ୍ଧ କରିଦେଇଛି। ମୃତକମାନେ ହେଲେ ଓରନାଳ ଗାଁର ମନୋଜିତ ସ୍ୱାଇଁ(୨୩), ସ୍ୱପ୍ନଜିତ ବାରିକ(୨୨), ଜଗନ୍ନାଥ





ପଲେଇ(୨୫) ଏବଂ ରଶ୍ମିରଂଜନ ନାୟକ(୨୫)। ମନୋଜିତ ଓ ସ୍ୱପ୍ନଜିତ ଏରସମା କଲେଜରେ ଯୁକ୍ତ ତିନି ଶ୍ରେଣୀରେ ପଢୁଥିବା ବେଳେ ରଶ୍ମିରଂଜନ ଭୁବନେଶ୍ୱରର ଏକ ଘରୋଇ ଇଂଜିନିୟରିଂ କଲେଜରେ ବି.ଟେକ୍ ପଢୁଥିଲେ। ଜଗନ୍ନାଥ ଏକ ବୋଲେରୋରେ ଡ୍ରାଇଭର ଥିଲେ। ଭାସିଯାଇଥିବା ଛାତ୍ରଙ୍କୁ ଉଦ୍ଧାର କରିବାକୁ ଯାଇ ବୋଲେରୋ ଡ୍ରାଇଭର ଜଗନ୍ନାଥ ସଫେଇ ଭିତକୁ ଡେଇଁ ପଡିଥିଲେ। ହେଲେ, ସେ ମଧ ପ୍ରଖର ସ୍ରୋତରେ ଭାସି ଯାଇଥିଲେ। ଖବର ପାଇ ଏରସମା ଅଗ୍ନିଶମବାହିନୀ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରିଥିଲା। ସେତେବେଳକୁ ଦୁଇଜଣଙ୍କୁ ସ୍ଥାନୀୟ କିଛି ମତ୍ସ୍ୟଜୀବୀ ଓ ଲୋକେ ଖୋଜାଖୋଜି କରି ଉଦ୍ଧାର କରିସାରିଥିଲେ। ଅନ୍ୟ ଦୁଇଜଣଙ୍କୁ ଅଗ୍ନିଶମ ବାହିନୀ ଦୀର୍ଘ ଦୁଇଘଣ୍ଟାର କସରତ ପରେ ଉଦ୍ଧାର କରିଥିଲା। ସମସ୍ତଙ୍କୁ ଏରସମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଏରସମା ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ତେବେ ସନ୍ଧ୍ୟା ହୋଇଯାଇଥିବାରୁ ଆଜି ବ୍ୟବଚ୍ଛେଦ ହୋଇପାରି ନାହିଁ। ଆସନ୍ତାକାଲି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୁଲିସ ସୂତ୍ରରୁ ପ୍ରକାଶ।

ଶ୍ରୀଗଣେଶଙ୍କ ମୂର୍ତ୍ତି ବିସର୍ଜନ ବେଳେ ଗଞ୍ଜାମ ଜିଲ୍ଲାର ହିଞ୍ଜିଳିକାଟୁ ଥାନା ଇଲାକାରୁ ଦୁଇଜଣ ଓ ଦିଗପହଣ୍ଡି ଥାନା ଇଲାକାରୁ ଜଣେ ଛାତ୍ର ଅଛନ୍ତି। ହିଞ୍ଜିଳିକାଟୁ ସହର ମାଣିକନଗର ଅଞ୍ଚଳର ଏକ ଘରୋଇ ଟ୍ୟୁସନର ଦୁଇଜଣ ନବମ ଶ୍ରେଣୀ ଛାତ୍ର ଗଜପତିମାର୍ଗ ଅଞ୍ଚଳର ଆଦର୍ଶ ସାହୁ (୧୪) ଓ ଗାୟତ୍ରୀନଗରର ପ୍ରୀତମ ସାମେଲି (୧୪) ସାଙ୍ଗମାନଙ୍କ ସହ ବଇଅବଣିଆସ୍ଥିତ ଘୋଡ଼ାହାଡ଼ ନଦୀକୁ ମୂର୍ତ୍ତି ବିସର୍ଜନ ପାଇଁ ଯାଇଥିଲେ। ଅସାବଧାନତାବଶତଃ ଉଭୟ ବୁଡିଯାଇଥିବା ବେଳେ ହିଞ୍ଜିଳି ଦମକଳବାହିନୀ ସେମାନଙ୍କୁ ଉଦ୍ଧାର କରି ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ଜଣକୁ ସୁରକ୍ଷିତ ଉଦ୍ଧାର କରାଯାଇଛି। ହିଞ୍ଜିଳିକାଟୁ ଥାନାରେ ଏନେଇ କେସ ନମ୍ବର ୨୧ ଓ ୨୨ରେ ଦୁଇଟି ଅପମୃତ୍ୟୁ ମାମଲା ରୁଜୁ ସହ ଶବ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।

ସେହିପରି ଦିଗପହଣ୍ଡି ଥାନା ସିଦ୍ଧିଖଣ୍ଡି ଗ୍ରାମରେ ମଧ ଆଜି ସକାଳେ ଗଣେଶ ମୂର୍ତ୍ତି ବିସର୍ଜନ ବେଳେ ପୋଖରୀରେ ବୁଡ଼ି ଅଷ୍ଟମ ଶ୍ରେଣୀ ଛାତ୍ର ତଥା ମୋରମ ଜେନାଙ୍କ ପୁଅ ଶିତାଂଶୁ ଜେନା ପ୍ରାଣ ହରାଇଛନ୍ତି। ଶିତାଂଶୁ ସକାଳ ସାଢ଼େ ୬ଟାରେ ଟ୍ୟୁସନରୁ ସାଙ୍ଗମାନଙ୍କ ସହ ମୂର୍ତ୍ତି ବିସର୍ଜନ ପାଇଁ ପଡ଼ିଆବନ୍ଧ ପୋଖରୀକୁ ଯାଇଥିଲେ। ଗୋଡ ଖସିବାରୁ ହଠାତ୍ ସେ ବୁଡିଯାଇଥିବା ବେଳେ ଗ୍ରାମବାସୀ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଦିଗପହଣ୍ଡି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରୁ ବ୍ରହ୍ମପୁର ବଡଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ସୁନ୍ଦରଗଡ ବୀରମିତ୍ରପୁର ରାଏବଗା-ଶଙ୍ଖ ନଦୀରେ ହଠାତ୍ ପାଣିଆସିଯିବାରୁ ଓରାମ ସମାଜର କରମ ପୂଜା ପାଇଁ ନଦୀରୁ ପାଣି ଆଣିବାକୁ ଯାଇଥିବା ୫ ଜଣ ଛାତ୍ରୀ ଭାସିଯାଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ୨ ଜଣଙ୍କୁ ଉଦ୍ଧାର କରାଗଲା। ପୁଲିସ ଓ ଦମକଳ ବାହିନୀ ପହଞ୍ଚି ୩ ଜଣ ନାବାଳିକାଙ୍କ ମୃତଦେହ ଉଦ୍ଧାର କରିଛି। ମୃତକଙ୍କ ବୟସ ୮ରୁ ୧୦ ବର୍ଷ ହେବ। ତିନି ଛାତ୍ରୀଙ୍କ ମୃତ୍ୟୁ ପରେ ସ୍ଥାନୀୟ ଅଞ୍ଚଳରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଛି।

## ଅଗ୍ରଣୀ ସିଇଓମାନଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ସେମିକଣ୍ଡକ୍ଟର ଗୋଲଟେବୁଲ ବୈଠକ

ନୂଆଦିଲ୍ଲୀ, ୧୬।୯ (ମହାଭାରତ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ସେବା ତୀର୍ଥଠାରେ ଅଗ୍ରଣୀ ସିଇଓମାନଙ୍କ ସହ ସେମିକଣ୍ଡକ୍ଟର ଗୋଲଟେବୁଲ ବୈଠକରେ ଅଧ୍ୟକ୍ଷତା କରିଛନ୍ତି।

ଏହି ବୈଠକରେ ପ୍ରଧାନମନ୍ତ୍ରୀ ଭାରତର ପ୍ରଯୁକ୍ତିବିଦ୍ୟା ଭବିଷ୍ୟତକୁ ରୂପ ଦେବାରେ ସରକାର ଏବଂ ସେମିକଣ୍ଡକ୍ଟର ଶିଳ୍ପ ମଧ୍ୟରେ ଘନିଷ୍ଠ ସହଯୋଗର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ଭାରତର ପ୍ରତିଭା, ପ୍ରଯୁକ୍ତିବିଦ୍ୟା ଗ୍ରହଣ ଏବଂ ଭିତ୍ତିଭୂମିର ଦୃଢ଼ ମୂଳଦୁଆ ଉପରେ ଆଲୋକପାତ କରିଥିଲେ ଏବଂ ଦକ୍ଷତା, ନବସୃଜନ ଏବଂ ଏଆଇ ଏବଂ କ୍ୱାଣ୍ଟମ କମ୍ପ୍ୟୁଟିଂ ଭଳି ଉଦୀୟମାନ ପ୍ରଯୁକ୍ତିବିଦ୍ୟାରେ ଶିଳ୍ପମାନଙ୍କର ଅଧିକ ଅଂଶଗ୍ରହଣ ପାଇଁ ଆହ୍ୱାନ କରିଥିଲେ। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସରେ ଏକ କୋଟି ଲୋକଙ୍କୁ ତାଲିମ ଦେବାର ଲକ୍ଷ୍ୟ ବିଷୟରେ ଉଲ୍ଲେଖ କରି ସେ କହିଥିଲେ ଯେ ଭାରତର ପ୍ରତିଭା ଭଣ୍ଡାର, ବିଶ୍ୱ ଶିଳ୍ପ ନେତୃବର୍ଗଙ୍କ ଅଭିଜ୍ଞତା ଏବଂ ସାମର୍ଥ୍ୟ ସହିତ ମିଶି ଗୁରୁତ୍ୱପୂର୍ଣ୍ଣ ସୁଯୋଗ ସୃଷ୍ଟି କରିପାରିବ। ପ୍ରଧାନମନ୍ତ୍ରୀ କହିଥିଲେ ଯେ ଉଦୀୟମାନ ପ୍ରଯୁକ୍ତିବିଦ୍ୟାରେ ଭାରତ ପ୍ରାରମ୍ଭିକ ନେତୃତ୍ୱ ନେବାରେ ଆଗ୍ରହୀ ହେବା ଉଚିତ। ସେମିକଣ୍ଡକ୍ଟର କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି ବିଷୟରେ ଦର୍ଶାଇ ସେ କହିଥିଲେ ଯେ ଇକୋସିଷ୍ଟମ୍ ବର୍ତ୍ତମାନ ମୌଳିକ ପ୍ରୟାସରୁ ଅଧିକ ବ୍ୟାପକ ଏବଂ ସୁଯୋଗର ପର୍ଯ୍ୟାୟ ଆଡ଼କୁ ଗତି କରୁଛି। ପ୍ରଧାନମନ୍ତ୍ରୀ ଏକ ପୂର୍ବାନୁମାନଯୋଗ୍ୟ ଏବଂ ଉତ୍ତରଦାୟୀ ନୀତି ପରିବେଶ ପ୍ରତି ସରକାରଙ୍କ ପ୍ରତିବଦ୍ଧତାକୁ ଦୋହରାଇଥିଲେ ଏବଂ ବୈଷୟିକ ପ୍ରଗତି ଏବଂ ଶିଳ୍ପ ଆବଶ୍ୟକତା ଅନୁଯାୟୀ ନୀତି ବିକଶିତ ହେବା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ଶିଳ୍ପପତିମାନଙ୍କୁ ନୀତିଗତ ଏବଂ ପ୍ରଶାସନିକ ପଦକ୍ଷେପ ଉପରେ ପରାମର୍ଶ ସେୟାର କରିବା ପାଇଁ ନିମନ୍ତ୍ରଣ କରିଥିଲେ ଏବଂ ସେମାନଙ୍କୁ ଆଶ୍ୱାସନା ଦେଇଥିଲେ ଯେ ଏହି କ୍ଷେତ୍ରକୁ ଆହୁରି ମଜବୁତ କରିବା ପାଇଁ ସେମାନଙ୍କ ମତାମତ ଉପରେ ବିଚାର କରାଯିବ।

# ବିକାଶ ପଥରେ ପଶ୍ଚିମ ଓଡ଼ିଶା

ଭୁବନେଶ୍ୱର/ସମ୍ବଲପୁର, ୧୬।୯ (ମହାଭାରତ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମ୍ବଲପୁର ଗସ୍ତ ଅବସରରେ ଜିଲ୍ଲାବାସୀଙ୍କୁ ଆଜି ଏକାଧିକ ବିକାଶମୂଳକ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ସମ୍ବଲପୁରର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଠାରେ ଆୟୋଜିତ ଏକ ଭବ୍ୟ ସମାରୋହରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସମ୍ବଲପୁର ଏବଂ ସମଗ୍ର ପଶ୍ଚିମ ଓଡ଼ିଶାର ବିପର୍ଯ୍ୟୟ ପରିଚାଳନା ପାଇଁ ଅତ୍ୟାଧୁନିକ 'ମେକ୍ ଇନ୍ ଇଣ୍ଡିଆ' ଡପ୍‌ଲର ପାଣିପାଗ ରାଡାର୍‌ର ଶୁଭାରମ୍ଭ କରିବା ସହ ପ୍ରାୟ ୯୬୦ କୋଟି ଟଙ୍କାର ୫୦ଟି ଗୁରୁତ୍ୱପୂର୍ଣ୍ଣ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ

**୯୬୦ କୋଟିର ୫୦ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ**



ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସମ୍ବଲପୁର ହେଉଛି ପଶ୍ଚିମ ଓଡ଼ିଶାର କଳା, ସଂସ୍କୃତି ଓ ପରମ୍ପରାର ପ୍ରତୀକ ଏବଂ 'ସମୃଦ୍ଧ ଓଡ଼ିଶା ୨୦୩୬' ଗଠନ ସଂକଳ୍ପରେ ସମ୍ବଲପୁର ହେଉଛି ରାଜ୍ୟ ସରକାରଙ୍କ ବିକାଶ ଯାତ୍ରାର ମୁଖ୍ୟ କେନ୍ଦ୍ର।

ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣର ଆରମ୍ଭରେ ମା' ସମଲେଶ୍ୱରୀ, ବୀର ସୁରେନ୍ଦ୍ର ସାଏ, ଶହିଦ ମାଧୋ ସିଂ, ଛବିଲ ସାଏ, ସନ୍ଥକବି ଭୀମଭୋଇ ଓ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସେ କହିଥିଲେ ଯେ ସମ୍ବଲପୁରୀ ଭାଷା, ସଂସ୍କୃତି, ଗୀତ ଓ ଶାଢ଼ୀ ସମଗ୍ର ଆଞ୍ଚଳିକ ପରିଚୟର ଗୌରବ। ଆଜି ଉଦ୍‌ଘାଟିତ ଓ ଶିଳାନ୍ୟାସ ହୋଇଥିବା ୯୬୦ କୋଟି ଟଙ୍କାର ପ୍ରକଳ୍ପ ମଧ୍ୟରେ ୧୩୩.୪୭ କୋଟି ଟଙ୍କାର ୧୫ଟି ସମ୍ପୂର୍ଣ୍ଣ ପ୍ରକଳ୍ପର ଲୋକାର୍ପଣ ଏବଂ ୮୨୫.୮୩ କୋଟି ଟଙ୍କାର ୩୫ଟି ନୂତନ ପ୍ରକଳ୍ପର ଶିଳାନ୍ୟାସ ସାମିଲ ଅଛି। ଏଥିରେ ସ୍ୱାସ୍ଥ୍ୟ, ଗ୍ରାମ୍ୟ ଉନ୍ନୟନ (କୁଚିଣ୍ଡା ପାଇଁ ୬୦.୫୦ କୋଟି), କ୍ରୀଡ଼ା (୭୪.୭୨ କୋଟି), ସଡ଼କ ଓ କୋଠା ନିର୍ମାଣ (୫୮୫ କୋଟି) ଏବଂ ଜଳସମ୍ପଦ କ୍ଷେତ୍ରରେ ୨୨୦.୫୬ କୋଟି ଟଙ୍କାର ମେଗା ଲିଫ୍ଟ ଜଳସେଚନ ଓ ୮.୮୮ କୋଟି ଟଙ୍କାର କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଅନ୍ତର୍ଭୁକ୍ତ।

ମୁଖ୍ୟମନ୍ତ୍ରୀ ଦର୍ଶାଇଥିଲେ ଯେ ଗତ ଜାନୁଆରୀ ୨୦୨୬ରେ ସେ ୯୪୮ କୋଟି ଟଙ୍କାର ପ୍ରକଳ୍ପ ସହ ୫୦ଟି ବୈଦ୍ୟୁତିକ ବସ୍‌ର ଶୁଭାରମ୍ଭ କରିଥିଲେ। ଅଇଁଠାପାଲି ବସ୍ ଟର୍ମିନାଲ୍ ଓ ଏହାର ୧୦ ବର୍ଷର ରକ୍ଷଣାବେକ୍ଷଣ ପାଇଁ ୨୩୮.୧୪ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ସହରରେ ଜଳସଙ୍କଟ ଓ ଜଣ୍ଡିସ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଅମୃତ ୨.୦ ଅଧୀନରେ ୪୫୦ କୋଟି ଟଙ୍କାର 'ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍' ପ୍ରକଳ୍ପ ଜରିଆରେ ୪୧ଟି ୱାର୍ଡକୁ ୧୦୦ ନିୟୁତ ଲିଟର ବିଶୁଦ୍ଧ ଜଳ ଯୋଗାଇ ଦିଆଯିବ। ଏତଦ୍‌ବ୍ୟତୀତ, ବୁର୍ଲା ଓ ହୀରାକୁଦ ରିଙ୍ଗ୍ ରୋଡ୍, ରେମେଡ୍-ହୀରାକୁଦ ୪-ଲେନ୍ ରାସ୍ତା ଆଦିର ସମ୍ପ୍ରସାରଣ କାର୍ଯ୍ୟ ଦ୍ରୁତଗତିରେ ଚାଲିଛି। ଏହି ଗୋଟିଏ ବର୍ଷରେ ସେପ୍ଟେମ୍ବର ସୁଦ୍ଧା ସମ୍ବଲପୁର ପାଇଁ ପ୍ରାୟ ୧,୯୧୦ କୋଟି ଟଙ୍କାର ବିକାଶମୂଳକ କାର୍ଯ୍ୟ କରାଯାଇଛି। ଶାସନ ବ୍ୟବସ୍ଥାକୁ ଲୋକାଭିମୁଖୀ କରିବା ପାଇଁ ଭୁବନେଶ୍ୱର ବାହାରେ ସମ୍ବଲପୁରରେ ପ୍ରଥମ ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣାଣି ମଧ କରାଯାଇଥିଲା। ପଶ୍ଚିମ ଓଡ଼ିଶାର ଶିଳ୍ପ ବିକାଶ ଓ ନିଯୁକ୍ତି ସମ୍ପର୍କରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଲପଙ୍ଗାଠାରେ ହିଣ୍ଡାଲ୍‌କୋର ସମ୍ପ୍ରସାରଣ ପାଇଁ ୪୦,୦୦୦ କୋଟି ଏବଂ ରେଙ୍ଗାଲିଠାରେ ଜେଏସଡବ୍ଲୁ-ଜେଏଫଇ ଷ୍ଟିଲ୍ ଦ୍ୱାରା ୩୨,୦୦୦ କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ଏହା ସହିତ କୃଷି ଭବନ, ଛାତ୍ରୀ ନିବାସ, ସମ୍ବଲପୁର ଫୁଟବଲ୍ ଏକାଡେମୀର ଆଧୁନିକୀକରଣ ଏବଂ 'ହୀରାକୁଦ ଡ୍ୟାମ୍ ମାଷ୍ଟର ପ୍ଲାନ' ନିର୍ମାଣ କରାଯାଉଛି। ରାଜ୍ୟ ସରକାର ୨୦୩୬ ଶତାବ୍ଦୀ ପୂର୍ତ୍ତି ସୁଦ୍ଧା ଓଡ଼ିଶାକୁ ୫୦୦ ବିଲିୟନ ଡଲାର ଏବଂ ୨୦୪୭ ସୁଦ୍ଧା ୧.୫ ଟ୍ରିଲିୟନ ଡଲାରରେ ଅର୍ଥବ୍ୟବସ୍ଥାରେ ପରିଣତ କରିବାକୁ ଲକ୍ଷ୍ୟ ରଖିଛନ୍ତି। ନାରୀ ସଶକ୍ତିକରଣକୁ ଗୁରୁତ୍ୱ ଦେଇ ସେ କହିଛନ୍ତି ଯେ 'ସୁଭଦ୍ରା', 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ' ଓ 'କନ୍ୟା ସୁମଙ୍ଗଳ' ଯୋଜନା ମାଧ୍ୟମରେ ମହିଳାମାନଙ୍କୁ ଆଗକୁ ନିଆଯାଉଛି ଏବଂ ରାଜ୍ୟ ବଜେଟର ୪୦ ପ୍ରତିଶତ ମହିଳାଙ୍କ ପାଇଁ ବ୍ୟୟ ହେଉଛି। କେନ୍ଦ୍ର ଓ ରାଜ୍ୟର 'ଡବଲ ଇଞ୍ଜିନ' ସରକାରର ସଫଳତା ଗଣାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଓଡ଼ିଶାକୁ ୯୦ ହଜାର କୋଟିର ରେଳ, ୪୦ ହଜାର କୋଟିର ସଡ଼କ, ୨୫ ହଜାର କୋଟିର ବନ୍ଦର ଏବଂ ୨୫ ହଜାର କୋଟି ଟଙ୍କାର ଜାହାଜ ନିର୍ମାଣ ପ୍ରକଳ୍ପ ମିଳିଛି। ସମ୍ବଲପୁରରେ ୧,୫୨୧ କୋଟି ଟଙ୍କାର ୪-ଲେନ୍ ବାଇପାସ୍, ଭିମସାରର ୧,୭୦୦ କୋଟିର ସମ୍ପ୍ରସାରଣ, ୧୦୦ କୋଟିର ଆକ୍ୱାଆ ପାର୍କ, ଏବଂ ୧୦୦ କୋଟି ଟଙ୍କାର 'ସମଲେଇ ଫେଜ୍-୨' କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ 'ରଙ୍ଗବତୀ' ଗୀତର ତିନିଜଣ ସ୍ରଷ୍ଟା ଓ ଶିଳ୍ପୀଙ୍କୁ ପଦ୍ମଶ୍ରୀ ସମ୍ମାନରେ ବିଭୂଷିତ କରାଯିବା ପ୍ରସଙ୍ଗ ଉଲ୍ଲେଖ କରି ସେ ସଂସ୍କୃତି ପ୍ରତି କେନ୍ଦ୍ର ସରକାରଙ୍କ ସମ୍ମାନକୁ ପ୍ରଶଂସା କରିଥିଲେ।

## ସମ୍ବଲପୁରରେ ଦେଶର ୫୧ତମ ଡପ୍‌ଲର ପାଣିପାଗ ରାଡାର୍ ଲୋକାର୍ପିତ

ଗଣମାଧ୍ୟମକୁ ସ୍ୱତନ୍ତ୍ର ବିବୃତ୍ତି ପ୍ରଦାନ କରୁ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସମ୍ବଲପୁରଠାରେ ସ୍ଥାପିତ ଡପ୍‌ଲର ପାଣିପାଗ ରାଡାର୍‌ର ସ୍ୱତନ୍ତ୍ର ଆଞ୍ଚଳିକ ଗୁରୁତ୍ୱ ରହିଥିବା ବେଳେ ଏହାଦ୍ୱାରା ଓଡ଼ିଶାର ଏକ ବ୍ୟାପକ ଅଞ୍ଚଳ ପାଣିପାଗ ପୂର୍ବାନୁମାନ ବ୍ୟବସ୍ଥା ସହିତ ସାମିଲ ହୋଇ ପାରିଛି। ସେ କହିଥିଲେ ଯେ ପାରାଦୀପ ଓ ଗୋପାଳପୁର ପରେ ଏହା ରାଜ୍ୟର ତୃତୀୟ ଡପଲର ରାଡାର। ୨୪ ଘଣ୍ଟା କାର୍ଯ୍ୟକ୍ଷମ ଏହି ରାଡାର ୨୫୦ କିଲୋମିଟର ପରିଧି ମଧ୍ୟରେ ସଠିକ୍ ତଥ୍ୟ ଏବଂ ୪୫୦ କିଲୋମିଟର ପର୍ଯ୍ୟନ୍ତ ପାଣିପାଗର ଗତିବିଧି ପୂର୍ବାନୁମାନ କରିପାରିବ। ଏହାଦ୍ୱାରା ସମ୍ବଲପୁର, ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ଦେବଗଡ଼, ସୁବର୍ଣ୍ଣପୁର, ବଲାଙ୍ଗୀର, ବୌଦ୍ଧ, ନୂଆପଡ଼ା, ଅନୁଗୁଳ, କଳାହାଣ୍ଡି, କେନ୍ଦୁଝର ଓ ଢେଙ୍କାନାଳ ଆଦି ୧୩ଟି ଜିଲ୍ଲା ସହ ଛତିଶଗଡ଼ ଓ ଝାଡ଼ଖଣ୍ଡର କିଛି ଅଞ୍ଚଳ ଉପକୃତ ହେବେ। ପ୍ରାକ୍-ମୌସୁମୀ ବଜ୍ରଝଡ଼, ବଜ୍ରପାତ ଓ କୁଆପଥର ବର୍ଷାର ଆଗୁଆ ସୂଚନା ମିଳିବା ଫଳରେ ଓଡ଼ିଶାର 'ଭାତ ହାଣ୍ଡି' ବରଗଡ଼ ସମେତ ସମଗ୍ର ମହାନଦୀ ଅବବାହିକାର ଚାଷୀମାନେ ବିଶେଷ ଉପକୃତ ହେବେ। ଏହି ରାଡାର ପ୍ରତି ୧୦ ମିନିଟ୍‌ରେ ୧୫୦ ମିଟର ରିଜୋଲୁସନରେ ବୃଷ୍ଟିପାତର ଆକଳନ କରି ହୀରାକୁଦ ଜଳଭଣ୍ଡାରର ଜଳପ୍ରବାହ ପରିଚାଳନାକୁ ଅଧିକ ସୁଦୃଢ଼ କରିବ।

# ଇପିଏଫଓ ଦରମା ସୀମା ୨୫ ହଜାରକୁ ବୃଦ୍ଧି

ନୂଆଦିଲ୍ଲୀ, ୧୬।୯: ଦେଶର କର୍ମଜୀବୀଙ୍କ ସାମାଜିକ ସୁରକ୍ଷାକୁ ଅଧିକ ବ୍ୟାପକ ତଥା ସୁଦୃଢ଼ କରିବା ଦିଗରେ କେନ୍ଦ୍ର ସରକାର ଏକ ଐତିହାସିକ ନିଷ୍ପତ୍ତି ଗ୍ରହଣ କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ କର୍ମଚାରୀ ଭବିଷ୍ୟ ନିଧି ସଂଗଠନ (ଇପିଏଫଓ) ଅଧୀନରେ ବାଧ୍ୟତାମୂଳକ ୱେଜ୍ ସିଲିଂ ବା ଦରମା ସୀମାକୁ ମାସିକ ୧୫,୦୦୦ ଟଙ୍କାରୁ ୨୫,୦୦୦ ଟଙ୍କାକୁ ବୃଦ୍ଧି କରିବା ପାଇଁ ଶ୍ରମ ଓ ନିଯୋଜନ ମନ୍ତ୍ରଣାଳୟର ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି । ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଫଳରେ ଦେଶର ପ୍ରାୟ ୫୧ ଲକ୍ଷରୁ ଅଧିକ ନୂତନ କର୍ମଚାରୀ ବାଧ୍ୟତାମୂଳକ ଭାବେ ଇପିଏଫଓ ସୁରକ୍ଷା ପରିସରଭୁକ୍ତ ହେବେ, ଯାହା ଶ୍ରମିକମାନଙ୍କ ଦୀର୍ଘକାଳୀନ ଅବସରକାଳୀନ ସୁରକ୍ଷାକୁ ବହୁଗୁଣିତ କରିବ ।

୨୦୦୪ରୁ ୨୦୧୪ ମସିହା ପର୍ଯ୍ୟନ୍ତ ଏହି ସୀମା ଅପରିବର୍ତ୍ତିତ ରହିବା ପରେ ସେପ୍ଟେମ୍ବର ୨୦୧୪ରେ ଏହାକୁ ୧୫,୦୦୦ ଟଙ୍କା କରାଯାଇଥିଲା । ବିଗତ ବର୍ଷଗୁଡ଼ିକରେ କର୍ମଚାରୀଙ୍କ ହାରାହାରି ବେତନ ବୃଦ୍ଧି, ବଢୁଥିବା ଆୟ ଏବଂ ଆନୁଷ୍ଠାନିକ କ୍ଷେତ୍ରରେ ନିଯୁକ୍ତିର ସମ୍ପ୍ରସାରଣକୁ ଦୃଷ୍ଟିରେ ରଖି ଦୀର୍ଘ ୧୨ ବର୍ଷ ପରେ ଏହି ସୀମାକୁ ୨୫,୦୦୦ ଟଙ୍କାକୁ ବୃଦ୍ଧି କରାଯାଇଛି । ପୂର୍ବ ନିୟମ ଅନୁସାରେ ୧୫,୦୦୦ ଟଙ୍କାରୁ ଅଧିକ ଦରମାରେ ଚାକିରିରେ ଯୋଗ ଦେଉଥିବା ନୂଆ କର୍ମଚାରୀମାନେ ସ୍ୱତଃପ୍ରବୃତ୍ତ ଭାବେ ଇପିଏଫ୍ ସୁବିଧା ପାଉନଥିଲେ । ମାତ୍ର ବର୍ତ୍ତମାନର ସଂଶୋଧନ ପରେ ୧୫,୦୦୦ରୁ ୨୫,୦୦୦ ଟଙ୍କା ବେତନ ବର୍ଗ ମଧ୍ୟରେ ଥିବା ଏକ ବିଶାଳ କର୍ମଚାରୀ ବର୍ଗ ସିଧାସଳଖ ଭାବେ ଏହି ସାମ୍ବିଧାନିକ ସାମାଜିକ ସୁରକ୍ଷା ଜାଲ ମଧ୍ୟକୁ ଆସିପାରିବେ ।




ଏହି ସୀମା ବୃଦ୍ଧି ଫଳରେ ଅନ୍ତର୍ଭୁକ୍ତ ହେବାକୁ ଥିବା ସମସ୍ତ କର୍ମଚାରୀ ଇପିଏଫଓ ଅଧୀନରେ ଥିବା ତିନୋଟି ପ୍ରମୁଖ ଯୋଜନା ଯଥା— କର୍ମଚାରୀ ଭବିଷ୍ୟ ନିଧି (ଇପିଏଫ), କର୍ମଚାରୀ ପେନସନ୍ ଯୋଜନା (ଇପିଏସ) ଏବଂ କର୍ମଚାରୀ ଡିପୋଜିଟ୍ ଲିଙ୍କ୍‌ଡ ଇନ୍ସୁରାନ୍ସ (ଇଡିଏଲଆଇ) ମାଧ୍ୟମରେ ସଞ୍ଚୟ, ପେନସନ୍ ଓ ବୀମା ସୁରକ୍ଷାର ସୁଫଳ ପାଇପାରିବେ । ଏହା କେବଳ କର୍ମଚାରୀଙ୍କୁ ଭବିଷ୍ୟତ ସୁରକ୍ଷା ଯୋଗାଇବ ତାହା ନୁହେଁ, ବରଂ ନିଯୁକ୍ତିଦାତାଙ୍କ ପାଇଁ ମଧ ଦକ୍ଷ ଶ୍ରମିକମାନଙ୍କୁ ଦୀର୍ଘ ଦିନ ଧରି ନିଜ ସଂସ୍ଥାରେ ବଜାୟ ରଖିବା ସହ କର୍ମଚାରୀଙ୍କ ମନୋବଳ ବୃଦ୍ଧିରେ ସହାୟକ ହେବ। ଏହି ବ୍ୟବସ୍ଥା ଦେଶରେ ଆନୁଷ୍ଠାନିକ ନିଯୁକ୍ତି ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବ ।

ବ୍ୟୟ ଅର୍ଥ କମିଟି (ଇଏଫସି) ଦ୍ୱାରା ଅନୁମୋଦିତ ଏହି ପ୍ରସ୍ତାବ ବାବଦରେ ସରକାରଙ୍କ ବାର୍ଷିକ ବଜେଟ୍ ସହାୟତା ପୂର୍ବର ୧୦,୨୫୦ କୋଟିରୁ ବୃଦ୍ଧି ପାଇ ପ୍ରାୟ ୧୧,୩୩୯ କୋଟି ଟଙ୍କାରେ ପହଞ୍ଚିବ ଏବଂ ଆଗାମୀ ୫ ବର୍ଷରେ ସରକାର ପ୍ରାୟ ୫୬,୬୯୬ କୋଟି ଟଙ୍କା ବ୍ୟୟ କରିବେ । ସମ୍ପ୍ରତି ଇପିଏଫଓ ବିଶ୍ୱର ଅନ୍ୟତମ ବୃହତ୍ ସାମାଜିକ ସୁରକ୍ଷା ସଂସ୍ଥା ଭାବେ ପ୍ରାୟ ୭.୯୮ କୋଟି ସଦସ୍ୟ ଏବଂ ୮୨ ଲକ୍ଷ ପେନସନଭୋଗୀଙ୍କୁ ସେବା ପ୍ରଦାନ କରୁଛି। 'ବିକଶିତ ଭାରତ @୨୦୪୭' ଲକ୍ଷ୍ୟ ଦିଗରେ ଏହି ପଦକ୍ଷେପ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସାବ୍ୟସ୍ତ ହୋଇଥିବା ବେଳେ ଶ୍ରମ ମନ୍ତ୍ରଣାଳୟ ଖୁବ୍ ଶୀଘ୍ର ଏହାର ବିଧିବଦ୍ଧ କାର୍ଯ୍ୟକାରିତା ପ୍ରକ୍ରିୟା ଆରମ୍ଭ କରିବ ବୋଲି ସୂଚନା ମିଳିଛି ।

## ବଜ୍ରପାତରେ ୨ ମୃତ

ଆନନ୍ଦପୁର, ୧୬।୯ (ମହାଭାରତ): ଆନନ୍ଦପୁର ଅଞ୍ଚଳରେ ବଜ୍ରାଘାତ ନେଇଛି ଦୁଇ ଜୀବନ। ଭିନ୍ନ ଭିନ୍ନ ଦୁଇଟି ଯାଗାରେ ଜଣେ ଯୁବକ ଓ ଜଣେ ମହିଳାଙ୍କର ମୃତ୍ୟୁ ଘଟିଛି। ପ୍ରଥମ ଘଟଣା ଆନନ୍ଦପୁର ଥାନା ପଦ୍ମପୁର ଗାଁରେ ଘଟିଥିବା ବେଳେ ଦ୍ୱିତୀୟ ଘଟଣାଟି କଣ୍ଟିପାଳ ଗାଁରେ ଘଟିଛି। ବିଲରେ କାମ କରିବାକୁ ଯାଇଥିବା ବେଳେ ହଠାତ୍ ବଜ୍ରାଘାତର ଶିକାର ହୋଇଥିଲେ ପଦ୍ମପୁର ଗାଁର ପପୁ ସାହୁ। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିବାବାର ସୂଚନା ମିଳିଛି । ସେହିପରି କଣ୍ଟିପାଳ ଗାଁରେ ମଧ ବଜ୍ରାଘାତରେ ଜଣେ ମହିଳାଙ୍କ ଜୀବନ ଯାଇଛି। ମହିଳା ଜଣକ ଘର ଦୁଆରମୁହଁକୁ ବାହାରି ଆସିଥିବା ସମୟରେ ହଠାତ୍ ବଜ୍ରାଘାତ ହୋଇଥିବା ଜଣାପଡ଼ିଛି। ଏଥିରେ ତାଙ୍କର ମୃତ୍ୟୁ ଘଟିଛି। ମୃତ ମହିଳାଙ୍କ ନାମ ସବିତା ବାରିକ ବୋଲି ଜଣାପଡ଼ିଛି। ଗୋଟିଏ ଦିନରେ ଭିନ୍ନ ଦୁଇଟି ଘଟଣାରେ ଦୁଇ ଜଣଙ୍କ ମୃତ୍ୟୁକୁ ନେଇ ଆନନ୍ଦପୁର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଦୁଇ ପରିବାରରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

## ଭାରତୀୟ ନୌସେନା ଜାହାଜ ସହ ପିଟି ହେଲା ପାକିସ୍ତାନ ସେନା ଜାହାଜ

ନୂଆଦିଲ୍ଲୀ, ୧୬।୯ (ମହାଭାରତ): ଅନ୍ତର୍ଜାତୀୟ ଜଳ ରାଶିରେ ବଡ ଅଘଟଣ। ପାକିସ୍ତାନ ନୌସେନାର ଗୋଟିଏ ଜାହାଜ ହଠାତ୍ ଭାରତୀୟ ନୌସେନାର ଜାହାଜକୁ ଦେଇଛି ଧକ୍କା। ଏହି ଘଟଣାକୁ ନେଇ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଛି। ଭାରତ ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ଦୃଢ଼ ପ୍ରତିବାଦ କରିଛି। ଭାରତରେ ଅବସ୍ଥିତ ପାକିସ୍ତାନ ହାଇକମିଶନର ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ବୈଦେଶିକ ମନ୍ତ୍ରଣାଳୟ ସମନ କରିଛି। ସମୁଦ୍ରରେ ପାକିସ୍ତାନ ନୌସେନାର ଏପରି ଆଚରଣ ଆଦୌ ଗ୍ରହଣୀୟ ନୁହେଁ ଓ ପାକିସ୍ତାନର ଆଚରଣ ସଂପୂର୍ଣ୍ଣ ଅଣପେସାଦାର ବୋଲି ଭାରତ ପକ୍ଷରୁ କୁହାଯାଇଛି। ଗତବର୍ଷର ଅପରେସନ ସିନ୍ଦୂର ପରଠାରୁ ଭାରତ ଓ ପାକିସ୍ତାନ ମଧ୍ୟରେ ତିକ୍ତତା ଚାଲିଥିବା ବେଳେ ଏପରି ଘଟଣା ସାମ୍ନାକୁ ଆସିଛି। ପୂରା ଘଟଣା ସେପ୍ଟେମ୍ବର ୧୫ ତାରିଖ ସନ୍ଧ୍ୟା ସମୟରେ ଘଟିଥିଲା। ଭାରତୀୟ ଯୁଦ୍ଧ ଜାହାଜ ଉତ୍ତର ଆରବ ସାଗରରେ ନିୟମିତ ସର୍ଭିଲାନ୍ସ କାମରେ ନିୟୋଜିତ ଥିଲା। ଏହି ସମୟରେ ପାକିସ୍ତାନୀ ନୌସେନାର ଗୋଟିଏ ଜାହାଜ ଦ୍ରୁତଗତିରେ ସେଠାରେ ପହଞ୍ଚିବା ସହ ଭାରତୀୟ ଜାହାଜକୁ ଧକ୍କା ଦେଇଥିଲେ। ଗୋଟିଏ ବିବୃତିରେ ବୈଦେଶିକ ମନ୍ତ୍ରଣାଳୟ କହିଛି ଯେ ଘଟଣା ଅନ୍ତର୍ଜାତୀୟ ଜଳରେ ଘଟିଥିବା ବେଳେ ଏଥିରେ କୌଣସି ବଡଧରଣର କ୍ଷୟକ୍ଷତି ହୋଇନାହିଁ। କିନ୍ତୁ ପାକିସ୍ତାନୀ ନୌସେନା ଜାହାଜର ଏପରି ଆଚରଣ ୧୯୯୧ ମସିହାରେ ହୋଇଥିବା ଚୁକ୍ତିର ଧାରା ୧୦ର ସିଧା ଉଲ୍ଲଙ୍ଘନ। ଏହି ଧାରାରେ ଭାରତ ଓ ପାକିସ୍ତାନ କୌଣସି ସାମରିକ ଅଭ୍ୟାସ, ଯୁଦ୍ଧାଭ୍ୟାସ ଓ ସେନା ବାହିନୀ ଚଳପ୍ରଚଳ କରିବା ସମୟରେ ଆଗରୁ ସୂଚନା ଦେବାକୁ ବାଧ୍ୟ ବୋଲି କୁହାଯାଇଛି।

## ବିକ୍ରମ ପଣ୍ଡାଙ୍କ ନାଁରେ ପୁଣି ମାମଲା

ଭୁବନେଶ୍ୱର, ୧୬।୯ : ବହୁ ଚର୍ଚ୍ଚିତ ପୀତବାସ ପଣ୍ଡା ହତ୍ୟା ମାମଲାରେ ଗିରଫ ହୋଇ ୧୦ ମାସ ଜେଲ୍‌ରେ ରହିବା ପରେ ନିକଟରେ ଜାମିନରେ ଆସିଥିବା ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ ନାଁରେ ପୁଣି ଏକ ମାମଲା ରୁଜୁ ହୋଇଛି। ସାକ୍ଷୀଙ୍କୁ ଫୋନ୍‌ରେ ଧମକଚମକ ଦେବା ଅଭିଯୋଗରେ ଏହି ମାମଲା ରୁଜୁ କରାଯାଇଛି। ଅଭିଯୋଗ ଅନୁଯାୟୀ, ଜେଲ୍ ଭିତରେ ସେ ଜଣେ ଡାକ୍ତରଙ୍କ ଫୋନ୍ ନେଇ ସାକ୍ଷୀଙ୍କୁ ଧମକାଇ ଥିଲେ। ଏନେଇ ଗୋଷାଣୀ ନୂଆଗାଁ ଥାନାରେ ଏତଲା ପରେ ମାମଲା ରୁଜୁ ହୋଇଛି। ସେହିପରି ମଦନ ଦଳାଇଙ୍କ ନାଁରେ ମଧ ରୁଜୁ ହୋଇଛି ସାନି ମାମଲା। ଅଗଷ୍ଟ ୩୧ ତାରିଖରେ ତାଙ୍କୁ ହାଇକୋର୍ଟରୁ ସର୍ତ୍ତମୂଳକ ଜାମିନ ମିଳିବା ପରେ ସେପ୍ଟେମ୍ବର ୧ ତାରିଖ ସନ୍ଧ୍ୟାରେ ସେ ବ୍ରହ୍ମପୁର ଜେଲ୍‌ରୁ ମୁକୁଳିଥିଲେ। ବିକ୍ରମ ପଣ୍ଡା ଜେଲ୍‌ରୁ ବାହାରିବା ପରେ ଦଳୀୟ ନେତା ଓ କର୍ମୀମାନେ ତାଙ୍କୁ ଶୋଭାଯାତ୍ରାରେ ପାଛୋଟି ନେଇଥିଲେ। ବିକ୍ରମ ପଣ୍ଡାଙ୍କୁ ଗିରଫଦାରୀର ଆଧାର/କାରଣ ସଂକ୍ରାନ୍ତରେ ଗିରଫ ବେଳେ ଅବଗତ କରାଯାଇ ନଥିଲା ବୋଲି ଶୁଣାଣି ବେଳେ ସ୍ପଷ୍ଟ ହୋଇଥିଲା। ଗିରଫ କରିଥିବା ଅଧିକାରୀ ଏହି ପ୍ରସଙ୍ଗରେ ଆଇନରେ ଥିବା ବ୍ୟବସ୍ଥା ପାଳନ କରି ନଥିଲେ। ସମ୍ବିଧାନର ଧାରା ୨୨(୧) ଓ ଭାରତୀୟ ନାଗରିକ ସୁରକ୍ଷା ସଂହିତା, ୨୦୨୩ର ଧାରା ୪୭ ଓ ୪୮ରେ ରହିଥିବା ବ୍ୟବସ୍ଥା ଅନୁସାରେ ତଥା ସୁପ୍ରିମକୋର୍ଟଙ୍କ ରାୟ ଅନୁଯାୟୀ ଶ୍ରୀ ପଣ୍ଡାଙ୍କୁ ଗିରଫଦାରୀର କାରଣ ସଂକ୍ରାନ୍ତରେ ଅବଗତ କରାଯାଇ ନଥିଲା।

## ଆଲୁ ପୁରି'

**ଆବଶ୍ୟକ ସାମଗ୍ରୀ :** ଅଟା, ଆଲୁ, କଟାକଂଚାଲଙ୍କା, ଅଳ୍ପ ହଳଦୀ, ଲାଲ୍ ଲଙ୍କାଗୁଣ୍ଡ, ତେଲ, ଲୁଣ, ଜୁଆଣୀ ଓ କସ୍ତୁରୀ ମେଥି।

**ପ୍ରସ୍ତୁତ ପ୍ରଣାଳୀ :** ପ୍ରଥମେ ଅଟା ସହ ଲୁଣ ମିଶାଇ ଛାଲୁଣୀରେ ଚଲାଇ ନିଅନ୍ତୁ। ଏଥିରେ ଜୁଆ ।ଣୀ ଓ କସ୍ତୁରୀ ମେଥି ମିଶାଇ ଅଳ୍ପ ଅଳ୍ପ ପାଣି ଦେଇ ଭଲଭାବେ ଦଳିଦିଅନ୍ତୁ। ଏହାକୁ ଏକ ଦୋକନାରେ ଅଧଘଂଟା ଘୋଡ଼ାଇ ରଖନ୍ତୁ। ଏବେ ଆଳୁକୁ ସିଝାଇ, ଚୋପା ଛଡ଼ାଇ କଟା ଲଙ୍କା, ତେଲ, ଲୁଣ, ହଳଦୀ ଓ ଲାଲ୍ ଲଙ୍କାଗୁଣ୍ଡ ମିଶାଇ ଭଲକରି ଚକଟି ଦିଅନ୍ତୁ। ଏବେ ଦଳା ହୋଇଥିବା ଅଟାରୁ ଛୋଟ ଛୋଟ ଗୁଳା ପ୍ରସ୍ତୁତ କରନ୍ତୁ ଓ ଏଗୁଡ଼ିକୁ ପୁରି ପରି ବେଲନ୍ତୁ। ଏବେ ପୁରି ମଝିରେ ଆଳୁପୁର ରଖି ଚାରିପଟୁ ବନ୍ଦ କରି ଏହାକୁ ପୁଣି ଗୁଳା କରି ଆଉଥରେ ବେଲି ଦିଅନ୍ତୁ। ବର୍ତମାନ କଡ଼େଇରେ ତେଲ ଗରମ କରି ଏଗୁଡ଼ିକୁ ଛାଣିନ୍ତୁ। ବର୍ତ୍ତମାନ ପ୍ରସ୍ତୁତ ହୋଇଗଲା ଗରମା ଗରମ ନ୍ତଆଲୁ ପୁରି।



..... ଖବର .....

# ବିଶ୍ୱକର୍ମା ପୂଜା



ବିଶ୍ୱକର୍ମା ପୂଜା ହେଉଛି ହିନ୍ଦୁ ଧର୍ମର ଅନ୍ୟତମ ପ୍ରମୁଖ ପର୍ବ, ଯାହା ବିଶ୍ୱର ସୃଷ୍ଟିକର୍ତ୍ତା, ଦିବ୍ୟ ଶିଳ୍ପୀ ଏବଂ ପ୍ରଥମ ଇଞ୍ଜିନିୟର ଭଗବାନ ବିଶ୍ୱକର୍ମାଙ୍କ ଉଦ୍ଦେଶ୍ୟରେ ପାଳନ କରାଯାଏ। ପ୍ରତିବର୍ଷ ସୂର୍ଯ୍ୟଙ୍କର କନ୍ୟା ସଂକ୍ରାନ୍ତି ଦିନ (ସାଧାରଣତଃ ସେପଟ୍ମ୍ବର ୧୭ ତାରିଖ) ଏହି ପୂଜା ଅନୁଷ୍ଠିତ ହୁଏ। ଏହା କାରିଗର ଓ ଶିଳ୍ପୀଙ୍କ ପର୍ବ: ବିଶେଷ କରି ଇଞ୍ଜିନିୟର, କାରିଗର, ଗାଡ଼ି ଚାଳକ, କାରଖାନା ଶ୍ରମିକ, ଟେକ୍ନିସିଆନ୍, ଏବଂ ନିର୍ମାଣ କାର୍ଯ୍ୟରେ ନିୟୋଜିତ ବ୍ୟକ୍ତିମାନେ ଏହି ଦିନ ନିଜର ଯନ୍ତ୍ରପାତି ଓ କର୍ମକ୍ଷେତ୍ରକୁ ପୂଜାର୍ଚ୍ଚନା କରନ୍ତି।କାର୍ଯ୍ୟକ୍ଷେତ୍ରର ସୁରକ୍ଷା ଓ ସମୃଦ୍ଧି: ଯନ୍ତ୍ରପାତି ଯେପରି ସୁଚାରୁ ରୂପେ ଚାଲିବ, କାର୍ଯ୍ୟକ୍ଷେତ୍ରରେ କୌଣସି ଦୁର୍ଘଟଣା ଘଟିବ ନାହିଁ ଏବଂ ବ୍ୟବସାୟରେ ଉନ୍ନତି ହେବ - ଏହି କାମନା ନେଇ ଭଗବାନ ବିଶ୍ୱକର୍ମାଙ୍କ ଆଶୀର୍ବାଦ ଭିକ୍ଷା କରାଯାଏ।

ସଫାସୁତୁରା ଓ ସଜାସଜି: ପୂଜା ପୂର୍ବରୁ ସମସ୍ତ ଗାଡ଼ି, କଳକାରଖାନା, ଯନ୍ତ୍ରପାତି, ଓ ଅଫିସ ଉପକରଣକୁ ଭଲ ଭାବରେ ସଫା କରାଯାଏ।

ସୂତା/ମାଳ ଅର୍ପଣ: ଯନ୍ତ୍ରପାତି, ଯାନବାହାନ (ବାଇକ୍, କାର, ଟ୍ରକ୍) ଏବଂ କମ୍ପ୍ୟୁଟର/ଟୁଲ୍ସରେ ଚନ୍ଦନ, ସିନ୍ଦୂର, ଫୁଲ ମାଳ ଓ ନାଲି ଧାଗା (ରକ୍ଷା ସୂତ୍ର) ବନ୍ଧାଯାଏ।

ମଣ୍ଡପ ନିର୍ମାଣ: ବିଶ୍ୱକର୍ମାଙ୍କ ମୂର୍ତ୍ତି କିମ୍ବା ଛବି ସ୍ଥାପନ କରି ଧୂପ, ଦୀପ, ନୈବେଦ୍ୟ, ଫଳମୂଳ, ଏବଂ ମିଠା ଅର୍ପଣ କରାଯାଏ।

ଯନ୍ତ୍ର ପୂଜା: ପୂଜା ଦିନ ଶ୍ରମିକ ଓ କାରିଗରମାନେ ସାଧାରଣତଃ ନିଜ ଯନ୍ତ୍ରପାତି ବ୍ୟବହାର ନକରି ସେଗୁଡ଼ିକୁ ବିଶ୍ରାମ ଦିଅନ୍ତି ଏବଂ କେବଳ ପୂଜାର୍ଚ୍ଚନା କରନ୍ତି।

## ଘରକରଣା



ଗୋଲାପ ଜାମୁ ନରମ ଏବଂ ଭଲ ହେବା ପାଇଁ ଗୋଲାପଜାମୁ ସାମଗ୍ରୀକୁ ୧୦ ମିନିଟ୍ ପର୍ଯ୍ୟନ୍ତ ପ୍ରେସରକୁକରରେ ବସାଇ ୧୦ ମିନିଟ୍ ପର୍ଯ୍ୟନ୍ତ ରଖନ୍ତୁ। ତା'ପରେ ପ୍ରସ୍ତୁତ କରନ୍ତୁ।

ଦହିବରା ସଫେଦ ଏବଂ ମୁଲାୟମ ହେବାପାଇଁ ଡାଲିରେ କିଛି ମଇଦା ମିଶାନ୍ତୁ।

ଟମାଟୋ କ୍ୟାଚଅପ ପ୍ରସ୍ତୁତି ସମୟରେ ଟମାଟୋ ସହିତ ଖଟା ଅଙ୍ଗୁର ମିଶାନ୍ତୁ। କ୍ୟାଚଅପ ସ୍ୱାଦିଷ୍ଟ ହେବ।

ଅଣ୍ଡା ଫେଣ୍ଟିବା ସମୟରେ ସେଥିରେ କିଛି ଲେମ୍ବୁରସ ମିଶାଇଲେ ଆମଲେଟ ଭଲ ହୁଏ। ଯଦି ଏଥିରେ ଦହି ମିଶାଇବେ ଆମଲେଟର ସ୍ୱାଦ ଦ୍ୱିଗୁଣ ହେବ।

ଇଡ୍ଲି ଘୋଳ ଅଧିକ ପତଳା ହୋଇଗଲେ ସେଥିରେ ଭଜା ରାଗ୍ୱିମିଶାଇ ଦିଅନ୍ତୁ।

ନିଜର କିଚେନ ଗେଜେଟ୍ସରେ ସର୍ବଦା ଥ୍ରୀପିନ ପ୍ଲଗ ବ୍ୟବହାର କରନ୍ତୁ। କାରଣ ଟୁପିନ ପ୍ଲଗରେ କରେଣ୍ଟ ମାରିବାର ଭୟଥାଏ।

ଫ୍ରିଜରେ କିଛି ଲୁଣ ପକାଇଦେଲେ ଆଇସଟ୍ରେ ଫ୍ରିଜର ଭିତରେ ଲାଗିଯାଏ ନାହିଁ।

ବିଜୁଳି ସକେଟ ଏବଂ ଗ୍ୟାସ ଚୁଲା ମଧ୍ୟରେ ସର୍ବଦା ପର୍ଯ୍ୟାପ୍ତ ବ୍ୟବଧାନ ରଖନ୍ତୁ।

ରୋଷେଇ ଘର ଝରକାରେ ଜାଲି ଲଗାନ୍ତୁ। ଫଳରେ ପବନ ପାସ୍ ହେବା ଏବଂ ନିଆଁ ଲାଗିବାର ଭୟ ରହିବ ନାହିଁ।

ସପ୍ତାହକୁ ଥରେ ନିମ୍ବପତ୍ରକୁ ପାଣିରେ ସିଝାଇ ସେହିପାଣିରେ ଘର ସଫା କରନ୍ତୁ। ଘରର ବିଷାକ୍ତ କୀଟାଣୁ ମରିଯିବେ।

ବିସ୍କୁଟକୁ ଅଧିକ ଦିନ ସତେଜ ତଥା କୁଡ୍‌କୁଡ୍ ରଖିବା ପାଇଁ ସେଥିରେ କିଛି ଚିନି ପକାଇ ଦିଅନ୍ତୁ।

କଡିରେ ଲୁଣ ଅଧିକ ହୋଇଗଲେ ସେଥିରେ କିଛି ଜିରାଗୁଣ୍ଡ ଓ ନଡିଆ କାଟି ପକାଇ ଦିଅନ୍ତୁ।

# ଘରେ ଲଗାନ୍ତୁ ଏହି ଗଛ, ହେବେନାହିଁ ମଶା

ବର୍ଷା ଋତୁରେ ଘଲେ ମଶାଙ୍କ ରାଜ୍ ଫ ଅଧିକାଂଶ ରୋଗର କାରଣ ହୋଇଥାନ୍ତି ମଶା ଫ ଏମାନଙ୍କୁ ରୋକିବାକୁ ଅନେକ ପ୍ରକ୍ରିୟା ଆପଣାଇଲେ ମଧ ଏଥିରୁ ବଞ୍ଚି ଯାଇଥାନ୍ତି ମଶା । ମଶାଙ୍କୁ ଏଡାଇବା ପାଇଁ ପରିଷ୍କାର ପରିଚ୍ଛନ୍ନତା ଆପଣାଇବା ଜରୁରୀ ଅଟେ । ଏହାବ୍ୟତୀତ ଘରେ କିଛି ଔଷଧୀୟ ଗଛ ଲଗେଇବା ଆବଶ୍ୟକ । ଆସନ୍ତୁ ଏମିତି କିଛି ଗଛ ଉପରେ ନଜର ପକେଇବାତୁଳସୀ ଗଛ । ଏହା ହେଉଛି ଏକ ହର୍ବାଲ ଉଦ୍ଭିଦ । ଯାହା କେବଳ ଥଣ୍ଡା ଏବଂ କାଶ ପାଇଁ ନୁହେଁ, ବରଂ ମଶାମାନଙ୍କୁ ଘରୁ ତଡ଼ିବାରେ ବେଶ୍ ସହାୟକ ହୋଇଥାଏ । ତୁଳସୀର ସୁଗନ୍ଧ ମଶା ଲାର୍ଭା ବୃଦ୍ଧିକୁ ରୋକିଥାଏ, ଯେଉଁ କାରଣରୁ ମଶାମାନେ ଅଣ୍ଡା ଦେବାରେ ସକ୍ଷମ ହୁଅନ୍ତି ନାହିଁ ।ଆଉ ଏପରି ହେବା ଦ୍ୱାରା ସେମାନଙ୍କ ସଂଖ୍ୟା ବୃଦ୍ଧି ହୁଏ ନାହ।ଗେଣ୍ଡୁ ଫୁଲ ମଶା ଏବଂ ଅନ୍ୟ କୀଟପତଙ୍ଗକୁ ମଧ ଘରଠାରୁ ଦୂରେଇ ରଖିଥାଏ। ପାଇରେଥ୍ରମ୍ ପରି କୀଟନାଶକ ଗେଣ୍ଡୁ ଫୁଲରେ ରହିଥାନ୍ତି । ଯାହା କୀଟପତଙ୍ଗଙ୍କ ବଂଶ ବୃଦ୍ଧି କରିବାକୁ ଦେଇ ନଥାଏ । ଏହି ଫୁଲରୁ ଆସୁଥିବା ଗନ୍ଧ ମଶାମାନଙ୍କୁ ଦୂରେଇ ଥାଏୟରସୁଣ-ଅଦା ଗଛ ଲଗାଇଲେ ମଧ ଆପଣ ମଶା ଓ ଅନ୍ୟ କୀଟପତଙ୍ଗଠାରୁ



ଦୂରେ ରହିପାରିବେ।ଏହି ଉଦ୍ଭିଦର ଡାଳରୁ ଆସୁଥିବା ଦୁର୍ଗନ୍ଧ ମଶା ଏବଂ କୀଟପତଙ୍ଗକୁ ଆସିବାକୁ ଦିଏ ନାହିଁ।ମଶା ଏବଂ ଅନ୍ୟାନ୍ୟ କୀଟମାନଙ୍କୁ ପାଖ ମଡେଇବାକୁ ଦିଏ ନାହିଁ ପୋଦିନା ଗଛ। ଉଦ୍ଭିଦର ସୁଗନ୍ଧ ମଶାମାନଙ୍କୁ ଘଉଡାଇବା ପାଇଁ ବେଶ୍ ଭଲ କାମ କରେୟଲେମନ୍ଗ୍ରାସ୍ ସହଜରେ ବଢୁଥିବା ଏକ ଉଦ୍ଭିଦ, ଯାହା ଉଦ୍ୟାନର ସୌନ୍ଦର୍ଯ୍ୟ ବଢାଇବା ବ୍ୟତୀତ ମଶା ଏବଂ କୀଟପତଙ୍ଗକୁ ମଧ ଦୂରେଇ ରଖିଥାଏ।



# ବିଶ୍ୱକର୍ମାଙ୍କ ପୁରାଣ କଥା



ହିନ୍ଦୁ ପୁରାଣ ଏବଂ ଧର୍ମଶାସ୍ତ୍ର ଅନୁସାରେ, ଭଗବାନ ବିଶ୍ୱକର୍ମା ହେଉଛନ୍ତି ସମଗ୍ର ବ୍ରହ୍ମାଣ୍ଡର ପ୍ରଥମ ଦିବ୍ୟ ଶିଳ୍ପୀ, ନିର୍ମାତା ଏବଂ ଇଞ୍ଜିନିୟର। ତାଙ୍କର ଉତ୍ପତ୍ତି, ବ୍ରହ୍ମାଣ୍ଡ ନିର୍ମାଣ ଏବଂ ଚମତ୍କାର ସୃଷ୍ଟିକୁ ନେଇ ପୁରାଣରେ ଅନେକ ପୌରାଣିକ କାହାଣୀ ବର୍ଣ୍ଣିତ ଅଛି।

୧. ଭଗବାନ ବିଶ୍ୱକର୍ମାଙ୍କ ଜନ୍ମ ଓ ଉତ୍ପତ୍ତିପୁରାଣ ଅନୁସାରେ, ବ୍ରହ୍ମାଣ୍ଡ ସୃଷ୍ଟି ସମୟରେ ତ୍ରିଲୋକର ନିର୍ମାଣ, ଯନ୍ତ୍ରପାତି ଏବଂ ସୁନ୍ଦରତା ପାଇଁ ବ୍ରହ୍ମାଙ୍କ ତେଜରୁ କିମ୍ବା ଆଠ ଶ୍ରେଷ୍ଠ ବସୁଙ୍କ ମଧ୍ୟରୁ ଅନ୍ୟତମ 'ପ୍ରଭାସ' ଏବଂ ଦେବୀ 'ଯୋଗସିଦ୍ଧା'ଙ୍କ ଗର୍ଭରୁ ବିଶ୍ୱକର୍ମାଙ୍କ ଜନ୍ମ ହୋଇଥିଲା।ତାଙ୍କୁ ସ୍ୱୟଂଭୂ (ନିଜ ଇଚ୍ଛାରେ ପ୍ରକଟ ହୋଇଥିବା) ବୋଲି ମଧ କୁହାଯାଏ।

୨. ସାରା ସୃଷ୍ଟିର ସ୍ଥିରତା ଓ ମେରୁ ପର୍ବତବ୍ରହ୍ମାଣ୍ଡ ସୃଷ୍ଟି ହେବା ପରେ ତାହା ଜଳରାଶି ମଧ୍ୟରେ ଟଳମଳ ହେଉଥିଲା। ଏହାକୁ ସ୍ଥିର କରିବା ପାଇଁ ଭଗବାନ ବିଶ୍ୱକର୍ମା ସମୁଦ୍ର ମଧ୍ୟରେ ମେରୁ ପର୍ବତ ପ୍ରତିଷ୍ଠା କରି ଧରଣୀକୁ ସ୍ଥିରତା ପ୍ରଦାନ କରିଥିଲେ।

୩. ଚାରି ଯୁଗର ଚାରୋଟି ଶ୍ରେଷ୍ଠ ସୃଷ୍ଟିବିଶ୍ୱକର୍ମାଙ୍କ ଦ୍ୱାରା ଚାରି ଯୁଗରେ ନିର୍ମିତ ସହର ଓ ମହଲଗୁଡ଼ିକ ଅତ୍ୟନ୍ତ ପ୍ରସିଦ୍ଧ

ସତ୍ୟ ଯୁଗ: ଦେବତାମାନଙ୍କ ବାସସ୍ଥଳୀ ସ୍ୱର୍ଗ ଲୋକ।

ତ୍ରେତୟା ଯୁଗ: ସୁବର୍ଣ୍ଣର ଲଙ୍କା ନଗରୀ (ଯାହା ପରବର୍ତ୍ତୀ ସମୟରେ ରାବଣର ରାଜଧାନୀ ହୋଇଥିଲା)।

ଦ୍ୱାପର ଯୁଗ: ଶ୍ରୀକୃଷ୍ଣଙ୍କ ପାଇଁ ସମୁଦ୍ର ମାଡ଼ିଆସି ନିର୍ମାଣ କରିଥିବା ଦିବ୍ୟ ଦ୍ୱାରକା ନଗରୀ।

କଳି ଯୁଗ (ଓ ମହାଭାରତ କାଳ): ପାଣ୍ଡବମାନଙ୍କ ପାଇଁ ଇନ୍ଦ୍ରପ୍ରସ୍ଥ ଏବଂ କୌରବଙ୍କ ହସ୍ତିନାପୁର।

୪. ଦେବତାମାନଙ୍କ ଦିବ୍ୟ ଅସ୍ତ୍ରଶସ୍ତ୍ରଦେବତାମାନଙ୍କୁ ଦାନବ ସଂହାର ପାଇଁ ଆବଶ୍ୟକ ଶକ୍ତିଶାଳୀ ଅସ୍ତ୍ର ବିଶ୍ୱକର୍ମା ହିଁ ପ୍ରସ୍ତୁତ କରିଥିଲେ: ମହର୍ଷି ଦଧୀଚିଙ୍କ ଅସ୍ଥିରୁ ଇନ୍ଦ୍ରଙ୍କ ପାଇଁ ବଜ୍ର।ଭଗବାନ ଶିବଙ୍କ ପିନାକ ଧନୁ।ଭଗବାନ ବିଷ୍ଣୁଙ୍କ ସୁଦର୍ଶନ ଚକ୍ର।ଦେବତାମାନଙ୍କ ଆକାଶ ମାର୍ଗରେ ଯାତାୟାତ ପାଇଁ ପୁଷ୍ପକ ବିମାନ।

୫. ଶ୍ରୀଜଗନ୍ନାଥ ମୂର୍ତ୍ତି ନିର୍ମାଣ ଓ ଓଡ଼ିଶା ସହିତ ସମ୍ପର୍କଓଡ଼ିଶାର ପବିତ୍ର ଶ୍ରୀକ୍ଷେତ୍ର ପୁରୀ ସହିତ ଭଗବାନ ବିଶ୍ୱକର୍ମାଙ୍କର ଗଭୀର ସମ୍ପର୍କ ରହିଛି। ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ସମୟରେ ଦାରୁବ୍ରହ୍ମଙ୍କୁ ମୂର୍ତ୍ତି ରୂପ ଗଢ଼ିବା ପାଇଁ ଭଗବାନ ବିଶ୍ୱକର୍ମା ଜଣେ ବୃଦ୍ଧ କାରିଗର (ମହାରାଣା) ରୂପରେ ପ୍ରକଟ ହୋଇଥିଲେ। ସେ ସର୍ତ୍ତ ରଖିଥିଲେ ଯେ ୨୧ ଦିନ ପର୍ଯ୍ୟନ୍ତ ବନ୍ଦ ଦ୍ୱାର ଆଢୁଆଳରେ ସେ ମୂର୍ତ୍ତି ଗଢ଼ିବେ ଏବଂ କେହି ଦ୍ୱାର ଖୋଲିବେ ନାହିଁ।ମାତ୍ର ରାଣୀ ଗୁଣ୍ଡିଚାଙ୍କ ଆକୁଳତା ଯୋଗୁଁ ରାଜା ନିର୍ଦ୍ଧାରିତ ସମୟ ପୂର୍ବରୁ କବାଟ ଖୋଲିଦେବାରୁ, ବିଶ୍ୱକର୍ମା ଅପୂର୍ଣ୍ଣାଙ୍ଗ ରୂପରେ (ହସ୍ତ-ପଦ ବିହୀନ) ଶ୍ରୀଜଗନ୍ନାଥ, ବଳଭଦ୍ର, ଏବଂ ମା' ସୁଭଦ୍ରାଙ୍କ ଦାରୁମୂର୍ତ୍ତି ଛାଡ଼ି ଅନ୍ତର୍ଦ୍ଧାନ ହୋଇଯାଇଥିଲେ।

ସାରକଥା: ଭଗବାନ ବିଶ୍ୱକର୍ମାଙ୍କ କାହାଣୀ ଶିକ୍ଷା ଦିଏ ଯେ 'କର୍ମ ହିଁ ଭଗବାନ'। ନିଜ କାର୍ଯ୍ୟକୁ ନିଷ୍ଠାର ସହ କରିବା, କୌଶଳ ଓ ସୃଜନଶୀଳତାକୁ ସମ୍ମାନ ଦେବା ହିଁ ବିଶ୍ୱକର୍ମାଙ୍କ ପ୍ରକୃତ ପୂଜା।

## ସଫଳତାର ମନ୍ତ୍ର



ହିନ୍ଦୁ ଧର୍ମରେ ଶ୍ରୀମଦ ଭାଗବତ ଗୀତାକୁ ସର୍ବଶ୍ରେଷ୍ଠ ବେଦ ବା ଶାସ୍ତ୍ର ବୋଲି କୁହାଯାଏ। ଗୀତାରେ ସବୁ ସମସ୍ୟାର ସମାଧାନ ରହିଛି। ଗୀତାରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି ଯେ, ନିଜ ଆଚରଣକୁ ନେଇ ମଣିଷ ସର୍ବଦା ଗମ୍ଭୀର ଓ ସତର୍କ ରହିବା ଉଚିତ। ଯେଉଁ ବ୍ୟକ୍ତି ନିଜ ଆଚରଣକୁ ନେଇ ସତର୍କ ରୁହନ୍ତି ନାହିଁ ସେମାନଙ୍କୁ ନାନା ସମସ୍ୟାର ସମ୍ମୁଖୀନ ହେବାକୁ ପଡିଥାଏ। ଭଗବାନ ଶ୍ରୀକୃଷ୍ଣ କହିଛନ୍ତି, ତଥାପି, ସବୁଠାରୁ ଜଣାଶୁଣା ବ୍ୟକ୍ତିମାନେ। ସତ୍ୟପ୍ରମାନ କୁରୁଟେ ଲୋକସ୍ତାଡାନୁଭାର୍ଟେଟ୍ ।। ଗୀତାର ଏହି ଉପଦେଶର ଅର୍ଥ ହେଲା, ମହାନ ବ୍ୟକ୍ତିଙ୍କ ଆଚରଣକୁ ଅନ୍ୟମାନେ ମଧ ଅନୁସରଣ କରନ୍ତି। ସେଥିପାଇଁ ନିଜ ଆଚରଣକୁ ନେଇ ଅନ୍ୟମାନଙ୍କ ପ୍ରତି ଗମ୍ଭୀର ରହିବା ଉଚିତ ଏବଂ ସମସ୍ତଙ୍କୁ ସମ୍ମାନ କରିବା ଉଚିତ। ଯଦି ଆପଣ ଜଣଙ୍କ ଠାରୁ ଖରାପ ବ୍ୟବହାର ଆଶା କରୁନାହାନ୍ତି,ତାହେଲେ ତାଙ୍କ ସହ ମଧ ଖରାପ ବ୍ୟବହାର କରିବା ଉଚିତ ନୁହେଁ। କାରଣ କଥାରେ ଯାହା ଦେବ ବଦଳରେ ତାହା ପାଇବ। ସମ୍ମାନ ଦେଲେ ହିଁ ସମ୍ମାନ ମିଳିଥାଏ। ଚାଣକ୍ୟଙ୍କ ଚାଣକ୍ୟ ନୀତି ବି ଏହା ହିଁ ଉପଦେଶ ଦିଏ। ଚାଣକ୍ୟଙ୍କ ଅନୁଯାୟୀ, ବ୍ୟକ୍ତି ପଦ-ପ୍ରତିଷ୍ଠା ଓ ଧନ ଯୋଗୁଁ ଶ୍ରେଷ୍ଠ ହୋଇନଥାଏ। ବ୍ୟକ୍ତି ନିଜର ଭଲ ବ୍ୟବହାର ଓ ଆଚରଣ ଦ୍ୱାରା ଶ୍ରେଷ୍ଠ ହୋଇଥାଏ। ସେଥିପାଇଁ ମଣିଷକୁ ସର୍ବଦା ଖରାପ ଅଭ୍ୟାସରୁ ଦୂରେଇ ରହିବା ଆବଶ୍ୟକ। କାରଣ ଖରାପ ଅଭ୍ୟାସ ମଣିଷର ପ୍ରତିଭା ବିନାଶ କରିଥାଏ। ସେଥିପାଇଁ ଜୀବନରେ ସଫଳ ହେବାକୁ ହେଲେ ଖରାପ ଅଭ୍ୟାସ ଛାଡି ଭଲ ଅଭ୍ୟାସ ଆପଣେଇବା ଆବଶ୍ୟକ। ନିନ୍ଦା ଅପବାଦରୁ ମଣିଷକୁ ଦୂରେଇ ରହିବା ଆବଶ୍ୟକ। ଯିଏ ଅନ୍ୟମାନଙ୍କ ଖରାପ ଚିନ୍ତା କରେ ବା ଅନ୍ୟମାନଙ୍କୁ ନିନ୍ଦା କରେ, ସେ ବ୍ୟକ୍ତି ଦିନେ ନିଜେ ହିଁ ଏହିସବୁ ଖରାପ ଗୁଣର ଅଧିକାରୀ ହୋଇଯାଏ। ଆରମ୍ଭରେ ନିନ୍ଦା କରିବାରେ ମଜା ଆସିଥାଏ କିନ୍ତୁ ଧୀରେ ଧୀରେ ସବୁ ଖରାପ ଗୁଣ ନିଜ ଭିତରକୁ ଆସିଥାଏ। ଚାଣକ୍ୟଙ୍କ ଅନୁସାରେ ମଣିଷକୁ ସର୍ବଦା ଅହଙ୍କାର ଠାରୁ ଦୂରେଇ ରହିବା ଦରକାର। ଅହଙ୍କାରୀ ବ୍ୟକ୍ତି ସବୁବେଳେ ନିଜକୁ ଶ୍ରେଷ୍ଠ ଭାବିଥାଏ ଏବଂ ଏହା ଜୀବନର ସବୁଠାରୁ ବଡ ଭୁଲ। ଏହି ଭୁଲ ଦିନେ ମଣିଷର ପତନର କାରଣ ପାଲଟିଯାଏ। ରାମାୟଣରେ ରାବଣର ଚରିତ୍ର ଏହାର ଜ୍ୱଳନ୍ତ ଉଦାହରଣ। ସମସ୍ତ ବେଦ, ଧର୍ମଗ୍ରନ୍ଥ ଉପଦେଶ ଅନୁଯାୟୀ ସଫଳ ହେବା ପାଇଁ ସର୍ବ ପ୍ରଥମେ ଅହଙ୍କାର ତ୍ୟାଗ କରିବା ଉଚିତ। ଯେ ପର୍ଯ୍ୟନ୍ତ ବ୍ୟକ୍ତି ମଧ୍ୟରେ ଅହଙ୍କାର ରହିବ ସେ ପର୍ଯ୍ୟନ୍ତ ସେ ସ୍ନେହ ଓ ପ୍ରେମରୁ ଦୂରେଇ ରହିବ। ଲୋଭ ମଧ ମଣିଷର ଏକ ପ୍ରକାର ଶତ୍ରୁ। ଲୋଭ ସବୁ ପ୍ରକାର ଖରାପ ଗୁଣର କାରକ। ସେଥିପାଇଁ ଲୋଭରୁ ଦୂରେଇ ରହିବା ଉଚିତ। ଲୋଭ କରୁଥିବା ବ୍ୟକ୍ତି କେବେ ବି ସନ୍ତୁଷ୍ଟ ହୋଇନଥାଏ। ଲୋଭ ଯୋଗୁଁ ବ୍ୟକ୍ତିର ଚିତ୍ତ ଶାନ୍ତ ରହେନି ଏବଂ ସେ ସବୁବେଳେ ଅନ୍ୟମାନଙ୍କୁ ଅହଙ୍କାର କରିଥାଏ।

# ହସ୍ତଶିଳ୍ପୀଙ୍କ ଦକ୍ଷତା ପାଇଁ ଉପକରଣ କିଟ୍ ବଣ୍ଟନ



ଭୁବନେଶ୍ବର,୧୬।୯ (ମହାଭାରତ): ଓଡ଼ିଶାର ପାରମ୍ପରିକ ହସ୍ତଶିଳ୍ପକୁ ଆଧୁନିକ ବଜାର ସହିତ ଯୋଡ଼ିବା ଏବଂ ହସ୍ତଶିଳ୍ପୀଙ୍କ ଉତ୍ପାଦନକ୍ଷମତା ଓ ଆୟ ବୃଦ୍ଧି କରିବା ଲକ୍ଷ୍ୟରେ ଉନ୍ନତ ଉପକରଣ କିଟ୍ ବଣ୍ଟନ କାର୍ଯ୍ୟକ୍ରମ ଖୋର୍ଦ୍ଧା ଜିଲ୍ଲାର ବନମାଳୀପୁର ଅନ୍ତର୍ଗତ ଭାକରସାହିଠାରେ ଆୟୋଜନ କରାଯାଇଛି। ଓଡ଼ିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଲିମିଟେଡ୍ (ଉତ୍କଳିକା) ୧୯୫୯ ମସିହାଠାରୁ ରାଜ୍ୟର ହସ୍ତଶିଳ୍ପୀମାନଙ୍କ କଲ୍ୟାଣ ଓ ବିକାଶ ପାଇଁ କାର୍ଯ୍ୟ କରିଆସୁଛି। ହସ୍ତଶିଳ୍ପୀଙ୍କୁ ବଜାର ସୁବିଧା, ବିକ୍ରୟ ବ୍ୟବସ୍ଥା, କଂଚାମାଲ ଯୋଗାଣ ଏବଂ ଆଗୁଆ-ପଛୁଆ ସଂଯୋଗ ପ୍ରଦାନ କରିବା ସହିତ ଓଡ଼ିଶାର କଳା ଓ ହସ୍ତଶିଳ୍ପର ଗୌରବକୁ ଅକ୍ଷୁଣ୍ଣ ରଖିବା ଦିଗରେ ନିଗମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।

ଏହି ଉଦ୍ଦେଶ୍ୟରେ ୨୦୨୪-୨୫ ଏବଂ ୨୦୨୫-୨୬ ଆର୍ଥିକ ବର୍ଷରେ ବିକାଶ ଆୟୁକ୍ତ (ହସ୍ତଶିଳ୍ପ), ବସ୍ତ୍ର ମନ୍ତ୍ରଣାଳୟ, ଭାରତ ସରକାର, ନୂଆଦିଲ୍ଲୀଙ୍କ ଠାରୁ ଓଡ଼ିଶାର ୧୨ଟି ଜିଲ୍ଲାରେ ୭ଟି ଭିନ୍ନ ଭିନ୍ନ ହସ୍ତଶିଳ୍ପ ପାଇଁ ୧,୨୦୦ଟି ଉନ୍ନତ ଉପକରଣ କିଟ୍ ବଣ୍ଟନ ପାଇଁ ଅନୁମୋଦନ ମିଳିଛି। ଏହି ଯୋଜନାରେ ଚାନ୍ଦୁଆ, କାଠ, ପଥର, ଶିଙ୍ଗ, ଲୌହ, ମୃତ୍ତିକା ଓ ପିତଳ ଧାତୁ ଶିଳ୍ପ ସମେତ ୭ଟି ହସ୍ତଶିଳ୍ପ କ୍ଷେତ୍ରର ଶିଳ୍ପୀମାନେ ଉପକୃତ ହେବେ।

ଆଜିର ସମାରୋହରେ ଖୋର୍ଦ୍ଧା ଜିଲ୍ଲାର ବନମାଳୀପୁର ଅନ୍ତର୍ଗତ ଭାକରସାହିଠାରେ ୧୫୦ ଜଣ ଆପ୍ଲିକ୍ କ୍ରାଫ୍ଟ ହସ୍ତଶିଳ୍ପୀଙ୍କୁ ଉନ୍ନତ ଉପକରଣ କିଟ୍ ପ୍ରଦାନ କରାଗଲା । ଆପ୍ଲିକ୍ କ୍ରାଫ୍ଟ (ଚାନ୍ଦୁଆ କାମ) ଓଡ଼ିଶାର ଏକ ସ୍ୱତନ୍ତ୍ର ଓ ପ୍ରସିଦ୍ଧ ହସ୍ତଶିଳ୍ପ ପରମ୍ପରା । ପ୍ରସିଦ୍ଧ ଆପ୍ଲିକ୍ କ୍ରାଫ୍ଟକୁ ଭୌଗୋଳିକ ସଙ୍କେତ ମାନ୍ୟତା ପ୍ରାପ୍ତ ହୋଇଛି । ଏହା ଓଡ଼ିଶାର ଗର୍ବ ଏବଂ ଏହାର ପ୍ରାମାଣିକତା ଓ ସ୍ୱତନ୍ତ୍ରତାକୁ ସୁରକ୍ଷିତ କରୁଛି । ଏହି କଳାକୁ ଜୀବନ୍ତ ରଖିବା ସହିତ ଏହାକୁ ଆଧୁନିକ ବଜାର ସହିତ ଯୋଡ଼ିବା ଆମ ସମସ୍ତଙ୍କର ଦାୟିତ୍ୱ । ଉନ୍ନତ କିଟ୍ ଯୋଗାଣ ଦ୍ୱାରା ଶିଳ୍ପୀମାନଙ୍କର କାର୍ଯ୍ୟଦକ୍ଷତା, ଉତ୍ପାଦନକ୍ଷମତା, ଉତ୍ପାଦର ଗୁଣବତ୍ତା ଓ ନିଖୁଣତା ବୃଦ୍ଧି ପାଇବ। ଏହାଫଳରେ ଶିଳ୍ପୀମାନେ କମ୍ ସମୟରେ ଅଧିକ ଓ ଉନ୍ନତମାନର ଉତ୍ପାଦ ପ୍ରସ୍ତୁତ କରି ଆଧୁନିକ ବଜାରର ଚାହିଦା ପୂରଣ କରିପାରିବେ। ଉତ୍କଳିକାର ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ କେବଳ ଉପକରଣ ପ୍ରଦାନ ନୁହେଁ; ବରଂ ହସ୍ତଶିଳ୍ପୀଙ୍କ ଦକ୍ଷତାକୁ ସଶକ୍ତ କରିବା, ବଜାର ସୁଯୋଗ ବଢ଼ାଇବା ଏବଂ ସେମାନଙ୍କ ଆୟ ଓ ଜୀବନଜୀବିକାକୁ ଅଧିକ ସୁଦୃଢ଼ କରିବା ଅଟେ। ଅବଶିଷ୍ଟ ଅନୁମୋଦିତ ଉପକରଣ କିଟ୍‌ଗୁଡ଼ିକ ଚଳିତ ଆର୍ଥିକ ବର୍ଷ ମଧ୍ୟରେ ପର୍ଯ୍ୟାୟକ୍ରମେ ବଣ୍ଟନ କରାଯିବ।

ଦକ୍ଷ ହାତ ହେଉଛି ହସ୍ତଶିଳ୍ପର ଶକ୍ତି, ଆଧୁନିକ ଉପକରଣ ସେହି ଶକ୍ତିକୁ ନୂତନ ସଫଳତା ପ୍ରଦାନ କରିବ ବୋଲି ମାନନୀୟ ମନ୍ତ୍ରୀ, ସମବାୟ, ହସ୍ତତନ୍ତ ବୟନ ଓ ହସ୍ତଶିଳ୍ପ ବିଭାଗ ଶ୍ରୀ ପ୍ରଦିପ ବଳ ସାମନ୍ତ ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ସଭାପତି ଉତ୍କଳିକା ଦେବସ୍ମିତା ସାହୁ , ଉପସଭାପତି ,ଉତ୍କଳିକା ଶ୍ରୀ ପ୍ରଶାନ୍ତ କୁମାର ମହାପାତ୍ର , ଅତିରିକ୍ତ ସଚିବ ହସ୍ତତନ୍ତ, ବୟନ, ହସ୍ତଶିଳ୍ପ ବିଭାଗ ତଥା ପରିଚାଳନା ନିର୍ଦ୍ଦେଶିକା, ଉତ୍କଳିକା ଶ୍ରୀମତୀ ଚିନ୍ମୟୀ ବିଶ୍ୱାଳ , ଉପନିର୍ଦ୍ଦେଶକ , ହସ୍ତଶିଳ୍ପ ସନ୍ତୋଷ କୁମାର ମହାନ୍ତି , ଉପ ଶାସନସଚିବ ହସ୍ତତନ୍ତ, ବୟନ, ହସ୍ତଶିଳ୍ପ ବିଭାଗ ତଥା ସାଧାରଣ ପରିଚାଳକ ଉତ୍କଳିକା ଶେଷଦେବ ଖଟୁଆ , ସହକାରୀ ନିର୍ଦ୍ଦେଶକ ହସ୍ତଶିଳ୍ପ ,ବିକାଶ ଆୟୁକ୍ତ , ଭାରତ ସରକାର ଓଡିଶା ଭୁବନେଶ୍ୱର ଭୁବନ ଭାସ୍କର ଆଦି ଉପସ୍ଥିତ ଥିଲେ ।

# ଭୂପେନ ହଜାରିକାଙ୍କ ସ୍ମୃତିଚାରଣ କଲେ ରାଜ୍ୟପାଳ

ଭୁବନେଶ୍ବର,୧୬।୯ (ମହାଭାରତ): ଭୂପେନ ହଜାରିକାଙ୍କ ସ୍ମୃତିଚାରଣ କରିଛନ୍ତି ରାଜ୍ୟପାଳ, ଉପମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ। ସୋସିଆଲ ମିଡିଆ ଏକ୍ସରେ ରାଜ୍ୟପାଳ ଡ.ହରିବାବୁ କମ୍ଭମପତି କହିଛନ୍ତି ଯେ, ଭାରତ ରତ୍ନ ଡ. ଭୂପେନ ହଜାରିକାଙ୍କ ଜୟନ୍ତୀ ଅବସରରେ ମୁଁ ମହାନ ସଙ୍ଗୀତଜ୍ଞ, ଗାୟକ ଓ କବିଙ୍କ ପ୍ରତି ହୃଦୟରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି। ଭାରତର ସାଂସ୍କୃତିକ ଐତିହ୍ୟକୁ ସମୃଦ୍ଧ କରିବାରେ ତାଙ୍କର ଅସାଧାରଣ ଅବଦାନ ଅତୁଳନୀୟ।

ରାଜ୍ୟପାଳ କହିଛନ୍ତି ଯେ, ତାଙ୍କର କାଳଜୟୀ ସଙ୍ଗୀତ ଏବଂ ସୌହାର୍ଦ୍ଦ, ମାନବିକତା ଓ ଏକତାର ବାର୍ତ୍ତା ପିଢ଼ି ପରେ ପିଢ଼ିକୁ ପ୍ରେରଣା ଦେଇ ଆସୁଛି। ଭାରତର ସାଂସ୍କୃତିକ ଐତିହ୍ୟର ଏକ ଅବିଚ୍ଛେଦ୍ୟ ଓ ଚିରସ୍ଥାୟୀ ଅଂଶ ଭାବେ ତାଙ୍କର ଅବଦାନ ସର୍ବଦା ସ୍ମରଣୀୟ ହୋଇ ରହିବ। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି ଯେ, ଭାରତରତ୍ନ ଡ. ଭୂପେନ୍ ହଜାରିକାଙ୍କ ଜନ୍ମ ଜୟନ୍ତୀ ଅବସରରେ ତାଙ୍କ ଅମର ଆତ୍ମା ନିକଟରେ ମୋର ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛି। ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା କହିଛନ୍ତି ଯେ, ବିଖ୍ୟାତ ଗାୟକ ତଥା ସଙ୍ଗୀତଜ୍ଞ 'ଭାରତ ରତ୍ନ' ଭୂପେନ ହଜାରିକାଙ୍କ ଜୟନ୍ତୀ ଅବସରରେ କୋଟି କୋଟି ପ୍ରଣାମ ଜଣାଉଛି। ସ୍ୱାସ୍ଥ୍ୟମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ କହିଛନ୍ତି ଯେ, ମହାନ ସଙ୍ଗୀତଜ୍ଞ, ଭାରତ ରତ୍ନ ଭୂପେନ ହଜାରିକାଙ୍କ ଜୟନ୍ତୀରେ ବିନମ୍ର ଶ୍ରଦ୍ଧାଞ୍ଜଳି। ସଙ୍ଗୀତ ଜଗତର ଏକ ଅମ୍ଳାନ ପ୍ରତିଭା ଭାବେ ତାଙ୍କର ଜୀବନ ଏକ ପ୍ରେରଣାର ଉତ୍ସ। ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ଯେ, ଆମର ସଂସ୍କୃତି ଓ ସଙ୍ଗୀତ ଜଗତର ଅନ୍ୟତମ ପ୍ରାତଃସ୍ମରଣୀୟ ପ୍ରତିଭା, ଭାରତରତ୍ନ ଡ. ଭୂପେନ ହଜାରିକାଙ୍କ ଜୟନ୍ତୀ ଅବସରରେ ବିନମ୍ର ଶ୍ରଦ୍ଧାଞ୍ଜଳି ଜଣାଉଛି। ବ୍ରହ୍ମପୁତ୍ରର କୂଳରୁ ବିଶ୍ୱ ଦରବାରକୁ ସଙ୍ଗୀତର ଯାଦୁକରୀ ସ୍ୱରରେ ମୋହିତ କରିଥିବା ଏହି ମହାନ ଜନନାୟକଙ୍କ ସଙ୍ଗୀତ କେବଳ ମନୋରଞ୍ଜନ ନଥିଲା, ବରଂ ଏହା ଥିଲା ସମାଜକୁ ଏକାଠି କରିବାର ଏକ ବଳିଷ୍ଠ ମାଧ୍ୟମ।ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ଜାରି କରିଥିବା ଏକ ବାର୍ତ୍ତାରେ କହିଛନ୍ତି ଯେ, ଭାରତ ରତ୍ନ ଡ. ଭୂପେନ ହଜାରିକାଙ୍କ ଜୟନ୍ତୀ ଅବସରରେ ଆମେ ମହାନ କଳାକାରଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ।

# ରମାଦେବୀ ବିଶ୍ୱବିଦ୍ୟାଳୟରେ କୁଇଜ ପ୍ରତିଯୋଗିତା

ଭୁବନେଶ୍ବର,୧୬।୯ (ମହାଭାରତ): ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ସମ୍ମିଳନୀ କକ୍ଷରେ ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତ ଶ୍ରୀମତୀ ବ୍ରତତୀ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଏକ ସଚେତନତା ଶିବିର ଓ କୁଇଜ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଭିନ୍ନକ୍ଷମ ଆୟୁକ୍ତ ଯୋଗ ଦେଇ କହିଥିଲେ ଅନେକ ସମୟରେ ଶାରୀରିକ ଭାବରେ ଠିକ ଥିଲେ ମଧ୍ୟ ମାନସିକ ଓ ଅନ୍ୟାନ୍ୟ କ୍ଷେତ୍ରରେ ଆମେ ଅଭିନ୍ନ ଅଛୁ, ଯାହା ବେଳେବେଳେ ଆମକୁ ଜଣା ପଡ଼ିନଥାଏ । ଆଜିକାର ଏହି କୁଇଜ ପ୍ରତିଯୋଗିତା ଏକ ପ୍ରତିଯୋଗିତା ନୁହେଁ । ଏହା ଏକ ସଚେତନତା କାର୍ଯ୍ୟକ୍ରମ ଓ ସାମାଜିକ ସଚେତନତା। ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର କୁଳପତି, ପ୍ରଫେସର ଜ୍ୟୋସ୍ନା କେ.ଭି. ରାଉତ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ସେ କହିଥିଲେ ଯେ, କୌଣସି କାମ ବା ସମସ୍ୟାର ସମାଧାନ କରିବାକୁ ହେଲେ ଆମକୁ ଧୌର୍ଯ୍ୟର ସହ କାମ କରିବା ହେବ । ଯାହା ସମସ୍ତଙ୍କ ପାଖରେ ସମ୍ଭବ ହୋଇ ନଥାଏ । ବିଶେଷ କରି ସେମାନଙ୍କ ପାଖରେ ଥାଏ ଯେଉଁମାନେ ସମାଜକୁ ଦେଇ ଚାଲିଛନ୍ତି ଏବଂ ଦେଇ ଚାଲିବେ । ତେଣୁ ଏହି ଦିବସ ବହୁ ସ୍ମରଣୀୟ ଦିବସ। ଏହି କାର୍ଯ୍ୟକ୍ରମରେ ଆଞ୍ଚଳିକ ନିର୍ଦ୍ଦେଶକ, ଡଃ ସରୋଜ ଲକ୍ଷ୍ମୀ ସିଂହ ଯୋଗଦେଇ କହିଥିଲେ ଭିନ୍ନକ୍ଷମମାନେ ବିଭିନ୍ନ ଭାବରେ ସକ୍ଷମ । ସେମାନେ ଶିକ୍ଷା, ସ୍ୱାସ୍ଥ୍ୟ ଓ କ୍ରୀଡା କ୍ଷେତ୍ରରେ ମଧ୍ୟ ସେମାନେ ନିଜକୁ ପ୍ରତିଷ୍ଠିତ କରିପାରିଛନ୍ତି ଏବଂ ରାଜ୍ୟ ପାଇଁ ମଧ୍ୟ ସୁନାମ ଆଣି ପାରିଛନ୍ତି । ଭିନ୍ନକ୍ଷମ ଆୟୁକ୍ତ କାର୍ଯ୍ୟାଳୟର ଓଏସଡି ଶ୍ରୀ ଦେବୀ ପ୍ରସାଦ ବାରିକ ଯୋଗଦେବା ସହ ନିଜର ମତବ୍ୟକ୍ତ କରିଥିଲେ ।

ଏହି କାର୍ଯ୍ୟକ୍ରମରେ ରମାଦେବୀ ମହିଳା ବିଶ୍ୱ ବିଦ୍ୟାଳୟର ଭିନ୍ନକ୍ଷମ ଛାତ୍ରୀ, ବିଶ୍ୱ ବନ୍ଦିତା ସଙ୍ଗୀତ ପରିବେଷଣ କରିଥିବା ବେଳେ ଅନ୍ୟ ଜଣେ ଛାତ୍ରୀ ବିହୁ ନୃତ୍ୟ ପ୍ରଦର୍ଶନ କରିଥିଲେ। ଶ୍ରୀ ରାଜ କିଶୋର ଶର୍ମା, ଗବେଷକ, ଭିନ୍ନକ୍ଷମ ବ୍ୟକ୍ତିଙ୍କ ଅଧିକାର ଓ ଅଧିନିୟମ ୨୦୧୬ ବିଷୟରେ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ପ୍ରଦାନ କରିଥିଲେ। ଶେଷରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ଗୃପ କରି କୁଇଜ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ଏହି କୁଇଜ୍ ପ୍ରତିଯୋଗିତାର ବିଭନ୍ନ କଲେଜର ଛାତ୍ରଛାତ୍ରୀ ମାନେ ଅଂଶ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ମହା ବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଛାତ୍ର ଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ବିଭାଗ, ଉଚ୍ଚ ଶିକ୍ଷା ବିଭାଗ ଓ ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀ ପ୍ରମୁଖ ଯୋଗ ଦେଇଥିଲେ ।

# ଅନୁଗୋଳର ବିକାଶ ପାଇଁ ହେବ ମାଷ୍ଟର ପ୍ଲାନ




ଭୁବନେଶ୍ବର,୧୬।୯ (ମହାଭାରତ): ଅନୁଗୋଳ ଜିଲ୍ଲାର ଖନନ ପ୍ରଭାବିତ ଜନସାଧାରଣଙ୍କ ବିକାଶ, ଉପଯୁକ୍ତ ଥଇଥାନ, ଉଚିତ୍ କ୍ଷତିପୂରଣ ଏବଂ ସାମାଜିକ-ଅର୍ଥନୈତିକ ପ୍ରଗତିକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ସାଂସଦ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମସିଏଲ) ର ୧୬ତମ ଆରପିଡିଏସି ଏବଂ ୧୨ତମ ଡିଏମଏଫ୍ ଟ୍ରଷ୍ଟ ବୋର୍ଡ ବୈଠକ ଅନୁଷ୍ଠିତ ହୋଇଯାଇଛି।

ଆରପିଡିଏସି ବୈଠକରେ ଖଣି ପ୍ରଭାବିତ ଗ୍ରାମଗୁଡ଼ିକର ସମସ୍ୟା, ଜମି ଅଧିଗ୍ରହଣ, ବିସ୍ଥାପିତଙ୍କୁ ଉଚିତ୍ କ୍ଷତିପୂରଣ, ଥଇଥାନ ଏବଂ ରିହାବିଲିଟେସନ୍ କଲୋନୀଗୁଡ଼ିକର ସୁପରିଚାଳନା ସମ୍ପର୍କିତ ୨୧ଟି ଗୁରୁତ୍ୱପୂର୍ଣ୍ଣ ଏଜେଣ୍ଡା ଉପରେ ପୁଙ୍ଖାନୁପୁଙ୍ଖ ସମୀକ୍ଷା କରାଯାଇଥିଲା। ଖଣି ଅଞ୍ଚଳର ଆଗାମୀ ଦିନର ବିକାଶ, ସମୁଚିତ ଥଇଥାନ, ବିକଳ୍ପ ରୋଜଗାର ଓ ଆନୁଷଙ୍ଗିକ ସୁବିଧା ପାଇଁ ଏସିଏଲକୁ ଏକ ବ୍ୟାପକ 'ମାଷ୍ଟର ପ୍ଲାନ୍' ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିସ୍ଥାପିତ ଓ ପ୍ରଭାବିତ ଲୋକଙ୍କ ଜମି, କ୍ଷତିପୂରଣ ଓ ନିଯୁକ୍ତି ସମ୍ବନ୍ଧୀୟ ସମସ୍ୟାର ସହଜ ଓ ତ୍ୱରିତ ସମାଧାନ ପାଇଁ ଏକ 'ୱେବ୍ ପୋର୍ଟାଲ୍' ବା ୱାନ ଷ୍ଟପ୍ ସଲ୍ୟୁସନ ପ୍ରସ୍ତୁତ କରିବାକୁ ନିଷ୍ପତ୍ତି ହୋଇଛି। ସ୍ଥାନୀୟ ଯୁବକଯୁବତୀଙ୍କୁ ଦକ୍ଷ କରିବା ପାଇଁ ଏମସିଏଲରର ସେଣ୍ଟ୍ରାଲ ୱାର୍କସପ୍ ?କୁ ଅପଗ୍ରେଡ୍ କରି ମାଇନିଂ ସେକ୍ଟର ପାଇଁ ଏକ 'ସେଣ୍ଟର୍ ଅଫ୍ ଏକ୍ସିଲେନ୍ସ' ସ୍ଥାପନ କରିବାକୁ ପ୍ରସ୍ତାବ ଦିଆଯାଇଛି। ତାଳଚେର-ଅନୁଗୋଳ ଅଞ୍ଚଳରେ ବଢୁଥିବା ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଖଣି ଦ୍ୱାରା କ୍ଷୟ ହେଉଥିବା ଜଙ୍ଗଲର କ୍ଷତିଭରଣା ସ୍ୱରୂପ ବର୍ତ୍ତମାନର ଫରେଷ୍ଟ ଆକ୍ଟ ଅନୁସାରେ ଦୁଇଗୁଣା ନୂତନ ଜଙ୍ଗଲ ସୃଷ୍ଟି କରିବା ସହ ବ୍ୟାପକ ବୃକ୍ଷରୋପଣ ଉପରେ ଗୁରୁତ୍ୱାରୋପ କରାଯାଇଛି। ଏହାବ୍ୟତୀତ ଡିଏମଏଫ୍ ଟ୍ରଷ୍ଟ ବୋର୍ଡ ବୈଠକରେ ଖଣିଜ ରାଜସ୍ୱ ପାଣ୍ଠିର ସଠିକ୍ ଓ ସ୍ୱଚ୍ଛ ବିନିଯୋଗ ମାଧ୍ୟମରେ ଅଂଚଳର ଭିତିଭୂମି ଓ ଜନସାଧାରଣଙ୍କ ସେବା ପାଇଁ ପ୍ରକଳ୍ପଗୁଡ଼ିକର ସମୀକ୍ଷା ହୋଇଛି । ବିଶେଷ ଭାବରେ ଖଣି ଅଧୁଷିତ ଅଂଚଳର ବିକାଶ, ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ଦକ୍ଷତା ବିକାଶ, ମହିଳା ଓ ଶିଶୁ କଲ୍ୟାଣ, କୃଷି, ଗମନାଗମନ, ଭିତିଭୂମି ଏବଂ ସ୍ୱଚ୍ଛ ପରିବେଶ ଭଳି ପ୍ରମୁଖ କ୍ଷେତ୍ରଗୁଡ଼ିକର ଅଗ୍ରଗତି ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଛି । ବୈଠକରେ ବିଦ୍ୟାଳୟଗୁଡ଼ିକର ଭିତିଭୂମିର ବିକାଶ ଓ ଶତପ୍ରତିଶତ ବିଦ୍ୟୁତୀକରଣ, କମ୍ୟୁନିଟି ହେଲଥ୍ ସେଂଟର ଓ ଆରୋଗ୍ୟ ମନ୍ଦିରଗୁଡ଼ିକର ଶଯ୍ୟା ଓ ଭିତିଭୂମି ବୃଦ୍ଧି, ଯୁବପିଢ଼ିଙ୍କ ପାଇଁ ଏଆଇ ଇକୋସିଷ୍ଟମ୍ ସହ 'ୟୁଥ୍-ସେଂଟ୍ରିକ୍' ସ୍କିଲିଂ ପ୍ରଦାନ ଏବଂ ବର୍ଜ୍ୟବସ୍ତୁ ସୁପରିଚାଳନା ଭଳି ଆନୁଷଙ୍ଗିକ ବିଷୟ ଗୁଡ଼ିକ ଉପରେ ଗୁରୁତ୍ୱ ଦିଆଯାଇଛି । ସାଂସଦ ଶ୍ରୀ ପ୍ରଧାନ ପ୍ରକାଶ କରିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ 'ଡବଲ ଏଞ୍ଜିନ୍' ସରକାର ଖଣି ପ୍ରଭାବିତ ଅଞ୍ଚଳର ଶେଷ ଧାଡ଼ିରେ ଥିବା ବ୍ୟକ୍ତିଙ୍କ ପାଖରେ ବିକାଶର ସୁଫଳ ପହଂଚାଇବା ପାଇଁ ସଙ୍କଳ୍ପବଦ୍ଧ।

# ଏମଏମଡିଆର ପ୍ରସଙ୍ଗରେ ରାଷ୍ଟ୍ରପତିଙ୍କ ହସ୍ତକ୍ଷେପ ଲୋଡ଼ିଲା ବିଜେଡି



ଭୁବନେଶ୍ବର,୧୬।୯ (ମହାଭାରତ): ବିଜୁ ଜନତା ଦଳର ଏକ ପ୍ରତିନିଧି ମଣ୍ଡଳୀ ବୁଧବାର ଓଡ଼ିଶାର ରାଜ୍ୟପାଳ ଡ. ହରି ବାବୁ କମ୍ଭମପତିଙ୍କୁ ସାକ୍ଷାତ କରି ଓଡ଼ିଶାର ଅଧିକାରକୁ କ୍ଷୁର୍ଣ୍ଣ କରୁଥିବା ଏମଏମଡିଆର ସଂଶୋଧନ ଆଇନ ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ଭାରତର ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ନାମରେ ଏକ ସ୍ମାରକପତ୍ର ମାନ୍ୟବର ରାଜ୍ୟପାଳଙ୍କ ଜରିଆରେ ପ୍ରଦାନ କରି ଓଡ଼ିଶାର ସାମ୍ବିଧାନିକ, ଆର୍ଥିକ ଓ ଖଣିଜ ସ୍ୱାର୍ଥର ସୁରକ୍ଷା ପାଇଁ ହସ୍ତକ୍ଷେପ ଲୋଡ଼ିଥିଲେ । ଶ୍ରୀ ଦେବୀ ପ୍ରସାଦ ମିଶ୍ର ରାଜ୍ୟପାଳଙ୍କ ସମ୍ମୁଖରେ ମତ ରଖି, ଏମ୍ଏମ୍ଡିଆର୍ ସଂଶୋଧନ ଆଇନ, ୨୦୨୬ ଯୋଗୁଁ ଓଡ଼ିଶା ସମ୍ମୁଖୀନ ହେବାକୁ ଥିବା ସମସ୍ୟାଗୁଡ଼ିକ ଉପସ୍ଥାପନ କରିଥିଲେ । ବିଜୁ ଜନତା ଦଳ ପକ୍ଷରୁ ଉଠାଯାଇଥିବା ବିଭିନ୍ନ ଦାବି ସମ୍ପର୍କରେ ଶ୍ରୀ ପ୍ରସନ୍ନ ଆଚାର୍ଯ୍ୟ ମାନ୍ୟବର ରାଜ୍ୟପାଳଙ୍କୁ ଅବଗତ କରାଇଥିଲେ । ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏମ୍ଏମ୍ଡିଆର୍ ସଂଶୋଧନ ଆଇନ ଦ୍ୱାରା ଓଡ଼ିଶା ଉପରେ କି ପ୍ରଭାବ, ପଡ଼ିବ ସେ ସମ୍ପର୍କରେ ବିସ୍ତୃତ ଭାବେ ମତ ରଖିଥିଲେ । ପ୍ରତିନିଧିମଣ୍ଡଳୀର ଅନ୍ୟ ସଦସ୍ୟମାନେ ଯଥା- ଡ. ଲେନିନ ମହାନ୍ତି, ଡ. ଲେଖାଶ୍ରୀ ସାମନ୍ତସିଂହାର, ଶ୍ରୀ ଭୃଗୁ ବକ୍ସିପାତ୍ର, ଶ୍ରୀ ସଞ୍ଜୟ କୁମାର ଦାସବର୍ମା ଓ ଶ୍ରୀ ପ୍ରୀତିରଞ୍ଜନ ଘଡ଼ାଇ, ଏହି ସଂଶୋଧନ ଆଇନ ବଳରେ ବକେୟା ପ୍ରାପ୍ୟ, ଖଣି ରାଜସ୍ୱ ଓ ଖଣିଜ ସମ୍ପଦ ଜମି ଉପରେ ରାଜ୍ୟ ତାର ଅଧିକାର ହରାଇବ ବୋଲି ମତ ରଖିଥିଲେ । ରାଜ୍ୟପାଳ ବିଶେଷ ଭାବେ ଜାଣିବାକୁ ଚାହିଁଥିଲେ ଯେ, ଏମ୍ଏମ୍ଡିଆର୍ ସଂଶୋଧନ ଆଇନ କାର୍ଯ୍ୟକାରୀ ହେବା ପରେ ଓଡ଼ିଶା କେତେ ପରିମାଣର ଆର୍ଥିକ କ୍ଷତିର ସମ୍ମୁଖୀନ ହୋଇପାରେ । ପ୍ରତିନିଧିମଣ୍ଡଳୀର ସଦସ୍ୟମାନେ ଏହି ବିଷୟରେ ବିସ୍ତୃତ ଭାବେ ବୁଝାଇବା ସହ ଖଣି ଅଧିକାର ଓ ଖଣିଜ ସମୃଦ୍ଧ ଜମି ଉପରେ ରାଜ୍ୟର କ୍ଷମତାକୁ ସୀମିତ କରିବା ଯୋଗୁଁ ସୃଷ୍ଟି ହେବାକୁ ଥିବା ଆର୍ଥିକ ପ୍ରଭାବ ଏବଂ ମାନ୍ୟବର ସୁପ୍ରିମକୋର୍ଟଙ୍କ ରାୟ ପରେ ଓଡ଼ିଶା ପାଇବାକୁ ଥିବା ବକେୟା ଅର୍ଥ ଓ ରାଜସ୍ୱ ଉପରେ ପଡ଼ିବାକୁ ଥିବା ପ୍ରଭାବ ସମ୍ପର୍କରେ ତଥ୍ୟ ରଖିଥିଲେ । ୨୫ ଜୁଲାଇ ୨୦୨୪ରେ ମାନ୍ୟବର ସୁପ୍ରିମକୋର୍ଟଙ୍କ ୯ ଜଣିଆ ସାମ୍ବିଧାନିକ ଖଣ୍ଡପୀଠ ପ୍ରଦାନ କରିଥିବା ଐତିହାସିକ ରାୟ ପ୍ରତି ଦୃଷ୍ଟି ଆକର୍ଷଣ କରିଥିଲେ ପ୍ରତିନିଧି ମଣ୍ଡଳୀ । ଉକ୍ତ ରାୟରେ ରାଜ୍ୟ ସରକାରମାନଙ୍କର ଖଣି ଓ ଖଣିଜ ସମୃଦ୍ଧ ଜମି ଉପରେ କର ଓ ଶୁଳ୍କ ଲାଗୁ କରିବାର କ୍ଷମତାକୁ ସ୍ୱୀକୃତି ଦିଆଯାଇଥିବା ସହ ୧ ଏପ୍ରିଲ ୨୦୦୫ରୁ ବକେୟା ଅର୍ଥ ଆଦାୟ ସମ୍ପର୍କରେ ମଧ୍ୟ ରାୟରେ ବ୍ୟବସ୍ଥା କରାଯାଇଥିଲା । ଉକ୍ତ ରାୟ ପରେ ଓଡ଼ିଶା ଖଣି ସମ୍ପର୍କିତ କର ଓ ଶୁଳ୍କ ବାବଦରେ ବିପୁଳ ପରିମାଣର ବକେୟା ଅର୍ଥ ପାଇବାକୁ ହକଦାର ହୋଇଥିଲା । ପ୍ରାୟ ୧ ଲକ୍ଷ କୋଟି ଟଙ୍କାରୁ ଅଧିକ ବକେୟା ଅର୍ଥ ଓଡ଼ିଶାକୁ ମିଳିଥାନ୍ତା ଓ ବାର୍ଷିକ ୧୨,୦୦୦ କୋଟି ଟଙ୍କାର ରାଜସ୍ୱ ଓଡ଼ିଶା ପାଇଥାନ୍ତା । ଏହି ଅର୍ଥ ଓଡ଼ିଶାର ବିକାଶ ଓ ଜନକଲ୍ୟାଣମୂଳକ କାର୍ଯ୍ୟକ୍ରମ ପାଇଁ ଆର୍ଥିକ କ୍ଷମତାକୁ ବହୁଗୁଣିତ କରିପାରିବ । ଏହାଦ୍ୱାରା ଭିତ୍ତିଭୂମି, ଶିକ୍ଷା, ସ୍ୱାସ୍ଥ୍ୟସେବା, ଜଳସେଚନ, ଗ୍ରାମୀଣ ବିକାଶ ଓ ଅନ୍ୟାନ୍ୟ ଜନକଲ୍ୟାଣମୂଳକ କାର୍ଯ୍ୟରେ ବିନିଯୋଗ କରାଯାଇପାରିବ । ଦେଶର ଅନ୍ୟତମ ଖଣିଜ ସମୃଦ୍ଧ ରାଜ୍ୟ ଭାବେ ଓଡ଼ିଶା ଲୁହାପଥର, କୋଇଲା, ବକ୍ସାଇଟ୍, କ୍ରୋମାଇଟ୍ ଓ ଅନ୍ୟାନ୍ୟ ଖଣିଜ ସମ୍ପଦ ଜରିଆରେ ଭାରତର ଶିଳ୍ପ ଓ ଆର୍ଥିକ ବିକାଶରେ ଅପାର ଅବଦାନ ଦେଇଆସିଛି ।

# ଭୁବନେଶ୍ୱରରରେ ପିଆଇପି ବୈଠକ

ଭୁବନେଶ୍ବର,୧୬।୯ (ମହାଭାରତ): ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ମଙ୍ଗଳବାର ଦିନ ଭୁବନେଶ୍ୱର ଠାରେ ଏନଏଚଏମ୍ ପ୍ରଗ୍ରାମ ଇମ୍ପ୍ଲିମେଂଟେସନ୍ ପ୍ଲାନ୍ ( ପିଆଇପି ) ୨୦୨୬-୨୭ ବୈଠକରେ ଯୋଗଦେଇ ସ୍ୱାସ୍ଥ୍ୟସେବା ସମ୍ପର୍କିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା କରିଛନ୍ତି। ପିଆଇପି ୨୦୨୬-୨୭ ପାଇଁ ଭାରତ ସରକାର ୩,୧୪୯.୨୯ କୋଟି ଟଙ୍କା ଅନୁମୋଦନ କରିଥିବା ବେଳେ ଏଥିରେ କାର୍ଯ୍ୟଦକ୍ଷତା ଭିତିକ ବ୍ୟବସ୍ଥା ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି ଏବଂ ରାଜ୍ୟଗୁଡ଼ିକର ପ୍ରଦର୍ଶନକୁ ୬୫ଟି ପ୍ରମୁଖ ସୂଚକାଙ୍କ ଆଧାରରେ ମୂଲ୍ୟାୟନ କରାଯିବ। ଏହି ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଜୀ ମନ୍ କି ବାତ ମାଧ୍ୟମରେ ଟିବି ମୁକ୍ତ ଭାରତ ଓ ଆନେମିଆ ମୁକ୍ତ ଭାରତର ସ୍ୱପ୍ନ ସାକାର କରିବା ପାଇଁ ଯେଉଁ ଆହ୍ୱାନ ଦେଇଛନ୍ତି ସେ ବିଷୟରେ ଆଲୋଚନା କରିବା ସହିତ ଶିଶୁ ଓ ମାତୃ ମୃତ୍ୟୁହାର ହ୍ରାସ କରିବା ଏବଂ ଟେଲି-ମାନସ ଭଳି ସ୍ୱାସ୍ଥ୍ୟସେବାକୁ ଆହୁରି ସୁଦୃଢ଼ କରିବା ପାଇଁ ପରାମର୍ଶ ଦେଇଛି।

ସ୍ଥାୟୀ ବିକାଶ ଲକ୍ଷ୍ୟ (ଏସ୍‌ଡିଜି) ହାସଲ ସହ ଗ୍ରାମାଂଚଳରୁ ସହରାଂଚଳ ପର୍ଯ୍ୟନ୍ତ ସମସ୍ତଙ୍କ ପାଇଁ ସୁଲଭ, ଗୁଣାତ୍ମକ ଓ ସମୟୋପଯୋଗୀ ସ୍ୱାସ୍ଥ୍ୟସେବା ସୁନିଶ୍ଚିତ କରିବା ଆମର ପ୍ରମୁଖ ଲକ୍ଷ୍ୟ।ବିଶେଷକରି ପ୍ରାଥମିକ ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରିବା, ରୋଗ ନିରାକରଣ ଓ ସଚେତନତା ବୃଦ୍ଧି ଦିଗରେ ଅଧିକ ପ୍ରଭାବଶାଳୀ ପଦକ୍ଷେପ ନେବା ପାଇଁ ବ୍ୟାପକ ବ୍ୟବସ୍ଥା ସୁନିଶ୍ଚିତ କରାଯିବ। ଏକ ସୁସ୍ଥ ଓ ସଶକ୍ତ ଓଡ଼ିଶା ଗଠନ ପାଇଁ ସ୍ୱାସ୍ଥ୍ୟ କ୍ଷେତ୍ରକୁ ସୁଦୃଢ଼ କରିବା ନିମନ୍ତେ ଆମର ପ୍ରୟାସ ନିରନ୍ତର ଜାରି ରହିବ। ସ୍ୱାସ୍ଥ୍ୟ ସଚିବ, ଜାତୀୟ ସ୍ୱାସ୍ଥ୍ୟ ମିଶନର ନିର୍ଦ୍ଦେଶିକା, ସ୍ୱାସ୍ଥ୍ୟ ବିଭାଗର ସମସ୍ତ ନିର୍ଦ୍ଦେଶକ, ସବୁ ଜିଲ୍ଲାର ସିଡିଏମଓ ,ଡିପିଏମ୍ , ଏବଂ ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

# କଂଗ୍ରେସ ସେବାଦଳର କର୍ମକର୍ତ୍ତା ଘୋଷିତ

ଭୁବନେଶ୍ବର,୧୬।୯ (ମହାଭାରତ): କଂଗ୍ରେସ ସେବାଦଳକୁ ସଂଗଠିତ ତଥା କ୍ରିୟାଶିଳ କରିବାପାଇଁ ଅଖିଳ ଭାରତ କଂଗ୍ରେସ ସେବାଦଳର ମୁଖ୍ୟ ସଂଗଠକ ଶ୍ରୀନିବାସ ବି.ଭି. ଓଡ଼ିଶା ପ୍ରଦେଶ କଂଗ୍ରେସ ସେବାଦଳର କର୍ମକର୍ତ୍ତାମାନଙ୍କୁ ନିଯୁକ୍ତି ଦେଇଛନ୍ତି ବୋଲି ବୁଧବାର ଭୁବନେଶ୍ୱର କଂଗ୍ରେସ ଭବନରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସେବାଦଳର ଅଧକ୍ଷ ଶ୍ରୀ ଶୁଭେନ୍ଦୁ ମହାନ୍ତି ପ୍ରକାଶ କରିଛନ୍ତି ।

ଏହି ତାଲିକାରେ ମହିଳା ସଂଗଠିକା ଭାବରେ ଶ୍ରୀମତୀ ଗୀତାଞ୍ଜଳି ମହାନ୍ତି ନିଯୁକ୍ତି ପାଇଥିବା ବେଳେ ଉପସଭାପତି ଭାବରେ ମୁନୁ ସରାଫ ଓ ନଳିନୀ ବେହେରା ନିଯୁକ୍ତି ପାଇଛନ୍ତି । କୋଷାଧ୍ୟକ୍ଷ ଭାବରେ ଶ୍ରୀ ମିତ୍ରଭାନୁ ମହାପାତ୍ର, ସାଧାରଣ ସମ୍ପାଦକ ଭାବରେ ବିଜୟଲକ୍ଷ୍ମୀ ମହାପାତ୍ର, କୁଳମଣି ସାହୁ, ମନୋଜ ସାହୁ, ଏମଡି ସାହାଦୁଲ୍ଲା, ପ୍ରଦୀପ କୁମାର ସ୍ୱାଇଁ, ସନ୍ତୋଷ ପ୍ରଧାନ ଓ ଭୋକାଲି ସେଠୀ ନିଯୁକ୍ତି ପାଇଛନ୍ତି । ସମ୍ପାଦକ ଭାବରେ କିଶୋର କପୁର, ସୁବାଷ ମଲ୍ଲିକ, ସନ୍ଧ୍ୟାରାଣୀ ଦାସ, ତୃପ୍ତି ଦାସ, ବସନ୍ତ କୁମାର ପଣ୍ଡା, ଅଜିତା କର, ରମେଶ ମଲ୍ଲିକ, ଅଶୋକ ନାଥ, ଜ୍ୟୋସ୍ନା ବଗର୍ତ୍ତୀ, ସମ୍ପଦ କୋଡ୍‌, ସଂଜୀବ ନାୟକ, ବିନୋଦିନୀ ଦ୍ୱୀପ, ସୁରେଶ ସାହୁକାର, ଅଜୟ କୁମାର ମହାନ୍ତି, ଅଭୟ କୁମାର ଜେନା, ପ୍ରସନ୍ନ କୁମାର ପାଇକରାୟ, ଅକ୍ଷୟ କୁମାର ମଦୁଲି, ରଞ୍ଜନ କୁମାର ଭୋଇ, ରବି ହେମ୍ବ୍ରମ ଓ ଶଙ୍କର୍ଷଣ ରାଉତ ନିଯୁକ୍ତି ପାଇଛନ୍ତି । ସେହିପରି ଯୁଗ୍ମ ସମ୍ପାଦକ ଭାବରେ ପ୍ରଦୀପ କୁମାର ପାତ୍ର, ନବ କିଶୋର ସାଠୁଆ, ପିତାମ୍ବର ସେଠୀ, ଅର୍ଜୁନ ମଲ୍ଲିକ, ଧରିତ୍ରୀ ଜେନା, ଟୁଲୁ ଦାସ, ଅଶୋକ କୁମାର ସାମଲ, ମନୋଜ ଗୌଡ଼, ଦେବାଶିଷ ସାହୁ, ସଂଜୟ ବେହେରା, ଶାନ୍ତିଲତା ତାଣ୍ଡି, ପୁଷ୍ପା ଗଡ଼ତିଆ, ଝୁଲେନ୍ଦ୍ର ବାରିକ, ସୁନାଙ୍ଗ ଭୋଇ, ହେମନ୍ତ ନାୟକ, ତ୍ରିନାଥ ନାୟକ, ତୋଫାନ ମଲ୍ଲିକ, ବିନାୟକ ଗୌଡ଼, ଏସକେ ହମିଦ ରାଜା, ଅବିନାଶ ସ୍ୱାଇଁ ଓ ସୁଶାନ୍ତ କୁମାର ମଲ୍ଲିକ ନିଯୁକ୍ତି ପାଇଛନ୍ତି । ପ୍ରଦେଶ ଧ୍ୱଜ ପ୍ରଭାରୀ ଓ କାର୍ଯ୍ୟାଳୟ ଇନଚାର୍ଜ ଭାବରେ ଜ୍ୟୋତିଷ କୁମାର ସାହୁ, ଗଣମାଧ୍ୟମ ବିଭାଗର ସଂଯୋଜକ ଭାବରେ ଶ୍ରୀ ଦୀପକ କୁମାର ମହାପାତ୍ର ଓ ଯୁଗ ସଂଯୋଜକ ଭାବରେ ଦେବାଶିଷ ମିଶ୍ର, ସାମାଜିକ ଗଣମାଧ୍ୟମର ସଂଯୋଜକ ଭାବରେ ଦୀପକ କୁମାର ସାହୁ, ଯୁଗ ସଂଯୋଜକ ଭାବରେ କୈଳାସ ସାହୁଙ୍କୁ ନିଯୁକ୍ତି ଦିଆଯାଇଛି।

# ରେୟାରଫର୍ମ ଷ୍ଟୁଡିଓକୁ ଜାତୀୟ ପୁରସ୍କାର



## ଡିଜାଇନ୍ ଜଗତରେ ଓଡ଼ିଶାର ନୂଆ ପରିଚୟ

ଭୁବନେଶ୍ବର,୧୬।୯ (ମହାଭାରତ): ଡିଜାଇନ୍ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଭୁବନେଶ୍ୱରସ୍ଥିତ ଅଗ୍ରଣୀ ଡିଜାଇନ୍ ସଂସ୍ଥା ରେୟାରଫର୍ମ ଷ୍ଟୁଡିଓ ଭାରତର ଶ୍ରେଷ୍ଠ ୟଙ୍ଗ୍ ଡିଜାଇନ୍ ଷ୍ଟୁଡିଓ ପୁରସ୍କାର-୨୦୨୬' ହାସଲ କରିଛି। ଏହି ଜାତୀୟ ସ୍ୱୀକୃତି ଅବସରରେ ଷ୍ଟୁଡିଓ ପକ୍ଷରୁ ଭୁବନେଶ୍ୱରରେ 'ଓଡ଼ିଶାର ଡିଜାଇନ୍ ସଂସ୍କୃତିର ଭବିଷ୍ୟତ' ଶୀର୍ଷକ ଏକ ସ୍ୱତନ୍ତ୍ର ପ୍ୟାନେଲ୍ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ଏହି ଆଲୋଚନାରେ ଓଡ଼ିଶାର ସମୃଦ୍ଧ କଳା, ହସ୍ତଶିଳ୍ପ, ସ୍ଥାପତ୍ୟ ଓ ପାରମ୍ପରିକ ସୃଜନଶୀଳତାକୁ ଆଧୁନିକ ଡିଜାଇନ୍ ସହ ଯୋଡ଼ିବା ନେଇ ମତବିନିମୟ ହୋଇଥିଲା। କାର୍ଯ୍ୟକ୍ରମରେ ଓଡ଼ିଆ ଅଭିନେତା ଅଶ୍ରୁମୋଚନ ମହାନ୍ତି, ପଦ୍ମଶ୍ରୀ ଇଲିଆନା ଚିତାରିସ୍ତି, ଫିଲ୍ମ ପ୍ରଯୋଜକ ସବ୍ୟସାଚୀ ମହାପାତ୍ର, ଫ୍ୟାସନ୍ ଡିଜାଇନର ସବ୍ୟସାଚୀ ଶତପଥୀ, ବଲିଉଡ୍ ଆର୍ଟିଷ୍ଟ ସୁକାନ୍ତ ପାଣିଗ୍ରାହୀ ଏବଂ ଏନଆଇଏଫ୍ଟିର ପ୍ରଫେସର ସୁସ୍ମିତା ବେହେରା ପ୍ରମୁଖ ଯୋଗଦେଇଥିଲେ। ବିଜୟା ଲକ୍ଷ୍ମୀ ପରିଜା ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ରେୟାରଫର୍ମ ଷ୍ଟୁଡିଓର ସହ-ପ୍ରତିଷ୍ଠାତା ପ୍ରଶାନ୍ତ ଦ୍ୱିବେଦୀ ସ୍ୱାଗତ ଭାଷଣ ଦେଇ ଷ୍ଟୁଡିଓର ଯାତ୍ରା ଓ ସଫଳତା ବିଷୟରେ ଆଲୋକପାତ କରିଥିଲେ। ଡିଜାଇନ୍ କେବଳ ବାହ୍ୟ ସୌନ୍ଦର୍ଯ୍ୟ ନୁହେଁ, ମୌଳିକ ଚିନ୍ତାଧାରା, କଳ୍ପନା ଓ କାହାଣୀ କହିବାର ଏକ ମାଧ୍ୟମ ବୋଲି ସେ ମତ ପ୍ରକାଶ କରିଥିଲେ। ଓଡ଼ିଶାର ପ୍ରାଚୀନ କଳା, ହସ୍ତଶିଳ୍ପ ଓ ସ୍ଥାପତ୍ୟ ଆଧୁନିକ ଡିଜାଇନ୍ ପାଇଁ ପ୍ରେରଣାର ଉତ୍ସ ବୋଲି ସେ କହିଥିଲେ। ଷ୍ଟୁଡିଓର ସହ-ପ୍ରତିଷ୍ଠାତା ତଥା କ୍ରିଏଟିଭ୍ ହେଡ୍ ନୀଲ୍ ଆୟା କହିଥିଲେ ଯେ ଜାତୀୟ ପୁରସ୍କାର ଡିଜାଇନ୍ ମାଧ୍ୟମରେ କାହାଣୀ କହିବାର ସେମାନଙ୍କ ପ୍ରୟାସକୁ ଏକ ଗୁରୁତ୍ୱପୂର୍ଣ୍ଣ ସ୍ୱୀକୃତି । ଭୁବନେଶ୍ୱରରୁ ଆରମ୍ଭ ହୋଇଥିବା ଷ୍ଟୁଡିଓର ଯାତ୍ରା ଓଡ଼ିଶାର ମାଟି ଓ ପରମ୍ପରାରୁ ପ୍ରେରଣା ନେଇ ଆଗକୁ ବଢୁଛି ବୋଲି ସେ କହିଥିଲେ। ଶେଷରେ ପ୍ରଶାନ୍ତ ଦ୍ୱିବେଦୀ ଧନ୍ୟବାଦ ଅର୍ପଣ କରି ଏହି ପୁରସ୍କାରକୁ ଏକ ନୂଆ ଅଧ୍ୟାୟର ଆରମ୍ଭ ବୋଲି ଅଭିହିତ କରିଥିଲେ। ଓଡ଼ିଶାର ସୃଜନଶୀଳତାକୁ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ପହଞ୍ଚାଇବା ସହ ରାଜ୍ୟରେ ଏକ ଦୃଢ଼ ସୃଜନଶୀଳ ପରିବେଶ ଗଠନ କରିବା ଷ୍ଟୁଡିଓର ଲକ୍ଷ୍ୟ ବୋଲି ସେ ପ୍ରକାଶ କରିଥିଲେ।

# ରାହୁଲଙ୍କ ଭିତ୍ତିହୀନ ଅଭିଯୋଗ

କେରଳରେ ବିଗତ ୧୦ ବର୍ଷ ହେବ କ୍ଷମତାରେ ଥିବା ସିପିଏମ ନେତୃତ୍ୱାଧିନ ବାମ ଗଣତାନ୍ତ୍ରିକ ସାମ୍ମୁଖ୍ୟ ବା ଏଲଡିଏଫ ପରାଜିତ ହେଲା। କଂଗ୍ରେସ ନେତୃତ୍ୱାଧିନ ମିଳିତ ଗଣତାନ୍ତ୍ରିକ ସାମ୍ମୁଖ୍ୟ ବା ୟୁଡିଏଫ ଶାସନ କ୍ଷମତାକୁ ଫେରିଲା। ପଶ୍ଚିମବଙ୍ଗରେ ଜନମତ ମମତା ବାନାର୍ଜୀଙ୍କ ଟିଏମସି ବିପକ୍ଷରେ ଯିବାରୁ ସେ ହଙ୍ଗାମା କରୁଛନ୍ତି। ନିର୍ବାଚନରେ ମୁଁ ହାରିନି, ମୋତେ ହରାଇ ଦିଆଯାଇଛି ବୋଲି ମମତା କହିଲେ। ଏହା ଜନମତ ଏବଂ ଗଣତନ୍ତ୍ର ପ୍ରତି ଅପମାନ। ନିର୍ବାଚନରେ ପରାଜୟକୁ ମମତା ହଜମ କରିପାରୁନାହାଁନ୍ତି। ଇଭିଏମ, ଏସଆଇଆର, କେନ୍ଦ୍ରୀୟ ଫୋର୍ସ ଏବଂ ସିଇସିଙ୍କ ଯୋଗୁ ଟିଏମସି ଅତିକମରେ ୧୦୦ ଆସନ ହରାଇଲା ବୋଲି ସେ ଅଭିଯୋଗ କରିବା ସହିତ ନିର୍ବାଚନରେ ପରାଜୟ ସତ୍ତ୍ୱେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଲେ ନାହିଁ। ଏଥିରୁ ଗଣତନ୍ତ୍ର ପ୍ରତି ତାଙ୍କର କେତେ ସମ୍ମାନ ରହିଛି ତାହା ସହଜରେ ଅନୁମାନ କରାଯାଇପାରେ। ମମତାଙ୍କ ଏହି ଅଗଣତାନ୍ତ୍ରିକ ଏବଂ ମିଛ ଅଭିଯୋଗକୁ ରାହୁଲ ଗାନ୍ଧି ସମର୍ଥନ କରିବା ବିସ୍ମୟଜନକ ନହେଲେ ମଧ୍ୟ ଦୁର୍ଭାଗ୍ୟଜନକ। ବିଜେପି ବିରୋଧରେ ଭୋଟ ଚୋରୀ ଅଭିଯୋଗ କରି ଆସୁଥିବା ରାହୁଲ ଗାନ୍ଧିଙ୍କ ଭିତ୍ତିହୀନ ଅଭିଯୋଗକୁ ସମର୍ଥନ କରିବା ଏକ ସ୍ୱାଭାବିକ ଘଟଣା। ସେହିପରି ତାମିଲନାଡୁ ନିର୍ବାଚନରେ ପରାଜିତ ହୋଇଥିବା ଷ୍ଟାଲିନ ଇଭିଏମ ଗଡ଼ବଡ଼ ଅଭିଯୋଗ କରି ଏକ ମାମଲା ରୁଜୁ କରିଥିଲେ। ମାଡ୍ରାସ ହାଇକୋର୍ଟ ଏହାକୁ ଖାରଜ କରିଛନ୍ତି। ତାମିଲନାଡୁରେ ଡିଏମକେ କ୍ଷମତାସୀନ ଥିଲା। ଟିଭିକେ ପ୍ରଥମ ଥର ପାଇଁ ନିର୍ବାଚନ ଲଢ଼ି ଜିତିଛି। କେନ୍ଦ୍ରରେ କ୍ଷମତାସୀନ ବିଜେପି ମାତ୍ର ଗୋଟିଏ ଆସନ ପାଇଛି। ତାହା ହେଲେ ରାଜ୍ୟରେ ଇଭିଏମ ଗଡ଼ବଡ଼ କିଏ କଲା? ଏହା ଏକ ଅନ୍ଧ ଅଭିଯୋଗ। ପଶ୍ଚିମବଙ୍ଗରେ ଏଥର ଜନମତ ମମତାଙ୍କ ବିରୋଧରେ ଥିଲା। ବିଧାନସଭା ନିର୍ବାଚନରେ ମମତାଙ୍କ ବିରୋଧରେ ପ୍ରଚଣ୍ଡ ହାୱା ବହୁଥିଲା। ମମତା ବାନାର୍ଜୀଙ୍କ ଦଳ ଟିଏମସି ୮୦ଟି ଆସନ ଜିତିପାରିଲା ତାହା ବଡ଼ କଥା। ତାଙ୍କ ବିରୋଧରେ ଜନ ଅସନ୍ତୋଷ ଏତେ ପ୍ରବଳ ଥିଲା ବୋଲି ନିର୍ବାଚନରେ ୯୨ ପ୍ରତିଶତ ଭୋଟ ହୋଇଥିଲା। କେନ୍ଦ୍ରୀୟ ଫୋର୍ସର ଉପସ୍ଥିତି ଯୋଗୁ ମୁକ୍ତ, ଅବାଧ ଏବଂ ନିରପେକ୍ଷ ନିର୍ବାଚନ ହୋଇପାରିଲା। ରାଜ୍ୟ କଂଗ୍ରେସ ସଭାପତି ଅଧିର ରଞ୍ଜନ ଚୌଧୁରୀ ମଧ୍ୟ ସ୍ୱୀକାର କରିଛନ୍ତି। କିନ୍ତୁ ମମତା ଏହାକୁ ହଜମ କରିନପାରି ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଲେ ନାହିଁ। ଯେଉଁ ମହିଳା ଦେଶର ରାଷ୍ଟ୍ରପତି ଏବଂ ରାଜ୍ୟପାଳଙ୍କୁ ସମ୍ମାନ ଦେଇ ଜାଣିନାହାଁନ୍ତି ଏବଂ ଯିଏ ଅହଙ୍କାରର ବଶବର୍ତ୍ତୀ ହୋଇ ନିର୍ବାଚନରେ ପରାଜୟକୁ ଗ୍ରହଣ କରିପାରୁନାହାଁନ୍ତି ତାଙ୍କଠାରୁ ଅଧିକ କିଛି ଆଶା କରାଯାଇପାରେନା। ପଶ୍ଚିମବଙ୍ଗ ଭଳି କେରଳ ଓ ତାମିଲନାଡୁରେ ମଧ୍ୟ ଇଭିଏମ ମାଧ୍ୟମରେ ଭୋଟ ହୋଇଛି, ସେଠାରେ ମଧ୍ୟ ଏସଆଇଆର ହୋଇଛି। କିନ୍ତୁ ସେଠାରେ କେହି ନିର୍ବାଚନରେ ଜନାଦେଶ ନେଇ ପ୍ରଶ୍ନ କରି ନାହାଁନ୍ତି। କିନ୍ତୁ ପଶ୍ଚିମବଙ୍ଗରେ ମମତା ଏବଂ ରାହୁଲ ଏଭଳି ଅଭିଯୋଗ କରିବାର କାରଣ ହେଲା ବିଜେପିର ବିଜୟ। ପଶ୍ଚିମବଙ୍ଗରେ ବିଜେପିର ବିପୁଳ ବିଜୟକୁ ବରଦାସ୍ତ କରିନପାରି ମମତା ଅନ୍ଧ ଭଳି ଅଭିଯୋଗ କରୁଛନ୍ତି। କେରଳରେ ପିନରାଇ ବିଜୟନ ଜଣେ ସୁଶାସକ ଥିଲେ। କିନ୍ତୁ ଲୋକେ ପରିବର୍ତ୍ତନ ଚାହିଁଲେ। ତେଣୁ ଏଲଡିଏଫ ନିର୍ବାଚନରେ ହାରିଲା, କଂଗ୍ରେସ ଜିତିଲା। ନିର୍ବାଚନ ପରେ ରାଜ୍ୟରେ ଭି ଡି ସତିଶନଙ୍କ ନେତୃତ୍ୱରେ ନୂଆ ସରକାର ଗଠିତ ହେଲା। ନୂତନ ମୁଖ୍ୟମନ୍ତ୍ରୀଙ୍କ ଶପଥଗ୍ରହଣ ଉତ୍ସବକୁ ବିଦାୟୀ ମୁଖ୍ୟମନ୍ତ୍ରୀ ପିନରାଇ ବିଜୟନ ମଧ୍ୟ ଯାଇଥିଲେ। ଏହା ଏକ ସୁନ୍ଦର ଏବଂ ସ୍ୱାଗତଯୋଗ୍ୟ ପରମ୍ପରା। ଏହା ସୁସ୍ଥ ଗଣତନ୍ତ୍ରର ପ୍ରତୀକ। ଅତୀତରେ ଓଡ଼ିଶାରେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧିନ ବିଜେଡି ସରକାରର ପତନ ପରେ ଯେତେବେଳେ ରାଜ୍ୟରେ ମୋହନ ମାଝୀଙ୍କ ନେତୃତ୍ୱରେ ନୂତନ ବିଜେପି ସରକାର ଗଠିତ ହେଲା ସେତେବେଳେ ନୂଆ ମୁଖ୍ୟମନ୍ତ୍ରୀଙ୍କ ଶପଥଗ୍ରହଣ ଉତ୍ସବକୁ ନବୀନ ନିମନ୍ତ୍ରିତ ଅତିଥି ଭାବେ ଯାଇଥିଲେ।

# ମାତା ଧରିତ୍ରୀ ଓ ପୃଥିବୀର ପରିବେଶ


॥ ଡକ୍ଟର ରାଜକିଶୋର ମିଶ୍ର ॥


*ଆଜି ବିଭିନ୍ନ ଗଣମାଧ୍ୟମର ପୃଷ୍ଠ ଲେଟାଇଲେ ଦେଖାଯାଉଛି ଧରିତ୍ରୀ ପ୍ରତି ବିପଦକୁ ନେଇ ବିଭିନ୍ନ ସମୟରେ ବୈଜ୍ଞାନିକମାନଙ୍କ ଉଦ୍‌ବେଗ। ବିଭିନ୍ନ ସମୟରେ ପରିବେଶଜନିତ ଭୟଙ୍କର ଅବକ୍ଷୟ ପାଇଁ ଆଜି ସବୁକ୍ଷେତ୍ରରେ ସଚେତନତାର ମୁହୂର୍ତ୍ତ ପହଞ୍ଚିଥିଲେ ବି ଆମ୍ଭେମାନେ ବାସ୍ତବରେ କ'ଣ ସଚେତନ।*

ସଚରାଚର ବିଶ୍ୱ ବ୍ରହ୍ମାଣ୍ଡ ହେଉଛି ଭଗବାନଙ୍କ ସୃଷ୍ଟି । ଏବଂ ଏହି ସୁନ୍ଦର ସୃଷ୍ଟିର ପରିବେଶକୁ ଗଢ଼ିଛନ୍ତି ଭଗବାନ । ପ୍ରକୃତି ବିନା ପରିବେଶ ଏବଂ ପରିବେଶ ବ୍ୟତୀତ ଭଗବାନଙ୍କ ସର୍ବଶ୍ରେଷ୍ଠ ସୃଷ୍ଟି ସେହି ତଥାକଥିତ 'ଅମୃତସ୍ୟ ପୁତ୍ର'ଗଣ ହେଉଛନ୍ତି ଏହି ଧରିତ୍ରୀ ମାତା ଉପରେ ଆତଯାତ ହେଉଥିବା ଆମ୍ଭେ ସମସ୍ତେ । ଆଜି ହେଉଛି ବିଶ୍ୱ ଧରିତ୍ରୀ ଦିବସ । ଏହି ଦିବସକୁ ପାଳନ କରିବାର ଉଦ୍ଦେଶ୍ୟ ହେଲା, ଆମେ ବସବାସ କରୁଥିବା ପୃଥିବୀର ପରିବେଶକୁ କିଭଳି ସନ୍ତୁଳିତ ରଖିବା ଏବଂ ସମଗ୍ର ଜୀବଜଗତ ପ୍ରତି ଶ୍ରଦ୍ଧାଶୀଳ ହେବା । ୧୯୭୦ ମସିହା ଫେବୃୟାରୀ ମାସରେ ଧରିତ୍ରୀ ଦିବସର ପାଳନ ନିମିତ୍ତ ଏହାର ଚୂଡ଼ାନ୍ତ ରୂପରେଖ ଜାତିସଂଘକୁ ପଠାଯାଇଥିଲା । ଜାତିସଂଘ ଏହି ପ୍ରସ୍ତାବକୁ ସର୍ବସମ୍ମତି କ୍ରମେ ସ୍ୱୀକୃତି ଦେଇଥିଲେ । ଏଣୁ ପ୍ରତିବର୍ଷ ମାର୍ଚ୍ଚ ମାସ ୨୧ ତାରିଖକୁ ଧରିତ୍ରୀ ଦିବସ ରୂପେ ପାଳନ କରାଯାଏ । ସମ୍ପ୍ରତି ଧରିତ୍ରୀ ଓ ବିଶ୍ୱ ପରିବେଶ ଘୋର ସଂକଟରେ ସମ୍ମୁଖୀନ ହେଉଛି । ଏହାର କାରଣ ହେଉଛି ଆଜି ସବୁ ମାନବୀୟ ମୂଲ୍ୟବୋଧ ଅବକ୍ଷୟ ପଥରେ ଧାବମାନ ହେଉଛି । ସବୁଠି ଭୁଲବୁଝାମଣାର ଶିକାର ପାଲଟୁଛନ୍ତି ସମସ୍ତେ । ସମସ୍ତେ କହୁଛନ୍ତି ଆମ୍ଭେମାନେ ଶାନ୍ତି ଚାହୁଁ କିନ୍ତୁ ଶାନ୍ତି କେଉଁଠି ମିଳିବ ? ଧରିତ୍ରୀ ମାତା ଏବଂ ପରିବେଶ ହେଉଛି ସ୍ୱୟଂ ଜଗତ୍‌ସ୍ରଷ୍ଟା।

ପରିବେଶ ପ୍ରସଙ୍ଗରେ ସାମ୍ପ୍ରତିକ କ୍ଷେତ୍ରରେ ବୁଦ୍ଧିଜିବୀଙ୍କ ଠାରୁ ପରିବେଶବିତ୍, ଲୋକପ୍ରତିନିଧିଙ୍କ ଠାରୁ ଗଣମାଧ୍ୟମ, ବେସରକାରୀ ସ୍ୱେଚ୍ଛାସେବୀ ସଂଗଠନ ଠାରୁ ନାରୀ ମହଲ ସବୁଠି ଉଦ୍‌ବେଗ ପ୍ରକାଶ ପାଉଛି ବିଭିନ୍ନ ପ୍ରସଙ୍ଗରେ । କଥା ଉଠୁଛି, ପରିବେଶକୁ ଭଲପାଇ ଧରିତ୍ରୀ ମାତାର ଛାତି ଉପରେ ଆତଯାତ ହେଉଥିବା କେହି ଅମୃତର ସନ୍ତାନମାନେ ଆଉ କେବେ ତା ଭିତରର ଆକୁଳ ବେଦନାଭରା ପ୍ରାର୍ଥନା ଶୁଣିବାକୁ ସମର୍ଥ ହୋଇପାରିବେ ? ମାଆ କେବେ ତାର ସନ୍ତାନ ମାନଙ୍କୁ ଅଭିଶାପ ଦେଇନଥାଏ । ସେହିପରି ଧରିତ୍ରୀ ମାତା ଯୁଗେ ଯୁଗେ ତାର ସନ୍ତାନ ସଦୃଶ ଆମ୍ଭମାନଙ୍କୁ ସବୁବେଳେ ତାର କ୍ଷମାର ମୂର୍ତ୍ତିମନ୍ତ ସ୍ୱରୂପକୁ ପ୍ରକଟିତ କରି ସଦାସର୍ବଦା କ୍ଷମାମୟୀ ଗରିୟସୀ ମାଆ ଭାବରେ ପୂଜିତ । ପରିବେଶର ଭୟାବହ ପ୍ରଦୂଷଣ ପାଇଁ ଆଜି ସମସ୍ତେ ଉଦ୍‌ବେଗ ପ୍ରକାଶ କରୁଥିଲେ ବି ବାସ୍ତବରେ ଆମ୍ଭମାନଙ୍କ ଆଖିରେ କ'ଣ ସତରେ ଲୁହ ରହିଛି ? ନାଁ କୁମ୍ଭୀର କାନ୍ଦଣା ପରି ଆମ୍ଭେମାନେ ଦୁଇଆଖିରୁ ଲୁହ ଗଡ଼ାଇ ଚାଲିଛେ । ତେଣୁ ବର୍ତ୍ତମାନ ବି ସମୟ ରହିଛି ଆସନ୍ତୁ ଧରିତ୍ରୀମାତାକୁ ଭଲ ପାଇବା ଆମ ଆଖପାଖର ପରିବେଶକୁ ଭଲପାଇ ସେମାନଙ୍କ ଆନନ୍ଦ ଓ ପବିତ୍ର ପରିବେଶ ଭିତରେ ନିଜକୁ ହଜାଇ ଦେବା । ଅନେକ ହୁଏତ ଜାଣିନଥିବେ ଆମ୍ଭମାନଙ୍କର ତଥାକଥିତ ପ୍ରଚାର ପ୍ରସାର ଠାରୁ ଦୂରେଇ ଅନେକ ଆଧ୍ୟାତ୍ମିକ ଓ ଶିକ୍ଷା ଅନୁଷ୍ଠାନର ପରିସର ରହିଛି ଯାହାର ଚତୁଃପାର୍ଶ୍ୱରେ ଗଢ଼ିଉଠିଛି ବିଶାଳକାୟ ସବୁଜବନାନୀ ପରିବେଶ । ସେହି ସ୍ଥାନ ମାନଙ୍କରେ ଫୁଟିଛି ଶୋଭନୀୟ ଧରିତ୍ରୀର ସବୁଜିମା । ଆଉ ପିଲାମାନଙ୍କୁ ସଦାସର୍ବଦା ଶିକ୍ଷା ଦିଆଯାଏ ଧରିତ୍ରୀ ମାତା ହେଉଛି ଆମର ବିଶ୍ୱମାତା ଏବଂ ସର୍ବୋପରି ଫୁଲକୁ ଭଲପାଇ ପ୍ରସ୍ଫୁଟିତ ଫୁଲର ମହକକୁ ତା ମାଆର ପଣତରୁ ନଛଡ଼ାଇବା ପରି ଶୋଭନୀୟ ଶିକ୍ଷାକେନ୍ଦ୍ରରେ କେଉଁଠି ଫୁଲକୁ ଛିଣ୍ଡାଯାଏ ନାହିଁ ।

ଆଜି ବିଭିନ୍ନ ଗଣମାଧ୍ୟମର ପୃଷ୍ଠ ଲେଟାଇଲେ ଦେଖାଯାଉଛି ଧରିତ୍ରୀ ପ୍ରତି ବିପଦକୁ ନେଇ ବିଭିନ୍ନ ସମୟରେ ବୈଜ୍ଞାନିକମାନଙ୍କ ଉଦ୍‌ବେଗ । ବିଭିନ୍ନ ସମୟରେ ପରିବେଶଜନିତ ଭୟଙ୍କର ଅବକ୍ଷୟ ପାଇଁ ଆଜି ସବୁକ୍ଷେତ୍ରରେ ସଚେତନତାର ମୁହୂର୍ତ୍ତ ପହଞ୍ଚିଥିଲେ ବି ଆମ୍ଭେମାନେ ବାସ୍ତବରେ କ'ଣ ସଚେତନ । ବଡ଼ଖୁସିର କଥା ଆମ ରାଜ୍ୟର ଜଣେ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ପରିବେଶକୁ ଓ ଧରିତ୍ରୀମାତାକୁ ଭଲପାଇ ବିଦ୍ୟାଳୟକୁ ଯାଉଥିବା ପିଲାମାନଙ୍କ ସହିତ ବୃକ୍ଷରୋପଣ କରି ପିଲାମାନଙ୍କୁ ସବୁଜବନାନୀ ପରିବେଶକୁ ଭଲପାଇବା ପାଇଁ ପରାମର୍ଶ ଦେଉଛନ୍ତି କେବଳ ସେତିକି ନୁହେଁ ଭୁବନେଶ୍ୱରରେ ସେ ଭଲପାଉଥିବା ଦୁଇଟି ପୁଷ୍ପ ଉଦ୍ୟାନକୁ ତାଙ୍କର ସୁଦୂର ବନ୍ଧୁମାନଙ୍କୁ ଦେଖାଇବାକୁ ଭୁଲିନଥାନ୍ତି । ବିଜୁବାବୁ ବି ଜଣେ ପରିବେଶକୁ ଭଲ ପାଉଥିବା ବିଶାଳ ବ୍ୟକ୍ତିତ୍ୱ ଥିଲେ । ରାଜ୍ୟର ପ୍ରଗତି ସହ ଧରିତ୍ରୀ ମାତା ଓ ପରିବେଶର ଗୁରୁତ୍ୱପୂର୍ଣ୍ଣ ସମ୍ପର୍କ ରହିଛି । ଆଜି ରାଜ୍ୟରେ ଦ୍ରୁତ ଶିଳ୍ପାୟନର ବିକାଶ ପାଇଁ ଯୋଜନା ଚାଲିଥିବାବେଳେ ସମସ୍ତେ ପରିବେଶ ପ୍ରଦୂଷଣ ପାଇଁ ଗୁରୁତ୍ୱ ପ୍ରଦାନ କରି ପ୍ରଦୂଷଣକୁ ରୋକିବା ସହ ଧରିତ୍ରୀ ମାତା ପାଇଁ ନିଜ ଭଲପାଇବାକୁ ନିଜ ଭାବନା ସହିତ ଏକ କରି ଚାଲିଲେ ଧରିତ୍ରୀ ମାତା ହସିଉଠିବ । ଏକ ସୁନ୍ଦର ଶୋଭନୀୟ ପରିବେଶ ଆମ ସମସ୍ତଙ୍କ ଚତୁଃପାର୍ଶ୍ୱରେ ଆମ ଜୀବନର ପ୍ରଗତି ପାଇଁ ଆମ୍ଭମାନଙ୍କୁ ପ୍ରେରଣା ଯୋଗାଇବ । ଆଜି ସମଗ୍ର ବିଶ୍ୱରେ ଉତ୍ତପ୍ତ ବସୁଧା ଓ ପାଣିପାଗ ତଥା ପରିବେଶ ଯେଉଁପରି ଭୟଙ୍କର ଭାବେ ବିଷାକ୍ତ ତଥା ପ୍ରଦୂଷଣର ଗୁରୁଗମ୍ଭୀର ଆହ୍ୱାନକୁ ସାମ୍ନା କରୁଛି ତାହା ଆମ ସମସ୍ତଙ୍କୁ ଭଲ ଭାବେ ଜଣା। ଧରିତ୍ରୀକୁ ଭଲ ପାଇବା ଅର୍ଥ ଆମ ସବୁଜିମା ସହିତ ପ୍ରକୃତିକୁ ଭଲ ପାଇବା।

ବାସ୍ତବରେ ପ୍ରକୃତି ହେଉଛି ଆମର ମାତା। ଆମ୍ଭମାନଙ୍କ ଭିତରେ ସବୁଜ ପରିବେଶକୁ ଭଲ ପାଇବା ସହ ବ୍ୟାପକ ବୃକ୍ଷରୋପଣ ଓ ଜଙ୍ଗଲ ସୃଷ୍ଟି ସହିତ ପରିବେଶକୁ କିପରି ପ୍ରଦୂଷଣରୁ ମୁକ୍ତ ରଖିବା ଏହି ଆହ୍ୱାନ ଆମ ସମସ୍ତଙ୍କ ଭିତରେ ଜାଗରିତ ହେବା ଉଚିତ। ଖୁସିର କଥା ଆଜିକାଲି ଅନେକ ବ୍ୟକ୍ତିବିଶେଷ ଓ ସଙ୍ଗଠନମାନେ ବୃକ୍ଷରୋପଣକୁ ଗୁରୁତ୍ୱ ଦେଉଛନ୍ତି, ସବୁଜିମାକୁ ଭଲ ପାଉଛନ୍ତି ଏପରିକି ଅନେକ କାର୍ଯ୍ୟକ୍ରମରେ ଗଛ ଲଗାଇବା ଓ ଗଛକୁ ବନ୍ଧୁ ଭାବେ ଉପହାର ଦେବା ତଥା ସୁରକ୍ଷା ପାଇଁ ଶପଥ ନେବାର ଯେଉଁ ଦାୟିତ୍ୱ ନିର୍ବାହ କରୁଛନ୍ତି ତାହା ଖୁସିର କଥା। ତେବେ ସବୁକଥାରେ ସରକାର ବା ପ୍ରଶାସନ ଉପରେ ଦାୟିତ୍ୱ ନ୍ୟସ୍ତ କଲେ ଚଳିବ ନାହିଁ। କାରଣ ଏସବୁ ଆହ୍ୱାନକୁ ଆମେ ସମସ୍ତେ ଗ୍ରହଣ କରି ଆମ୍ଭ ମାନଙ୍କ ଜୀବନରେ କାର୍ଯ୍ୟକରେ ପରିଣତ କଲେ ଧରିତ୍ରୀ ଦିବସର ଗୁରୁତ୍ୱ ଯଥାର୍ଥରେ ପ୍ରତିପାଦିତ ହୋଇପାରିବ।


ଉଦ୍ଭିଦ ବିଜ୍ଞାନୀ ଓ ପରିବେଶବିତ୍, ପୂର୍ବତନ ସମ୍ପାଦକ, ଶ୍ରୀସତ୍ୟସାଇ ବିଦ୍ୟାଳୟ, କଳାବିକାଶ କେନ୍ଦ୍ର ମାର୍ଗ, କଟକ,

ଦୂରଭାଷ : ୭୦୦୮୧୮୧୮୨୦


# ଜୀବନ ହିଁ ରାମାୟଣ


॥ ଅନୀତା ପଟ୍ଟନାୟକ ॥


ଖରା ଛୁଟି ହୋଇଥାଏ। ସବୁ ସାଙ୍ଗସାଥୀମାନେ ସେମାନଙ୍କର ପରିବାରବର୍ଗଙ୍କ ସହିତ ବିଭିନ୍ନ ସ୍ଥାନକୁ ବୁଲି ବାହାରି ଥାଆନ୍ତି। ବାପା କହିଲେ ଆମେ ପୂର୍ବଥର ଅଯୋଧ୍ୟା ଯାଇଥିଲେ ମଧ୍ୟ ସଂପୂର୍ଣ୍ଣ ତିଆରି ହୋଇଥିବା ମନ୍ଦିର ଓ ବିଗ୍ରହଙ୍କୁ ଦେଖି ପାରିନଥିଲେ। ମା ମୋର ମାଉସୀଙ୍କୁ ନେବାକୁ ଅନୁରୋଧ କରିବାରୁ ସେ ବହୁତ ଖୁସିହେଲେ। ମୋର ମାଉସୀ ସରକାରଙ୍କ ଏକ ଉଚ୍ଚ ପଦସ୍ଥ କର୍ମଚାରୀ ଥିଲେ। ସେ ଦ୍ୱିତୀୟ ଶ୍ରେଣୀ ରେଳଡ଼ବାରେ ଯିବାକୁ ଭଲ ପାଉଥିଲେ। ରେଳଯାତ୍ରା ଆରମ୍ଭ ହେଲା। ବିଭିନ୍ନ ଖାଦ୍ୟ ପଦାର୍ଥ ବିକାଳୀ ଟ୍ରେନ ମଧ୍ୟକୁ ଆସି ସେମାନଙ୍କର ପଦାର୍ଥ ବିକିବାକୁ ଆରମ୍ଭ କଲେ। ମତେ ବାପା ଗୋଟେ ବଡ଼ ପିଜୁଳି କିଣିଦେଲେ। ବାପା, ମାଉସୀ ଓ ମା ଚା ପିଇବାକୁ ଆରମ୍ଭ କଲେ।

ମା କହିଲେ ଧର୍ମକୁ ପାଳନ ନକଲେ ମଧ୍ୟ ତୁମର ହୃଦୟ ତାହାକୁ ପାଳନ କରିବାକୁ କୁହେ। ତୁମକୁ ସାହାସୀ ଓ ଆନନ୍ଦମୟ ହେବାକୁ ପଡ଼ିବ। ତାହାନହେଲେ ତୁମେ ଜାଣିପାରିବ ତୁମେ ପାପ କରୁଛ। ମାଉସୀ ବାପାଙ୍କ ଉଦ୍ଦେଶ୍ୟରେ କହିଲେ, ଏହି ସଚେତନତାକୁ ଚିତ୍ତ କୁହାଯାଏ। ସଚେତନତାରୁ ଚିତ୍ତ ଆସେ। ସତ୍ୟ ଚିତ୍ ସହିତ ମିଳିତ ହେଲେ ସଚ୍ଚିଦାନନ୍ଦ ଆସିଥାଏ। ସଚ୍ଚିଦାନନ୍ଦ ପରିବର୍ତ୍ତନଶୀଳ ନୁହେଁ। ବାପା କହିଲେ, ଆତ୍ମା ଶରୀରକୁ ରକ୍ଷାକରେ। ଆତ୍ମାକୁ ଶରୀର ମାଧ୍ୟମରେ ଚିହ୍ନି ହୁଏ। ଶରୀର ଏକ ମାଧ୍ୟମ। ସେଥିପାଇଁ କୁହାଯାଇଛି ଖାଦ୍ୟ ଶରୀରର ରକ୍ଷା ପାଇଁ ଉଦ୍ଦିଷ୍ଟ ଓ ବସ୍ତ୍ର ଶୀତ ନିବାରଣ ପାଇଁ ଉଦ୍ଦିଷ୍ଟ। ଖାଦ୍ୟ ଜୀବନ ପାଇଁ ଖାଇବା ଉଚିତ, ଖାଇବା ପାଇଁ ଜୀବନକୁ ବିତାଇବା ଉଚିତ ନୁହେଁ। ମାଉସୀ ବାପାଙ୍କ ସହ ତାଳଦେଇ କହିଲେ ମଣିଷ ତାର ସମସ୍ତ ଶକ୍ତି ଆଜିକାଲି ଖାଦ୍ୟ ଗଣ୍ଡାକ ପାଇଁ ବିନିଯୋଗ କରୁଛି। ଜୀବନ ପାଇଁ ନୁହେଁ। ଜଣେ ସହଯାତ୍ରୀ ଯିଏ ଆମ କଥା ଶୁଣୁଥିଲେ ସେ କହିଲେ ରାମ ଆମ ମଧ୍ୟରେ ଅଛନ୍ତି, ଆମେ ହିଁ ରାମ। ଜୀବନ (ପ୍ରାଣ) ସୁଷୁମ୍ନା ନାଡ଼ିରେ ରହିଛି। ଜୀବନ ହୃଦୟରେ ନାହିଁ।

ମୁଁ କହିଲି ଆମ ସାର କହୁଥିଲେ ଆଖି, କାନ, ଜୀବନରୁ ଶକ୍ତି ପାଇଥାନ୍ତି। ଏଥିପାଇଁ ତାଙ୍କୁ ଅଙ୍ଗୀରସ କୁହାଯାଏ। ଶରୀରର ଅଙ୍ଗ ଗୁଡ଼ିକରେ ଶକ୍ତି ପ୍ରବାହିତ ହୁଏ। ତ୍ୟାଗରାଜ କହିଥିଲେ, ହେ ରାମ ତୁମକୁ କେଉଁଠି ପାଇବି? ପରେ ଜାଣିଥିଲେ, ଭଗବାନ ସର୍ବତ୍ର ବିଦ୍ୟମାନ। ଯେଉଁମାନେ ବିଶ୍ୱାସ କରନ୍ତି ଭଗବାନ ଅଛନ୍ତି ସେମାନଙ୍କ ପାଇଁ ଭଗବାନ ଅଛନ୍ତି। ଯେଉଁମାନେ ବିଶ୍ୱାସ କରନ୍ତିନି ଭଗବାନ ନାହାଁନ୍ତି ତାଙ୍କ ପାଇଁ ଭଗବାନ ନାହାଁନ୍ତି। ପ୍ରହଲ୍ଲାଦ ଏ ସତ୍ୟକୁ ବୁଝିଥିଲା। ଆମେ ଯେତେବେଳେ କହୁ ସେ ନାହାଁନ୍ତି, ନାହାଁନ୍ତି ଆମେ ସବୁ କିଛି ଖରାପ କାମ କରୁ। ଆମେ ଯେତେବେଳେ କହୁ, ସେ ଅଛନ୍ତି ଅଛନ୍ତି ଆମେ ସବୁ ଭଲ କାମ କରୁ। ଆଉ ଜଣେ ସହଯାତ୍ରୀ ଯେ ଅଯୋଧ୍ୟା ଯାଉଥିଲେ ସେ ଆମ କଥା ଶୁଣି ବହୁତ ଖୁସିହେଲେ। ସେ କହିଲେ ମୁଁ ଆପଣଙ୍କର କଥୋପକଥନରେ ଭାଗ ନେଇପାରେ। ବାପା କହିଲେ ନିଶ୍ଚୟ। ଆମକୁ ଲମ୍ବାଯାତ୍ରା ଯାତ୍ରା କରିବାକୁ ଅଛି। ସେ କହିଲେ, ଧର୍ମର ପ୍ରତିଷ୍ଠା ପାଇଁ ଓ ସଂସାରଧର୍ମ ପାଳନ ପାଇଁ ରାମ ଶିବଧନୁ ଭଙ୍ଗ କରିଥିଲେ। ଶିବ ହେଉଛନ୍ତି ମଙ୍ଗଳମୟ। ସେ ମଙ୍ଗଳମୟକୁ ପ୍ରାପ୍ତ କରିବା ପାଇଁ ଯାଇଥିଲେ। ମୋ ମା କହିଲେ ଆଜ୍ଞା ହଁ। ସୀତା ପୃଥିବୀଙ୍କ ଝିଅ। ଆମେ ପୃଥିବୀ ଉପରେ ନିର୍ଭରଶୀଳ। ଆମେ ଭୂଦେବୀ ନିକଟରେ ଶରଣାଗତ। ମୁଁ କହିଲି ମା ତାଙ୍କ ବିଷୟରେ ଟିକେ ଖୋଲିକି କୁହ। ମା କହିଲେ ସେ ବିଦେହର ରାଜକନ୍ୟା। ଜନକଙ୍କର ଅନ୍ୟ ନାମ ବିଦେହ। ବିଦେହ ଅର୍ଥ ଯାହାର ଶରୀର ସହ ସଂପର୍କ ନାହିଁ। ମନ, ଏହାର ଶରୀର ନାହିଁ। ଏହା ସର୍ବତ୍ର ବୁଲୁଥାଏ। ଜ୍ଞାନ ଓ ବିଜ୍ଞାନ ମନ ଠାରୁ ବାହାରିଛି। ମନର ଝିଅ ବ୍ରହ୍ମଜ୍ଞାନ। ଏହି ସମୟରେ ଆମ ମାନଙ୍କର ଆଲୋଚନାରେ ଗୋଟେ ଭଙ୍ଗା ପଡ଼ିଲା। ଟିକେଟ କଲେକ୍ଟର ଆସି ବାପାଙ୍କୁ ଟିକେଟ ମାଗିବାରୁ ସେ ଟିକେଟଗୁଡ଼ିକ ଯାଞ୍ଚ କରି ଆମ ପାଖରୁ ଚାଲିଗଲେ। ସେ ଚାଲିଯିବା ପରେ ମୁଁ ବାପାଙ୍କୁ ପଚାରିଲି, ତୁମେ ତ କହୁଛ ରାମ ଆତ୍ମାର ପ୍ରତୀକ ଓ ସେ ବ୍ରହ୍ମଜ୍ଞାନୀ ଥିଲେ। ରାମ ଜଙ୍ଗଲକୁ ଯିବାର ତାତ୍ପର୍ଯ୍ୟ କ'ଣ?

ପାଖରେ ବସିଥିବା ସହଯାତ୍ରୀ ଜଣକ ଏହାର ଉତ୍ତରରେ କହିଲେ ଆରେ ଝିଅ! ସେ ଜଙ୍ଗଲରୂପକ ସଂସାରିକ ଜୀବନରେ ପ୍ରବେଶ କରିଥିଲେ। ସଂସାର ଜଙ୍ଗଲରେ ପଶିଲେ କାମ, କ୍ରୋଧ, ଲୋଭ, ମୋହ ଆସିଥାଏ। ଏହା ଆମର ଜୀବନଚର୍ଯ୍ୟାର ସମୁଦ୍ରକୁ ବଢ଼ାଇଥାଏ। ଆମେ ଏପରି ସମୁଦ୍ରରେ ପଡ଼ିଲେ ଦଶମୁଣ୍ଡ ରୂପକ ରାବଣ ଆସି ଆମର ଆଧ୍ୟାତ୍ମିକ ଜ୍ଞାନକୁ ଚୋରାଇନେଇଥାଏ। ମୁଁ ପଚାରିଲି ରାବଣ କିଏ? ଅନ୍ୟ ସହଯାତ୍ରୀ ଜଣକ କହିଲେ କାମ, କ୍ରୋଧ, ଲୋଭ, ମୋହ, ମଦ, ମାତ୍ସର୍ଯ୍ୟରେ ପରିପୂର୍ଣ୍ଣ ଆମର ଖରାପ ଗୁଣ। ଏଗୁଡ଼ିକୁ ଗ୍ରହଣ କଲେ ଜ୍ଞାନ ଅପସରିଯାଏ। ମା କହିଲେ ସୀତା ଜ୍ଞାନର ପ୍ରତୀକ। ଜ୍ଞାନ ଉଭେଇ ଯିବାରୁ ରାମ ରୂପକ ଆତ୍ମା ଜ୍ଞାନର ସନ୍ଧାନରେ ବାହାରିଲେ ଓ ବାଟରେ ବାଳୀ ଓ ସୁଗ୍ରୀବ ଭେଟିଲେ। ସୁଗ୍ରୀବ ଯେ କି ଭଲ ଗୁଣ ପ୍ରତୀକ ତା ସହ ବନ୍ଧୁତା କଲେ। ବାଳୀ ଯେ କି ଖରାପ ଗୁଣର ପ୍ରତୀକ ତାକୁ ହତ୍ୟା କଲେ।

ବାପା କହିଲେ ଆତ୍ମା ଜ୍ଞାନର ଅନ୍ୱେଷଣରେ ସମୁଦ୍ରକୁ ଲଙ୍ଘିବାକୁ ଯାଇ ବାଧାବିଘ୍ନର ସମ୍ମୁଖୀନ ହେଲେ। ଆମ ସହିତ ଯାଉଥିବା ସହଯାତ୍ରୀ ଜଣକ କହିଲେ ହଁ ପରା। ହନୁମାନ ଓ ମାଙ୍କଡ଼ ମାନେ ଯେଉଁମାନେ ସାହାସିକତାର ପ୍ରତୀକ, ରାମ ତାଙ୍କ ସହ ବନ୍ଧୁତା କଲେ ଓ ଆସକ୍ତି ରୂପକ ସମୁଦ୍ରକୁ ଲଙ୍ଘନ କଲେ ଓ ସେ ବିଭୀଷଣ (ସତ୍ତ୍ୱଗୁଣ ସମ୍ପନ୍ନ) ରାବଣ (ରାଜସିକ) ଗୁଣ ସମ୍ପନ୍ନ ଓ କୁମ୍ଭକର୍ଣ୍ଣ (ତାମସିକ) ଗୁଣ ସମ୍ପନ୍ନ ବ୍ୟକ୍ତିତ୍ୱକୁ ଭେଟିଲେ। ମାଉସୀ କହିଲେ, ରାମ ରାଜସିକ ଓ ତାମସିକ ଗୁଣସମ୍ପନ୍ନ ବ୍ୟକ୍ତିଙ୍କୁ ହତ୍ୟାକଲେ ଓ ସାତ୍ତ୍ୱିକ ଗୁଣସଂପନ୍ନ ବ୍ୟକ୍ତି (ବିଭୀଷଣ)ଙ୍କୁ ରାଜା ରୂପରେ ଅଭିଷିକ୍ତ କରାଇଲେ। ମା କହିଲେ, ସୀତା ମୁକ୍ତ ହୋଇ ଆଧ୍ୟାତ୍ମିକ ଜ୍ଞାନୀଙ୍କ ସହ ଯୁକ୍ତ ହେଲେ। ବାପା ଆଲୋଚନାକୁ ଶେଷ କରିବାକୁ ଯାଇ କହିଲେ, ପାଣି ସରିଗଲାଣି ବାହାରକୁ ଯାଇ ପାଣିଆଣିବାକୁ ପଡ଼ିବ। ଝିଅ ତୁ ମନେରଖ – ରାମ ସମସ୍ତଙ୍କ ହୃଦୟ ସିଂହାସନରେ ବିଦ୍ୟମାନ। ଆଧ୍ୟାତ୍ମିକ ଜ୍ଞାନ ସହ ଯେତେବେଳେ ଦୈନନ୍ଦିନ ଜୀବନ ଚର୍ଯ୍ୟାର ଜ୍ଞାନ ମିଳିତ ହୁଏ ସେତେବେଳେ ହୃଦୟ ସିଂହାସନରେ ଭଗବାନ ବିରାଜମାନ କରିଥାନ୍ତି ତେଣୁ ମଣିଷର ଜୀବନ ହିଁ ରାମାୟଣ। ରାମ ଧର୍ମର ପ୍ରତୀକ। ରାମାୟଣର ଅର୍ଥ ରାମଙ୍କ ଅୟନ (ମାର୍ଗ)। ଧର୍ମରେ ରହିଲେ କାମକୁ ପ୍ରତିହତ କରିହୁଏ ଓ ଧନ ଓ କାମନାରୁ ମୁକ୍ତି ମିଳେ।


**ଅବସରପ୍ରାପ୍ତ ପ୍ରଧାପିକା, ସିଡିଏ, କଟକ**

**ଦୂରଭାଷ : ୯୬୯୨୯୮୦୦୨୬**


# ବିଭେଦର କାରଣ ଓ ନିରାକରଣ


॥ ଅଜୟ କୁମାର ବେହେରା ॥


ଭଦରେ ବି ଉପସର୍ଗ ଲାଗିଛି ଏହାର ଅର୍ଥ ବିଶେଷ ଭେଦ ଭେଦ କାହିଁକି? ଗତାନୁଗତିକ ଧାରାରେ ଯେଉଁ କାର୍ଯ୍ୟ ସର୍ବଜନ ହିତ ପାଇଁ ପ୍ରୟୋଗ କରାଯିବ ସେପରି କାର୍ଯ୍ୟ କରାଯାଉଥିଲେ ଭେଦ ଆସିବା ସମ୍ଭବନା କମ। ଯେଉଁ ଧର୍ମବିଧି ଓ ରାଜବିଧି ସ୍ଥିର କରାଯାଇ ଶାସନ ଧାର୍ଯ୍ୟ ସେଥିରେ ମଜ୍ଜି ରହି ସମୟ କାଟିଲେ କେହି ଉଁ ଚୁଁ ହୋଇପାରିବେ ନାହିଁ। ବରଂ ଲୋକେ ତାଙ୍କର ପ୍ରିୟ ଜାଣି ଆକୃଷ୍ଟ ହେବାକୁ ଲାଗିବେ। ଯେଉଁଠି ବିଧି ରହିଛି ସେଠାରେ ତାକୁ ଭଙ୍ଗ କରିଥାନ୍ତି ସ୍ୱାର୍ଥନ୍ୱେଷୀ। ଏମିତିକି ଲୋକାଚାର, ଧର୍ମଚାର, ପରି ବହୁ ଆଚାର ସଂହିତାର ଭଙ୍ଗ କରି ସ୍ୱାର୍ଥ ସିଦ୍ଧିରେ ମାର୍ଗୀଲୋକ ବିଭେଦକାରୀ। ବିଭେଦ ମାନେ ଡିଭାଇଡ ଆଣ୍ଡ ରୁଲ କରିବା ମାର୍ଗ। ଏକ ଗୋଷ୍ଠୀ, ଏକ ଦଳ, ଏକ ମତରେ ତିଷ୍ଠି ରହିବା ସ୍ତରକୁ ଛଳ କୌଶଳରେ ଛିନ୍ନଛତ୍ର ପୃଥକ କରି କାର୍ଯ୍ୟ ହାସଲ କରିବା ବିଭେଦ।

ବର୍ତ୍ତମାନ ଚାଲୁଥିବା ସବୁ ଧର୍ମ ସଂସ୍ଥାନରେ ବିଭେଦ ରହିଛି ଇସଲାମ ଧର୍ମରେ ସମସ୍ତେ ମୁସଲମାନ କହି ଏକକ ଧର୍ମୀୟ ଲୋକ କହିଲେ ବି ପ୍ରକୃତରେ ସେମାନେ ଦ୍ୱିମତରେ ଚଳୁଛନ୍ତି। ଖ୍ରୀଷ୍ଟଧର୍ମରେ ଏପରି ଦ୍ୱିମତ ରହିଛି। ବୌଦ୍ଧ ଧର୍ମରେ ଜୈନଧର୍ମରେ ଏଇ ବିଭେଦ ହିଁ ଧର୍ମକୁ ସଂକୁଚିତ କରିଛି। ଆମ ରାଜ୍ୟରେ ମହିମା ଧର୍ମ ମୁଖ୍ୟ କେନ୍ଦ୍ରରେ ଏମିତି ଦ୍ୱିମତଭାବ। ହିନ୍ଦୁ ଧର୍ମରେ ପ୍ରତି ଦେବତା ଉପାସନା ଅନୁଧ୍ୟାନ କଲେ ଏମିତି ଏକାଧିକ ମତ ଅଛି। ଚୈତନ୍ୟଙ୍କ ସହଜିଆ ବୈଷ୍ଣବ ଧର୍ମରେ ଏମିତି ବଙ୍ଗ ଉତ୍କଳ ମତ ବା ଜଗନ୍ନାଥ ଦାଶଙ୍କ ଅତିବଡ଼ୀ ସମ୍ପ୍ରଦାୟକୁ କେନ୍ଦ୍ର କରି ଚୈତନ୍ୟଙ୍କ ମତରେ ବଙ୍ଗୀୟ ବୈଷ୍ଣବମାନେ ଭିନ୍ନମତ ଭିନ୍ନ ପଥ ବାଛିଥିଲେ। ଏସବୁ କାରଣରୁ ଅନେକ ଧର୍ମପୀଠ ଅନୁଷ୍ଠାନ ମାନଙ୍କରେ ମାମଲା ଚାଲୁଛି, ଧର୍ମ ଅନୁଷ୍ଠାନ ଚାଲଉଥିବା ସମୟରେ ମତ ଫରକରୁ ରକ୍ତପାତ ପର୍ଯ୍ୟନ୍ତ ଘଟଣା ଘଟୁଛି। ସମସ୍ତେ ଏକ ଈଶ୍ୱରଙ୍କ ସନ୍ତାନ ସନ୍ତତି ପରସ୍ପର ଭାଇ ଭଉଣୀ ଏକଥା ସମସ୍ତେ ଭୁଲି ଯାଉଛନ୍ତି। ଭାଇଚାରା ରକ୍ଷା କଲେ ସମସ୍ତେ ଶାନ୍ତି ଜୀବନ ଯାପନ କରିପାରିବେ ଏକଥା ଭୁଲି ଯାଉଛନ୍ତି। ଏକ ଦେଶ, ଏକ ଜାତିରେ ଜନ୍ମିଥିବା ବ୍ୟକ୍ତି ମାନଙ୍କ ସ୍ୱଦେଶ ଜନ୍ମଭୂମିକୁ ଯଦି ମାଆ ସମ୍ମାନ ଦେଉଛନ୍ତି ତେବେ ପାଖ ଦେଶ ଲୋକ ସେପରି ତାଙ୍କ ଜନ୍ମଭୂମିକୁ ମାଆ କହୁଥିବେ ଏହା ବୁଝିବା ଦରକାର ଯଦି ମାଆ ମାଉସୀ ଭୂମି କହି ବନ୍ଧୁତ୍ୱ ରଖି ଭାଇ ଭଉଣୀ ସମ୍ପର୍କ ରଖିଲେ ଶାନ୍ତି ରହନ୍ତା ସୁଖ ମିଳନ୍ତା। ମାତ୍ର ଖାଲି ବିଭେଦ। ମୁଷ୍ଟିମେୟ ଲୋକ ତାଙ୍କର ଉଦ୍ଦେଶ୍ୟ ପୂରଣ କରିବା ପାଇଁ ବୃଥା ବିଭେଦ ସୃଷ୍ଟି କରି ନାନାଦି ଝିନଝଟ ଓ ରକ୍ତପାତ କରାଉଛନ୍ତି। ଅବୁଝା ଜିଦ ଓ ଅନ୍ଧବିଚାର ଏସବୁର କାରଣ।

ବାଘ ଓ ବକ୍ରୀ ନଦୀର ଏକ ଘାଟରେ ପାଣି ପିଅନ୍ତି। ସରକାରୀ ଆଦେଶରେ ଏଇ ସରକାରୀ ଆଦେଶ ସବୁ ଦେଶରେ ଅଛି। ପ୍ରକୃତରେ ଆଦି ସରକାର ମହାକାଶର ସର୍ବାଧାର ସୂର୍ଯ୍ୟ। ଯେ ନିତ୍ୟ ଅନ୍ଧକାର ହଠାଇ ଆଲୋକ ଦେଇ ଆସୁଛନ୍ତି ସତ୍ୟ ପ୍ରକାଶ ହିଁ ଆଲୋକ। ଭାଇଚାରାର ଆକର୍ଷଣର କେନ୍ଦ୍ରବିନ୍ଦୁକୁ ସେହି ମହାଆକାଶର ଚନ୍ଦ୍ର, ଶାନ୍ତ ଯୋଷ୍ନା ରାତ୍ରୀରେ ସବୁ ଭୂମିରେ ବିଛୁରିତ କରି ଲୋକଙ୍କୁ ଅନ୍ଧକାରରେ ବି ଆଲୋକ ଦେଉଛନ୍ତି। ରାତ୍ରମାନେ ଲୁଚି ରହିଥିବା ବିରୋଧ ଭାବ ନେତିନେତି ଭାବ ରେ ଭାବନ୍ତର କରେ ଏଇ ଚନ୍ଦ୍ର। ଜ୍ୟୋତିଷ ଶାସ୍ତ୍ରରେ ଅଛି ରବି ଓ ଚନ୍ଦ୍ରଙ୍କର ଶତ୍ରୁ ରାହୁ। ଏହି ଗ୍ରହ ଖଣ୍ଡିଆ ଗ୍ରହ, ଗୋଠ ମାତିଲେ ଖଣ୍ଡିଆ ମାତନ୍ତି, ଖଣ୍ଡିଆ ମାନେ ବିଫଳ ହୋଇଥିବା ବ୍ୟକ୍ତି ବିଶେଷ ବା ଗୋଷ୍ଠୀ ଯେଉଁମାନେ ଏକ ଚିର ଶାନ୍ତିକୁ ଭଙ୍ଗ ପାଇଁ ରାଜକାନୁନ ଓ ଭାଇଚାରାକୁ ଭାଙ୍ଗିବାକୁ ପ୍ରୟାସ କରନ୍ତି। ସାମୟିକ ରବିଙ୍କ ତେଜ ମ୍ଳାନ ହୋଇପାରେ ଚନ୍ଦ୍ରଙ୍କର ଜ୍ୟୋଷ୍ନା କମି କମି ଯାଏ ପୁଣି ବଢ଼ି ବଢ଼ି ଯାଇପାରେ ଅତଏବ ରାଜକାନୁନ ଭାଇଚାରା ପରିସ୍ଥିତିକୁ ପୁନଃ ଶାନ୍ତ କରାଇ ଦେଇଥାଏ।

ରାହୁ ଯେକୌଣସି ଶାନ୍ତ ସ୍ଥାନକୁ ଅଶାନ୍ତ କରାଇପାରେ ଏ ପାଇଁ ପ୍ରତି ବାସ୍ତୁଭୂମିରେ ଈଶାନ କୋଣରେ ରୁଦ୍ର ମହାଶୂଳ ଧରି ନୈଋତର ଅଧିକାରୀ ରାହୁ ଉପରେ ଦୃଷ୍ଟି ରଖିଛନ୍ତି। ରୁଦ୍ର ଈଶାନଙ୍କ ତପସ୍ୟା କଳରେ ଏ ରାହୁ କାଣ୍ଡ ଆରମ୍ଭ କରିପାରେ, ହେଲେ ୩ୟ ନୟନ ରୁଦ୍ରଙ୍କ ଖୋଲିଲେ ରାହୁ ନମଲେ ବି ନିଷ୍କ୍ରିୟ ହୋଇପାରେ। ଈଶାନର ମାଲିକ ଗ୍ରହ ମଧ୍ୟରେ ବୃହସ୍ପତି ଯେ ରବି ଓ ଚନ୍ଦ୍ରଙ୍କର ମିତ୍ର ଯେ ଦେବଗୁରୁ ପକ୍ଷାନ୍ତରେ ଦେବତାଙ୍କର ଉପଦେଶଦାତା ଆଇନ ଶାସ୍ତ୍ରର ସ୍ରଷ୍ଟା। ଆଇନ ଶାସ୍ତ୍ର ହିଁ ସର୍ବ ରକ୍ଷାର ମୂଳ ଉତ୍ସ ଯାହା ଦଣ୍ଡ ସଂହିତା ଦଣ୍ଡ ସଂହିତାକୁ କାୟମ କରନ୍ତି ମଙ୍ଗଳ ଓ ଶନି। ଏ ସର୍ବଦା ରାହୁର ସ୍ଥଳୀକୁ ଘେରି ରହିଛନ୍ତି। ମଙ୍ଗଳ (ଯମ) ଦକ୍ଷିଣରେ ଶନି(ବରୁଣ) ପଶ୍ଚିମରେ। ଏମିତି ସୃଷ୍ଟି ଆରମ୍ଭରୁ ଛକା ପଞ୍ଝା ସମୟ ଅତିବାହିତ ହେଉଛି। ଦିଗପାଳମାନେ ଢ଼ିଲା ମାରିଲେ ସର୍ବତ୍ର ଅଶାନ୍ତି ବ୍ୟାପେ, ଦିଗପାଳ କହିଲେ ପ୍ରତି ବିଭାଗୀୟ କର୍ମକର୍ତ୍ତାଙ୍କୁ ବୁଝାଏ। ଏମାନେ କାମକୁ ସ୍ୱ ସ୍ୱାର୍ଥରେ ନେଲେ ସମୟବୃଥା ଅପଚୟ କଲେ ସର୍ବ୍ର ଅଶାନ୍ତି ଉପୁଜିବା ନିଶ୍ଚିତ। ବିଭେଦର କାରଣର ନିରାକରଣ ଅର୍ଥ ଗତାନୁଗତିକ ଠିକ ଶାସନ ଚାଲିଲେ କେଉଁଠି କିଛି ଅଘଟଣ ଘଟି ନପାରେ। ପୃଥିବୀ ନଟୁ ପରି ଘୁରି ଚାଲିବ ଲୋକେ ଶାନ୍ତିରେ ରହିଥିବେ।



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






## ଅସୁରାଳି ଉଛପଦାରେ ଅବକାରୀ ବିଭାଗର ଚଢ଼ାଉ

# ସ୍କୁଟି ଡିକିରୁ ୧୪୫ ଗ୍ରାମ ହେରୋଇନ୍ ଜବତ

ଧୁଷୁରୀ:(ମହାଭାରତ ): ଭଦ୍ରକ ଜିଲ୍ଲାରେ ନିଶାଦ୍ରବ୍ୟ କାରବାର ବିରୋଧରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ ଅଭିଯାନ ଜୋରଦାର କରାଯାଉଥିବା ବେଳେ ଅସୁରାଳି ଅଞ୍ଚଳରୁ ଆସିଛି ବଡ଼ଧରଣର ଜବତ ସୂଚନା। ଅସୁରାଳି ପଞ୍ଚାୟତ ଅଧୀନ ଉଛପଦା ଅଞ୍ଚଳରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ଏକ ସ୍କୁଟିର ଡିକିରୁ ବିପୁଳ ପରିମାଣର ହେରୋଇନ୍ ଜବତ କରାଯାଇଛି। ଏହି ଘଟଣାରେ ଜଣେ ବ୍ୟକ୍ତିଙ୍କୁ ଅବକାରୀ ବିଭାଗ ଗିରଫ କରିଛି।ସୂଚନା ଅନୁଯାୟୀ, ଉଛପଦା ଅଞ୍ଚଳରେ ହେରୋଇନ୍ କାରବାର ନେଇ ଅବକାରୀ ବିଭାଗକୁ ଗୁପ୍ତ ସୂଚନା ମିଳିଥିଲା। ଗୁପ୍ତ ସୂଚନାକୁ ଗୁରୁତ୍ୱର ସହ ନେଇ ଭଦ୍ରକ ଅବକାରୀ ମୋବାଇଲ୍ ଟିମ୍ ପକ୍ଷରୁ ଯୋଜନାବଦ୍ଧ ଭାବେ ଉଛପଦା ଅଞ୍ଚଳରେ ଚଢ଼ଉ କରାଯାଇଥିଲା। ଚଢ଼ଉ ସମୟରେ ଓଡ-୨୨-ଣ-୪୧୧୯ ନମ୍ବର ବିଶିଷ୍ଟ ଏକ ସ୍କୁଟି ଉପରେ ଅବକାରୀ ଟିମ୍‌ର ସନ୍ଦେହ ହୋଇଥିଲା।ପରେ ଅବକାରୀ କର୍ମଚାରୀମାନେ ସ୍କୁଟିଟିକୁ ଯାଞ୍ଚ କରିବା ସହ ଏହାର ଡିକି ଖୋଲି ଯାଞ୍ଚ କରିଥିଲେ। ଡିକି ଭିତରୁ ପ୍ରାୟ ୧୪୫ ଗ୍ରାମ ହେରୋଇନ୍ ଜବତ ହୋଇଥିଲା। ଜବତ ହୋଇଥିବା ହେରୋଇନ୍‌ର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ୧୪ ଲକ୍ଷ ୫୦ ହଜାର ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ଜଣାପଡ଼ିଛି।ଏହି ଘଟଣାରେ ଅବକାରୀ ବିଭାଗ ତନ୍ମୟ ବାଇ (୩୩) ନାମକ ଜଣେ ବ୍ୟକ୍ତିଙ୍କୁ ଘଟଣାସ୍ଥଳରୁ ଗିରଫ କରିଛି। ଗିରଫ ବ୍ୟକ୍ତିଙ୍କ ଘର ଧାମନଗର ଥାନା ଅଧୀନ ଗୋବିନ୍ଦପୁର



ପଞ୍ଚାୟତ ଅଞ୍ଚଳରେ ବୋଲି ଜଣାପଡ଼ିଛି। ତେବେ ଏତେ ପରିମାଣର ହେରୋଇନ୍ କେଉଁଠାରୁ ଆସିଥିଲା ଏବଂ ଏହା କେଉଁ ଅଞ୍ଚଳକୁ ଚାଲାଣ ହେବାକୁ ଥିଲା, ସେନେଇ ଅବକାରୀ ବିଭାଗ ପକ୍ଷରୁ ଅଧିକ ତଦନ୍ତ କରାଯାଉଥିବା ଜଣାପଡ଼ିଛି।ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ନରୋତ୍ତମ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ଏବଂ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ସୁଚରିତା ମିଶ୍ରଙ୍କ ତତ୍ତ୍ୱାବଧାନରେ ଏହି ଚଢ଼ଉ ଅଭିଯାନ କରାଯାଇଥିଲା। ଅବକାରୀ ବିଭାଗର ଏହି ସ୍ୱତନ୍ତ୍ର ଟିମ୍ ?ରେ ଇନ୍ସପେକ୍ଟର ରାଜକିଶୋର ଜେନା, ସବ୍-ଇନ୍ସପେକ୍ଟର ନଟବର ମହାଳିକଙ୍କ ସମେତ ଅନ୍ୟାନ୍ୟ ଅବକାରୀ କର୍ମଚାରୀ ସାମିଲ ହୋଇଥିଲେ। ଉଛପଦା ଅଞ୍ଚଳରେ ଏହି ଚଢ଼ଉ ପରେ ନିଶାଦ୍ରବ୍ୟ କାରବାର ସହ ଜଡ଼ିତ ଲୋକଙ୍କ ମଧ୍ୟରେ ଛନକା ପଶିଛି। ଅନ୍ୟପକ୍ଷରେ ଯୁବପିଢ଼ିଙ୍କୁ ନିଶା କବଳରୁ ଦୂରେଇ ରଖିବା ଏବଂ ଅଞ୍ଚଳରେ ନିଶାଦ୍ରବ୍ୟ କାରବାରକୁ ରୋକିବା ପାଇଁ ଅବକାରୀ ବିଭାଗର ଚଢ଼ଉ ଆଗାମୀ ଦିନରେ ଆହୁରି ଜୋରଦାର ହେବାର ସମ୍ଭାବନା ରହିଛି।ଏହି ଘଟଣା ସମ୍ପର୍କରେ ଅବକାରୀ ବିଭାଗ ପକ୍ଷରୁ କେସ୍ ନମ୍ବର ୨୭୯/୨୬ରେ ମାମଲା ରୁଜୁ କରାଯାଇଛି। ଜବତ ହେରୋଇନ୍? ଓ ସ୍କୁଟିକୁ ଜବତ କରିବା ପରେ ଅଭିଯୁକ୍ତ ତନ୍ମୟ ବାଇଙ୍କୁ ଆଇନଗତ ପ୍ରକ୍ରିୟା ଅନୁସାରେ କୋର୍ଟ ଚାଲାଣ କରାଯାଇଛି।ତେବେ ଅସୁରାଳି ଉଛପଦା ଅଞ୍ଚଳରୁ ଏକାଥରକେ ୧୪୫ ଗ୍ରାମ ହେରୋଇନ୍? ଜବତ ହେବା ଘଟଣା ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଏହି ନିଶାଦ୍ରବ୍ୟ କାରବାର ପଛରେ ଆଉ କେଉଁମାନଙ୍କ ସମ୍ପୃକ୍ତି ରହିଛି କି ନାହିଁ, ତାହା ତଦନ୍ତ ପରେ ସ୍ପଷ୍ଟ ହେବ।

## କୃପାଳୁ ଶିଶୁ ସାହିତ୍ୟ ଆସରରେ ରାଷ୍ଟ୍ର ଗଠନର ସଂକଳ୍ପ ସହିତ 'ଭାଦ୍ରବର ଭେଟି



ପାରଳାଖେମୁଣ୍ଡି (ମହାଭାରତ): ସ୍ଥାନୀୟ ସରକାରୀ ସଂସ୍କୃତ ମହାବିଦ୍ୟାଳୟ ଛାତ୍ରାବାସର ପୂଜା ଗୃହଠାରେ ବାଳ-ମୁକୁନ୍ଦ କେନ୍ଦ୍ରର ତତ୍ତ୍ୱାବଧାନରେ 'କୃପାଳୁ ଶିଶୁ ସାହିତ୍ୟ ଆସର' ସାଫଲ୍ୟର ସହ ଅନୁଷ୍ଠିତ ହୋଇଯାଇଛି। ସରକାରୀ ଶିକ୍ଷାନୁଷ୍ଠାନ ଛୁଟି ଥିବା ସମୟର ସଦୁପଯୋଗ କରି ଛାତ୍ରମାନଙ୍କ ମଧ୍ୟରେ ନୈତିକ ଚେତନା ଓ ସାହିତ୍ୟିକ ରୁଚି ଜାଗ୍ରତ କରିବା ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ବାଳ-ମୁକୁନ୍ଦ କେନ୍ଦ୍ରର ସଂଯୋଜକ ଶ୍ରୀ ନିତ୍ୟାନନ୍ଦ ଚୌଧୁରୀ ପରିଚାଳନା ଦାୟିତ୍ୱ ତୁଲାଇବା ସହିତ ଆଲୋଚନାର ବିଷୟବସ୍ତୁ ଉପସ୍ଥାପନ କରିଥିଲେ। ସେ କହିଥିଲେ ଯେ ପବିତ୍ର ଭାଦ୍ରବ ମାସ କେବଳ ଉତ୍ସବର ମାସ ନୁହେଁ, ଏହା ଆମ ଜୀବନଶୈଳୀ ଓ ସଂସ୍କାରର ପ୍ରତୀକ। ଶ୍ରୀଗଣେଶ ପୂଜାର ଆଦର୍ଶରୁ 'ସାକ୍ଷର ଭାରତ', ଜନ୍ମାଷ୍ଟମୀ ପୂର୍ବର ଅଧିବାସ ଓ ଶୁଦ୍ଧିତାରୁ 'ସ୍ୱଚ୍ଛ ଭାରତ' ଏବଂ କୃଷିଭିତ୍ତିକ ପର୍ବ ନୂଆଁଖାଇରୁ ପରିବେଶ ସୁରକ୍ଷା ତଥା 'ସବୁଜ ଭାରତ' ଗଠନର ପ୍ରେରଣା ମିଳିଥାଏ। ଛାତ୍ରଛାତ୍ରୀମାନେ ନିଜ ଜୀବନରେ ଏହି ତିନୋଟି ମୂଲ୍ୟବୋଧକୁ ଆଚରଣରେ ପରିଣତ କରିବା ଜରୁରୀ ବୋଲି ସେ ମତବ୍ୟକ୍ତ କରିଥିଲେ। ଆସରର ଅନ୍ତିମ ଚରଣରେ ସଂସ୍କୃତ ଅଧ୍ୟାପକ ଶ୍ରୀ କାହ୍ନୁଚରଣ ପ୍ରଧାନ ଯୋଗଦେଇ ଉପସ୍ଥିତ ଛାତ୍ରମାନଙ୍କୁ ତ୍ରିବିଧ ସଂକଳ୍ପ ପାଠ କରାଇଥିଲେ।ସାକ୍ଷରତା ଶପଥ: 'ମୁଁ ନିଷ୍ଠାର ସହ ପାଠ ପଢ଼ିବି ଏବଂ ଅନ୍ୟମାନଙ୍କୁ ଶିକ୍ଷିତ ହେବା ପାଇଁ ଉତ୍ସାହିତ କରି ସାକ୍ଷର ଭାରତ ଗଠନରେ ଭାଗୀଦାର ହେବି'। ସ୍ୱଚ୍ଛତା ଶପଥ: 'ମୁଁ ମୋର ବିଦ୍ୟାଳୟ, ଘର ଓ ପରିବେଶକୁ ସର୍ବଦା ପରିଷ୍କାର ରଖିବି, କେବେ ଏଣେତେଣେ ଅଳିଆ ପକାଇବି ନାହିଁ'। ସବୁଜତା ଶପଥ: 'ମୁଁ ନିଜ ଜନ୍ମଦିନ ତଥା ବିଶେଷ ଦିବସରେ ଅତିକମରେ ଗୋଟିଏ ଗଛ ଲଗାଇବି ଏବଂ ଧରିତ୍ରୀକୁ ସବୁଜ ରଖିବା ପାଇଁ ତା'ର ଯତ୍ନ ନେବି' ।ପ୍ରକାଶ ଥାଉ କି, ଶିଶୁ,କିଶୋର ଏବଂ ଯୁବପିଢ଼ିମାନଙ୍କ ବୌଦ୍ଧିକ ଓ ଆଧ୍ୟାତ୍ମିକ ବିକାଶ ପାଇଁ ବାଳ-ମୁକୁନ୍ଦ କେନ୍ଦ୍ର ପକ୍ଷରୁ ସରକାରୀ ଶିକ୍ଷାନୁଷ୍ଠାନଗୁଡ଼ିକର ଛୁଟି ଦିନମାନଙ୍କରେ ନିୟମିତ ଏହି 'କୃପାଳୁ ଶିଶୁ ସାହିତ୍ୟ ଆସର'ର ଆୟୋଜନ କରାଯାଉଛି। ଛାତ୍ରାବାସର ଅନ୍ତେବାସୀ ଛାତ୍ରମାନଙ୍କ ସକ୍ରିୟ ଯୋଗଦାନରେ କାର୍ଯ୍ୟକ୍ରମଟି ଅତ୍ୟନ୍ତ ଉତ୍ସାହପ୍ରଦ ଥିଲା। ଶେଷରେ ସମୂହ ଶାନ୍ତି ମନ୍ତ୍ର ପାଠ ପୂର୍ବକ ସଭା ସାଙ୍ଗ ହୋଇଥିଲା।

## ଗଣେଶ ପୂଜା ପାଳିତ

ରେଢ଼ାଖୋଲ (ମହାଭାରତ) ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ ଗଣେଶ ନଗର ସ୍ଥିତ ପୂଜା ମଣ୍ଡପ ଠାରେ ସୋମବାର ଦିନ ଶ୍ରୀବିନାୟକ କ୍ଲବ୍ ଗଣେଶ ନଗର ପକ୍ଷରୁ ବିଘ୍ନ ବିନାଶକ ଶ୍ରୀ ଗଣେଶ ପୂଜା ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ସଂଘର ସମସ୍ତ ସଦସ୍ୟ ମାନଙ୍କ ସହଯୋଗରେ ପୂଜ୍ୟ ଶ୍ରୀ ଗଣେଶଙ୍କ ପୂଜା ଆୟୋଜନ ଶୁଭାରମ୍ଭ କରାଯାଇଛି। ଏଥିରେ କମିଟି ପକ୍ଷରୁ ଆଗକୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ତଥା ନୃତ୍ୟ, ଗୀତ, ଫେଶନ ସୋ ପ୍ରତିଯୋଗିତା ସହିତ ପରାୟଣ ଏବଂ ଭଜନ ସଂଧ୍ୟା ଅନ୍ୟାନ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଯାଉଛି। ମଣ୍ଡପ ରେ ବମ୍ବେ ଡିଜାଇନ୍ ର କାରୁକାର୍ଯ୍ୟ ସହିତ ଆକର୍ଷଣ ମୂର୍ତ୍ତି ଲାଇଟ୍ ସଜସଜା ମନମୋହି ଯାଉଛି ବାବା ଙ୍କ କୃପା ପାଇବାପାଇଁ ଭକ୍ତ ଭିଡ଼ ଜମୁଛି ।ଏଥିରେ ପୂଜକ ଭାବରେ ରୁଦ୍ର ନାରାୟଣ ନନ୍ଦ ପୂଜାର୍ଚ୍ଚନା ଓ ହୋମ କାର୍ଯ୍ୟ ନିର୍ବାହ କରିଥିଲେ। ଏଥିରେ କର୍ତ୍ତା ଭାବରେ ସୁବ୍ରତ ହୋତା ତାଙ୍କ ଧର୍ମପତ୍ନୀଙ୍କ ସହିତ ସମସ୍ତ କାର୍ଯ୍ୟ ତୁଲାଇଥିଲେ।

## ଚିତ୍ରୋତ୍ପଳା ଯୁବକ ସଂଘ ଓ ପଣ୍ଡିତ ଲକ୍ଷ୍ମୀ ନାରାୟଣ ସାଂସ୍କୃତିକ ସଂସଦ ତରଫରୁ ନୂଆଁଖାଇ ଭେଟଘାଟ

**ସମ୍ବଲପୁର,:**ପଶ୍ଚିମ ଓଡ଼ିଶାର ଗଣପର୍ବ ଉପଲକ୍ଷେ ସର୍ବ ପୁରାତନ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଆୟୋଜିତ କରୁଥିବା ନନ୍ଦପଡା ସମ୍ବଲପୁରର ଚିତ୍ରୋତ୍ପଳା ଯୁବକ ସଂଘ ଓ ପଣ୍ଡିତ ଲକ୍ଷ୍ମୀ ନାରାୟଣ ସାଂସ୍କୃତିକ ସଂସଦ ତରଫରୁ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ମଙ୍ଗଳବାର ରାତ୍ରିରେ ସମ୍ପନ୍ନ ହୋଇଯାଇଛି । ଏହି ଉତ୍ସବରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୁଜାରୀ ମୁଖ୍ୟ ଅତିଥି, ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ଓ ବିଧାୟକ ଜୟନାରାୟଣ ମିଶ୍ର ସମ୍ମାନୀତ ଅତିଥି ରୂପେ ଯୋଗ ଦେଇଥିଲେ । ଅତିଥି ମାନଙ୍କ ବାଲୁଙ୍କେଶ୍ୱର ମନ୍ଦିର ଟ୍ରଷ୍ଟର ସଭାପତି ସୁରେଶ୍ୱର ମିଶ୍ର, ସମୀର ରଞ୍ଜନ ବାବୁ, ଫଣିଭୂଷଣ ମିଶ୍ର ଓ ଇଂ ପ୍ରଭୂଦତ୍ତ ପଣ୍ଡା ପ୍ରମୁଖ ମଞ୍ଚାସୀନ ରହିଥିଲେ । ଶ୍ୱେତାଂଶୁ ଶେଖର ବରାଇ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶେଷରେ ବାଲଗୋପାଳ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ । ନୂଆଁଖାଇ ଉପଲକ୍ଷେ ପୂର୍ବରୁ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ମାନଙ୍କୁ ଅତିଥି ମାନେ ଟ୍ରଫି ଓ ମାନପତ୍ର ଦେଇ ପୁରସ୍କୃତ କରିଥିଲେ । ସେହିଭଳି ଆଜି ସମ୍ପନ୍ନ ହୋଇଥିବା ପଶ୍ଚିମ ଓଡିଶାସ୍ତରୀୟ ଚେସ ପ୍ରତିଯୋଗିତାରେ ୧୭୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । କ୍ୟାରେମର ସିଙ୍ଗଲ ବର୍ଗରେ ସମ୍ବଲପୁରର ବିଜୟ ସାହା (ରିଙ୍କୁ) ଚାମ୍ପିୟନ ହୋଇଥିବା ବେଳେ ଝାରସୁଗୁଡାର ଚନ୍ଦନ କୁମାର ପ୍ରଧାନ ଉପ ଚାମ୍ପିୟନ ହୋଇଛନ୍ତି । ଡବଲ ବର୍ଗରେ ସମ୍ବଲପୁରର ବିଜୟ ସାହା (ରିଙ୍କୁ) ଓ ରାହୁଲୁ ଠାକୁର (ବିକି) ଚାମ୍ପିୟନ ହୋଇଥିବା ବେଳେ ଏମଡି ଇସାକ ଓ ନିଜାମ ଖାନ ଉପ ଚାମ୍ପିୟନ ହୋଇଛନ୍ତି । ମୁଖ୍ୟ ରେଫରୀର ଦାୟିତ୍ୱ ଅନୀଲ କୁମାର ମିଶ୍ର ତୁଲାଇଥିବା ବେଳେ ସୋମନାଥ ଘୋଷ ଓ ଇନ୍ଦ୍ରଜିତ ରାୟ ସହଯୋଗ କରିଥିଲେ । ଏହି ଅବସରରେ ସନ୍ଧ୍ୟା ସମୟରୁ ଆରମ୍ଭ ହୋଇଥିବା ସାଂସ୍କୃତିକ କାର୍ଯ୍ୟକ୍ରମରେ ରାଜ କୁମାର ଜାଲ, କାବ୍ୟା ମିଶ୍ର, ସୁଧାକାଶା ପାଣି, ଆଦ୍ୱିକ ସ୍କୁଲ, ଆଲୋକ ପଣ୍ଡା, ହାଉସିଂ ବୋର୍ଡ ଡାନ୍ସ ଗ୍ରୁପ, କରାଲି ଡାନ୍ସ ଗ୍ରୁପ, ଶତ୍ରୁଘ୍ନ ଲୁହା ସମେତ ଅନେକ ସାଂସ୍କୃତିକ ଦଳ ଓ କଳାକାର ମାନେ ଭବ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଏହି ଭେଟଘାଟ କାର୍ଯ୍ୟକ୍ରମକୁ ଶିବ ମିଶ୍ର, ରଞ୍ଜିତ ମିଶ୍ର, ଅଂଶୁମାନ ମିଶ୍ର, କେଶବ ମିଶ୍ର, ଜିତେନ୍ଦ୍ର ନନ୍ଦ, ସଂକଳ୍ପ ମହାପାତ୍, ମନୋଜ ମହାପାତ୍ର, ବିଚିତ୍ରାନନ୍ଦ ମିଶ୍ର, ଅବିନାଶ ମିଶ୍ର, ଆଭାଶିଷ ମିଶ୍ର, ସୁଶ୍ରିତ ମିଶ୍ର, ଅନୀଲ ପଣ୍ଡା, ଚିତ୍ରୋତ୍ପଳା ଯୁବକ ସଂଘ ଓ ପଣ୍ଡିତ ଲକ୍ଷ୍ମୀ ନାରାୟଣ ସାଂସ୍କୃତିକ ସଂସଦ ସଦସ୍ୟ ମାନେ ପରିଚାଳନା କରିଥିଲେ ବୋଲି ଗଣମାଧ୍ୟମ ସଂଯୋଜକ ବିରାଜ ମିଶ୍ର ସୁଚନା ଦେଇଛନ୍ତି ।

## ଚନ୍ଦ୍ରଭାଗା ବେଳାଭୂମିରେ ବେଳାଭୂମି ସଫେଇ ଅଭିଯାନ ଅନୁଷ୍ଠିତ




**କୋଣାର୍କ/ପୁରୀ, :** ଆଜି ପୁରୀ ଜିଲ୍ଲା ପ୍ରଶାସନ ଏବଂ କୋଣାର୍କ ଘଇଉ ଦ୍ୱାରା କୋଣାର୍କର ଚନ୍ଦ୍ରଭାଗା ବେଳାଭୂମିରେ ଅନ୍ତର୍ଜାତୀୟ ଉପକୂଳ ସଫେଇ ଦିବସ ୨୦୨୬ ଅବସରରେ ଏକ ବେଳାଭୂମି ସଫେଇ ଅଭିଯାନ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୁରୀର ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା,ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ପୁରୀ; ପୁରୀ ମହାନଗର ନିଗମର ଯୁଗ୍ମ କମିଶନର ଅଭିମନ୍ୟୁ ବେହେରା; ପୁରୀର ପର୍ଯ୍ୟଟନ, ସହକାରୀ ନିର୍ଦ୍ଦେଶକ ସରୋଜ କାନ୍ତ ପ୍ରଧାନ ନିର୍ଦ୍ଦେଶକ; କୋଣାର୍କ ଏନଏସିର ଅଧକ୍ଷା ସଂଯୁକ୍ତା ତ୍ରିପାଠୀ, ଉପାଧକ୍ଷ ସୁରେଶ ଚନ୍ଦ୍ର ରାଉତ, ନିର୍ବାହୀ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ଜେନା, କୋଣାର୍କର ପର୍ଯ୍ୟଟନ ବିକାଶ ଅଧିକାରୀ ମାମିନି ପରିଡା,କୋଣାର୍କର ଅଗ୍ନିଶମ ଅଧିକାରୀ; ଗୋପର ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ, ସମେତ ଅନ୍ୟାନ୍ୟ ଅଧିକାରୀ ଏବଂ ଅଂଶୀଦାରମାନେ ଯୋଗ ଦେଇଥିଲେ।ସାଂସଦ ଜଗତସିଂହପୁରଙ୍କ ପ୍ରତିନିଧି ମଙ୍ଗରାଜ ମୁଦୁଲି ଏବଂ କୋଣାର୍କର ମଣ୍ଡଳ ସଭାପତି, ଗୋପୀନାଥ ସ୍ୱାଇଁ ମଧ୍ୟ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ, ମତ୍ସ୍ୟଜୀବୀ, ପର୍ଯ୍ୟଟକ ଏବଂ ହୋଟେଲ ଆସୋସିଏସନର ପ୍ରତିନିଧିମାନେ ଏହି ଅଭିଯାନରେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକଳାପଗୁଡ଼ିକରେ ବେଳାଭୂମି ସଫେଇ ଏବଂ ଅଳିଆ ପୃଥକୀକରଣ, ଏକକ ବ୍ୟବହାର ପ୍ଲାଷ୍ଟିକ୍ ଏଡାଇବା ଏବଂ ଉପକୂଳ ପରିବେଶକୁ ସୁରକ୍ଷା ଦେବା ପାଇଁ ଶପଥ ଏବଂ ପ୍ଲାଷ୍ଟିକ୍ କ୍ୟାରୀ ବ୍ୟାଗର ବିକଳ୍ପ ଭାବରେ କପଡ଼ା ବ୍ୟାଗର ପ୍ରଚାର ଅନ୍ତର୍ଭୁକ୍ତ ଥିଲା। କାର୍ଯ୍ୟକ୍ରମ ଧନ୍ୟବାଦ ପ୍ରସ୍ତାବ ସହିତ ଶେଷ ହୋଇଥିଲା, ଅଂଶଗ୍ରହଣକାରୀମାନେ ଚନ୍ଦ୍ରଭାଗା ବେଳାଭୂମିକୁ ସ୍ୱଚ୍ଛ, ନିରାପଦ ଏବଂ ପରିବେଶଗତ ଭାବରେ ସ୍ଥାୟୀ ରଖିବା ପାଇଁ ସେମାନଙ୍କର ପ୍ରତିବଦ୍ଧତାକୁ ପୁନଃଦୋହରାଇଥିଲେ।

## ଗିଧମାଲ ଗ୍ରାମରେ ନୂଆଁଖାଇ ଭେଟଘାଟ, ଜମିଲା କଂସ ଦରବାର



**ବରଗଡ଼ ,:** ପଶ୍ଚିମ ଓଡ଼ିଶାର ମହାନ ଗଣପର୍ବ ନୂଆଁଖାଇ ଅବସରରେ ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ କଟାବାହାଲ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଗିଧମାଲ ଗ୍ରାମରେ ନୂଆଁଖାଇ ଭେଟଘାଟ ଓ କଂସ ଦରବାର କାର୍ଯ୍ୟକ୍ରମ ଉତ୍ସାହ ଓ ଉଦ୍ଦୀପନାର ସହ ପାଳିତ ହୋଇଯାଇଛି। ଏହି ଅବସରରେ ଗ୍ରାମରେ ସୃଷ୍ଟି ହୋଇଥିଲା ଏକ ଭିନ୍ନ ପ୍ରକାରର ସାଂସ୍କୃତିକ ପରିବେଶ। ନୂଆଁଖାଇ ପର୍ବ ଅବସରରେ ଗ୍ରାମବାସୀ ପରସ୍ପରକୁ ନୂଆଁଖାଇ ଜୁହାର ଜଣାଇବା ସହ ଭାଇଚାରା, ଏକତା ଓ ସମ୍ପର୍କର ନିବିଡ଼ତାକୁ ଆହୁରି ମଜବୁତ କରିଥିଲେ। ନୂଆ ଧାନରୁ ପ୍ରସ୍ତୁତ ନବାନ୍ନ ମା'ଙ୍କୁ ଅର୍ପଣ କରିବା ପରେ ପରିବାର ଓ ବନ୍ଧୁବର୍ଗଙ୍କ ସହ ନୂଆଁ ଖାଇବାର ପରମ୍ପରା ଏଠାରେ ଆନନ୍ଦମୁଖର ପରିବେଶ ସୃଷ୍ଟି କରିଥିଲା। କାର୍ଯ୍ୟକ୍ରମର ଅନ୍ୟତମ ଆକର୍ଷଣ ଥିଲା କଂସ ଦରବାର। ପୌରାଣିକ କଥାବସ୍ତୁକୁ ଆଧାର କରି ଆୟୋଜିତ ଏହି ସାଂସ୍କୃତିକ ପରିବେଷଣରେ କଂସଙ୍କ ଦରବାରର ଦୃଶ୍ୟ ଉପସ୍ଥାପନ କରାଯାଇଥିଲା। ମହାରାଜ କଂସ ଭୂମିକାରେ ରୋହିତ ସାହୁ, ମନ୍ତ୍ରୀ ଭୂମିକାରେ ଜଳନ୍ଧର ବାଘ ଏବଂ ଅନ୍ୟ ସମସ୍ତ କଳାକାରମାନଙ୍କ ଅଭିନୟ, ସଂଳାପ ଓ ପାରମ୍ପରିକ ପରିବେଷଣ ଦର୍ଶକଙ୍କ ମନ ଜିଣିଥିଲା। ଛୋଟରୁ ବଡ଼ ସମସ୍ତେ କଂସ ଦରବାର ଦେଖିବାକୁ ଏକାଠି ହୋଇଥିଲେ। ଏହି ଅବସରରେ ଗ୍ରାମର କୁନି କୁନି କଳାକାରଙ୍କ ଦ୍ୱାରା ବିଭିନ୍ନ ନୃତ୍ୟ,ଗୀତ ପରିବେଷଣ ହୋଇଥିଲା। ଗ୍ରାମର ଯୁବପିଢ଼ିଙ୍କ ଉତ୍ସାହ ଓ ସକ୍ରିୟ ସହଯୋଗରେ କାର୍ଯ୍ୟକ୍ରମଟି ଅଧିକ ଆକର୍ଷଣୀୟ ହୋଇଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବରେ ସାମ୍ବାଦିକ ସୁଶାନ୍ତ ପଣ୍ଡା ଯୋଗଦେଇଥିବା ବେଳେ ଗ୍ରାମର ବିରେନ୍ଦ୍ର ପଧାନ, ମୋତିଲାଲ ସାହୁ,ନରେନ୍ଦ୍ର ତରିଆ ଯୋଗ ଦେଇ ମହାରାଜଙ୍କ ନିର୍ଦ୍ଦେଶରେ ଗ୍ରାମର ଉନ୍ନତି ବିଷୟରେ ମଞ୍ଚରେ ଆଲୋଚନା କରିଥିବା ବେଳେ ନୂଆଁଖାଇ କେବଳ ନୂଆ ଅନ୍ନ ଖାଇବାର ପର୍ବ ନୁହେଁ, ଏହା ପଶ୍ଚିମ ଓଡ଼ିଶାର ସାମାଜିକ ଏକତା, ଭାଇଚାରା ଓ ସମୃଦ୍ଧ ସଂସ୍କୃତିର ପ୍ରତୀକ। ଗିଧମାଲ ଗ୍ରାମରେ ଆୟୋଜିତ ଏହି ନୂଆଁଖାଇ ଭେଟଘାଟ ଓ କଂସ ଦରବାର ଏହି ପରମ୍ପରାକୁ ଆହୁରି ଜୀବନ୍ତ କରିଥିବାର ଅତିଥି ମାନେ ପ୍ରକାଶ କରିବା ସହ ଆୟୋଜକ ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଗୋଲାମାଲ ଗ୍ରାମରେ ନିଆରା ନୁଆଁଖାଇ

ସମ୍ବଲପୁର: କୃଷି ଭିତ୍ତିକ ନୁଆଁଖାଇ ପର୍ବ କୁ ସୃଷ୍ଟିର ଆଦ୍ୟ ଗଣପର୍ବ ବୋଲି କୁହାଯାଏ। ପଶ୍ଚିମ ଓଡିଶା ରେ ନୁଆଁଖାଇ ପର୍ବ କୁ ବିପୁଳ ଆନନ୍ଦ ଉତ୍ସାହ ର ସହିତ ପାଳନ କରାଯାଇଥାଏ। ମାଟି ମା ସହିତ ମଣିଷ ସମାଜ ର ନୈସର୍ଗିକ ସମ୍ପର୍କ ଓ ବିଭିନ୍ନତା ମଧ୍ୟ ରେ ଏକତା,ଭାଇଚାରା, ବନ୍ଧୁତ୍ୱ ର ପ୍ରତିଫଳନ ନୁଆଁଖାଇ ପର୍ବ ରେ ଦେଖିବାକୁ ମିଳେ। ସମ୍ବଲପୁର ଜିଲ୍ଲା ରେଙ୍ଗାଲିବ୍ଲକ କତରବଗା ପଞ୍ଚାୟତ ର ଗୋଲାମାଲ ଗ୍ରାମ ର ସମସ୍ତ ପରିବାର ଭେଦଭାବ ଭୁଲି ଏକାଠି ନୁଆଁଖାଇ ପାଳନ କରି ବସୁଧୈବ କୁଟୁମ୍ବକମ୍ ଉକ୍ତି ର ସାର୍ଥକତା ପ୍ରତିପାଦନ କରି ଆସୁଛନ୍ତି ।ଗୋଲାମାଲ ଗ୍ରାମବାସୀ 'ଗୁଟେ ଗାଁ ଗୁଟେ କୁଟୁମ୍' ଅର୍ଥାତ୍ ଗୋଟିଏ ଗାଁ ଗୋଟିଏ କୁଟୁମ୍ବ ସାଂପ୍ରତି ବିଚ୍ଛିନ୍ନତାବାଦୀ ମାନସିକତା ଆଡକୁ ମୁହାଁଉଥିବା ସମାଜ କୁ ବିଭିନ୍ନତା ମଧ୍ୟରେ ଏକତା ର ଉଦାହରଣ ସୃଷ୍ଟି କରିବାରେ ସଫଳ ହୋଇଛନ୍ତି ଉଗ୍ର ଆଧୁନିକତା ତଥା ପାଶ୍ଚାତ୍ୟ ସଂସ୍କୃତି ଅନ୍ଧାନୁକରଣ ର ପ୍ରଭାବ ରେ ଭାରତୀୟ ସାମାଜିକ,ସାଂସ୍କୃତିକ ଓ ପାରିବାରିକ ପରମ୍ପରା ଗୁରୁତର ଭାବେ ପ୍ରଭାବିତ। ଏହା ଫଳ ରେ ସମାଜ ଓ ପରିବାର ରେ ସ୍ୱାର୍ଥପରତା,ଭାଇଭାଇ ଭିତରେ ତିକ୍ତତା ପାରିବାରିକ ଅଶାନ୍ତି ଦିନକୁ ଦିନ ବୃଦ୍ଧି ପାଉଛି। ଆମ ସମାଜ ଓ ସାମାଜିକ ପରମ୍ପରା ଏଭଳି ଘଡିସନ୍ଧି ସମୟ ରେ ଉପନୀତ ଥିବା ବେଳେ ସମ୍ବଲପୁର ଜିଲ୍ଲା ର ରେଙ୍ଗାଲିବ୍ଲକ ଅନ୍ତର୍ଗତ ଗୋଲାମାଲ ଗ୍ରାମ ରେ ୧୮୦ ଟି ପରିବାର ର ୮ଶହ ସଦସ୍ୟ ଜାତି,ଧର୍ମ ବର୍ଣ୍ଣ ନିର୍ବିଶେଷ ରେ ଏକାଠି ମିଶି ପ୍ରାଚୀନ ଗଣପର୍ବ ନୁଆଁଖାଇ ପାଳନ କରି ଅନନ୍ୟ ଉଦାହରଣ ସୃଷ୍ଟି କରିଛନ୍ତି। ଗୋଲାମାଲ ଗ୍ରାମ ରେ ୨୦୦୧ ମସିହା ରୁ ଏହି ପରମ୍ପରା ଆରମ୍ଭ ହୋଇ ବସୁଧୈବ କୁଟୁମ୍ବକମ୍ ବାର୍ତ୍ତା ର ସାର୍ଥକତା ପ୍ରତିପାଦନ କରୁଛି। ଉଗ୍ର ଆଧୁନିକତାର ପଛ ରେ ଅନ୍ଧାଧୁନିଆଁ ଧାଉଁଥିବା ଯୁବପିଢି ପାଇଁ ଗୋଲାମାଲ ର ୧୮୦ ପରିବାର ଏକ ଉପାଦେୟ ବାର୍ତ୍ତା ଦେଇଛନ୍ତି । ନୁଆଁଖାଇ ୨୦୦୧ ମସିହା ରେ ଗ୍ରାମ ର ଯୁବଗୋଷ୍ଠୀ 'ଗୋଟିଏ ଗାଁ ଗୋଟିଏ କୁଟୁମ୍ବ ' ପରିକଳ୍ପନା କରି ଏକ ସଭା ର ଆୟୋଜନ କରିଥିଲେ। ସଭାରେ ଗ୍ରାମ ର ପ୍ରତ୍ୟେକ ପରିବାର ବରିଷ୍ଠ ଓ କନିଷ୍ଠ ସଭ୍ୟ ଯୋଗ ଦେଇ ଥିଲେ। ଗ୍ରାମ ରେ ଅନୁଷ୍ଠିତ ହେଉଥିବା ବିବାହ ବ୍ରତ, ନାମକରଣ,ଶୁଦ୍ଧି କ୍ରିୟା ଆଦି ସାମାଜିକ କାର୍ଯ୍ୟକ୍ରମ ରେ ଏବଂ ବିପଦ ଆପଦ ରେ ଜାତି ଧର୍ମ ରୁ ଉର୍ଦ୍ଧ୍ୱ ରେ ରହି ସମସ୍ତେ ଯୋଗ ଦେଉଥିବା ବେଳେ ଗ୍ରାମ ର ସମସ୍ତେ ଗୋଟିଏ ପରିବାର ଭଳି ଲାଗେ। ସେହି ଦୃଷ୍ଟିକୋଣ ରୁ ଗଣପର୍ବ ନୁଆଁଖାଇ କୁ ଗୋଟିଏ ଗାଁ ଗୋଟିଏ ପରିବାର ରୂପେ ସମସ୍ତେ ଏକାଠି ନୁଆଁଖାଇ ପାଳନ କରିବାକୁ ଯୁବପିଢି ସଭା ରେ ପ୍ରସ୍ତାବ ଦେଲେ। ଏହି ପ୍ରସ୍ତାବ କୁ ସଭାରେ ଉପସ୍ଥିତ ବରିଷ୍ଠ କନିଷ୍ଠ ସମସ୍ତେ ସ୍ୱାଗତ କରି ସହମତି ପ୍ରକାଶ କରିଥିଲେ। ସେହି ବର୍ଷ ରୁ ଗୋଲାମାଲ ଗ୍ରାମ ରେ ଆରମ୍ଭ ହେଲା 'ଗୋଟିଏ ଗାଁ ଗୋଟିଏ ପରିବାର' ପରିକଳ୍ପନାର ସଫଳ ରୂପାୟନ। ୨୦୨୪ ମସିହା ରେ ଗୋଲାମାଲ ରେ ଅନୁଷ୍ଠିତ ନୁଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ରେ ପଦ୍ମଶ୍ରୀ ହଳଧର ନାଗ ମୁଖ୍ୟ ଅତିଥି ରୂପେଯୋଗ ଦେଇ ଗ୍ରାମ ର ଏହି ପରମ୍ପରା କୁ ଉଚ୍ଚ ପ୍ରଶଂସା କରି ଏହାକୁ 'ଗୋଟିଏ ଗାଁ ଗୋଟିଏ ପରିବାର ' ପରିବର୍ତ୍ତେ 'ଗୁଟେ ଗାଁ ଗୁଟେ କୁଟୁମ୍' ରଖାଯାଉ ବୋଲି ଗ୍ରାମବାସୀଙ୍କୁ ପ୍ରସ୍ତାବ ଦେଇଥିଲେ । ପଦ୍ମଶ୍ରୀ ନାଗ ଙ୍କ ପ୍ରସ୍ତାବ କୁ ସମର୍ଥନ କରି ଗୋଲାମାଲ ର ନୁଆଁଖାଇ ର ଶିରୋନାମା ରେ ପରିବର୍ତ୍ତନ କରାଯାଇ 'ଗୁଟେ ଗାଁ ଗୁଟେ କୁଟୁମ୍ ' ରଖାଯାଇଛି।

## ଗଣେଶ ପୂଜା ଧୁମ ଧାମ ରେ ପାଳିତ

ଗଜପତି(ମବହାଭାରତ): ଗଜପତି ଜିଲ୍ଲା ସଦର ମହକୁମ ପରଳା ଖିମୁଣ୍ଡି ରେ ଗଣେଶ ପୂଜା। ଧୁମ ଧାମ ରେ ପାଳିତ ହୋଇଯାଇଛି। ସହ ର ର ବିଭିନ ଶିକ୍ଷା ଅନୁ ଷ୍ଠା ନ ସ୍କୁଲ କଲେଜରେ ଧୁମ ଧାମ ରେ ପାଳିତ ହୋଇଯାଇଛି। ସେହି ଭଳି ସହରର ବିଭିନ୍ନ ଛକ ସାହି ରେ ରେ ଧୁମ ଧାମ ରେ ପାଳିତ ହେବ। ସହ ଜିଲ୍ଲା ର ବିଭିନ୍ନ ବ୍ଲକ ଓ ପୁର ପଲ୍ଲୀରେ ମଧ ମହ। ଷୋମ ହାର ରେ ପାଳିତ ହଉଛି। ଆଡ଼ମ୍ବର ରେ ପାଳିତ ହୋଇଛି। ଗଣେଶ ପୂଜ। ବା ବ୍ରତ ମଧ ଘରେ ଘରେ ପୂଜା କରୁଛନ୍ତି ।

# ଦଶପଲ୍ଲା ଏନ୍‌ଏସିର ୫ ନମ୍ବର ୱାର୍ଡରେ ପିଇବା ପାଣି ସଙ୍କଟ

## ଡ୍ରେନ୍ ନିର୍ମାଣ ବେଳେ ଫାଟିଲା ପାଇପ୍, ତିନି ଦିନ ହେଲା ଜନଜୀବନ ଅସ୍ତବ୍ୟସ୍ତ

ଦଶପଲ୍ଲା,(ମହାଭାରତ): ପ୍ରବଳ ଗୁଳୁଗୁଳି ଓ ଖରାର ପ୍ରକୋପ ମଧ୍ୟରେ ଦଶପଲ୍ଲା ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି) ଅନ୍ତର୍ଗତ ୫ ନମ୍ବର ୱାର୍ଡ ଅନନ୍ତ ବିହାରରେ ତୀବ୍ର ପାନୀୟ ଜଳ ସଙ୍କଟ ଦେଖାଦେଇଛି। ବିଗତ ୩ ଦିନ ଧରି ଜଳ ଯୋଗାଣ ସମ୍ପୂର୍ଣ୍ଣ ଠପ୍ ହୋଇପଡ଼ିଥିବାରୁ ସ୍ଥାନୀୟ ଅଧିବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସୂଚନାନୁସାରେ, ଅନନ୍ତ ବିହାର ଅଞ୍ଚଳରେ ଡ୍ରେନ୍ ନିର୍ମାଣ ପାଇଁ ଜେସିବି ସାହାଯ୍ୟରେ ମାଟି ଖନନ ଚାଲିଥିବା ବେଳେ ମୁଖ୍ୟ ପାନୀୟ ଜଳ



ପାଇପ୍‌ଟି ଫାଟି ନଷ୍ଟ ହୋଇଯାଇଥିଲା। ଫଳରେ ସମଗ୍ର ଅଞ୍ଚଳକୁ ଜଳ ଯୋଗାଣ ବାଧାପ୍ରାପ୍ତ ହୋଇଛି। ପାଇପ୍ ଫାଟିବାର ତିନି ଦିନ ବିତିଯାଇଥିଲେ ସୁଦ୍ଧା ଏହାର ମରାମତି ଦିଗରେ କୌଣସି ତ୍ୱରିତ ପଦକ୍ଷେପ ନିଆଯାଇ ନାହିଁ। ଏହି କାରଣରୁ ନିତ୍ୟବ୍ୟବହାର୍ଯ୍ୟ କାର୍ଯ୍ୟ ସମେତ ପିଇବା ପାଣି ମୁନ୍ଦାଏ ପାଇଁ ସ୍ଥାନୀୟ ଲୋକେ ତହଲବିକଳ ହେଉଛନ୍ତି। ବିଶେଷକରି ଛୋଟ ପିଲା ଏବଂ ବୟସ୍କ ବ୍ୟକ୍ତିମାନେ ଚରମ ହଇରାଣ ହେଉଥିବା ଦେଖିବାକୁ ମିଳିଛି। ଜେସିବି ଯୋଗେ ଖନନ କାର୍ଯ୍ୟ ଚାଲିଥିବା ସମୟରେ ବିଭାଗୀୟ ଯନ୍ତ୍ରୀ କିମ୍ବା ଠିକାଦାରଙ୍କ ଉପସ୍ଥିତି ଓ ଦାୟିତ୍ୱହୀନତାକୁ ନେଇ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପାଇପ୍ ଫାଟିବା ପରେ ତୁରନ୍ତ ବିକଳ୍ପ ଜଳ ଯୋଗାଣ କିମ୍ବା ଯୁଦ୍ଧକାଳୀନ ଭିତ୍ତିରେ ମରାମତି ନକରି ପ୍ରଶାସନ ନିରବଦ୍ରଷ୍ଟା ସାଜିବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରଶାସନର ଏପରି ଅବହେଳା ଯୋଗୁଁ ସାଧାରଣ ଲୋକେ ଅଯଥା ଶାସ୍ତି ଭୋଗୁଥିବା ବେଳେ ଏହି ଜଳ ସମସ୍ୟାର ସମାଧାନ କେବେ ହେଉଛି, ତାହା ଦେଖିବାକୁ ବାକି ରହିଲା। ଅଞ୍ଚଳବାସୀ ଏ ଦିଗରେ ତୁରନ୍ତ ପ୍ରଶାସନିକ ହସ୍ତକ୍ଷେପ ଦାବି କରିଛନ୍ତି।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା






# ବିପଦକୁ ଆମନ୍ତ୍ରଣ କରୁଛି ଆରଡ଼ି ସେତୁ

## ୧୫ ହଜାର ଲୋକଙ୍କ ଜୀବନ ସହ ଖେଳ



**ଓଡ଼ଗାଁ,,:**ଓଡ଼ଗାଁ ବ୍ଲକ୍ ଅନ୍ତର୍ଗତ ଗୋଡ଼ିପଲ୍ଲୀ ପଞ୍ଚାୟତର ଚଢ଼େୟାପଲ୍ଲିରୁ ଖଳିପାଟଣା ରାସ୍ତା ଓ ସେତୁ ଅବସ୍ଥା ଶୋଚନୀୟ ହୋଇପଡ଼ିଛି ।ଚାରି ପଞ୍ଚାୟତର ୧୫ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣଙ୍କ ପାଇଁ ଜୀବନରେଖା ପାଲଟିଥିବା ଏହି ଗ୍ରାମ୍ୟ ଉନ୍ନୟନ ରାସ୍ତାର କଦର୍ଯ୍ୟ ଅବସ୍ଥା ଦେଖିଲେ ନେତା ଓ ପ୍ରଶାସନ ପାଇଁ ଏହି ରାସ୍ତା ଯେପରି ଅଛୁଆଁ ହୋଇଯାଇଛି ।ବିପଦକୁ ଆମନ୍ତ୍ରଣ କରୁଛି ଆରଡ଼ି ରାସ୍ତା । ସୂଚନା ଥାଉ କି, ବରସାହି,ଗୋଡିପଲ୍ଲୀ,ପଞ୍ଚିରିଡା ମାନପୁର ପଞ୍ଚାୟତର ପ୍ରାୟ ୧୫ହଜାର ଜନସାଧାରଣ ଏହି ରାସ୍ତାଉପରେ ନିର୍ଭର କରନ୍ତି ।ଏତେ ଲୋକଙ୍କ ସୁବିଧା ପାଇଁ ବହୁବର୍ଷ ତଳେ ଦୁଆଣ୍ଟ ନଦୀ ଉପରେ ଏକସେତୁ ନିର୍ମାଣ କରାଯାଇଥିଲା ।୨୦୦୩ ମସିହାରେ ପୂର୍ବତନ ବିରୋଧୀ ଦଳ ନେତା ତଥା ସ୍ଥାନୀୟ କଂଗ୍ରେସ ବିଧାୟକ ବରିଷ୍ଠ ନେତା ରମାକାନ୍ତ ମିଶ୍ରଙ୍କ ସମୟରେ ନିର୍ମିତ ଏହି ରାସ୍ତା ଓ ସେତୁ କାର୍ଯ୍ୟ ନିର୍ମାଣ ହୋଇଥିଲା ।ଧୀରେଧୀରେ ରାସ୍ତା ଓ ସେତୁ ଅବସ୍ଥା ଶୋଚନୀୟ ହୋଇପଡ଼ିଲାଣି ।ଏନେଇ ବାରମ୍ବାର ଅଭିଯୋଗ ପରେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି ।ଫଳରେ ତତ୍କାଳୀନ ସରପଞ୍ଚ ଲିଙ୍ଗରାଜ ପାତ୍ର ବ୍ୟକ୍ତିଗତ ଭାବେ ୧୦ ହଜାର ଟଙ୍କା ଖର୍ଚ୍ଚକରି ନନ୍ଦଗୋପାଳ ଦାସ ଏବଂ କ୍ଲବ୍ ପିଲାଙ୍କ ସହାୟତାରେ ଏହି ସେତୁ ମରାମତି କାର୍ଯ୍ୟ କରିଥିଲେ ।ବିଦ୍ୟାଳୟକୁ ଯିବା ସମୟରେ ଜଣେଛାତ୍ରୀ ପଡି ଆହତ ହେବାପରେ ଏହି ମରାମତି କାର୍ଯ୍ୟ କରାଯାଇଥିଲା ।ସେତେବେଳର ଯନ୍ତ୍ରୀ ରାମରାଓ ପାତ୍ର,ଜିଲାପାଳ,ବିଭାଗୀୟ ଅଧିକାରୀ ସମସ୍ତଙ୍କୁ ରାସ୍ତା ଦୂରାବସ୍ଥା ନେଇ ଅଭିଯୋଗ କରାଯାଇଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନଥିବା ଅଭିଯୋଗ ହୋଇଛି ।ବର୍ତ୍ତମାନ ସେତୁ ଅବସ୍ଥା ଶୋଚନୀୟ ହୋଇପଡ଼ିଛି । ସିମେଣ୍ଟ ନଷ୍ଟହୋଇ ଲୁହାଛଡ଼ ଦେଖାଗଲାଣି ।ଯେକୌଣସି ସମୟରେ ଦୁର୍ଘଟଣା ଆଶଙ୍କା ଥିଲେମଧ୍ୟ ସେଥିପାଇଁ କିଏ ଉତ୍ତରଦାୟୀ ରହିବ ବୋଲି ପ୍ରଶ୍ନହେଉଛି ।ସତେ ଯେମିତି କୌଣସି ବଡ଼ ଧରଣର ଅଘଟଣକୁ ଅପେକ୍ଷା କରିଛନ୍ତି ନେତା ଓ ପ୍ରଶାସନ ଏଭଳି ପ୍ରଶ୍ନ ଲୋକଙ୍କ ମନରେ ଉଙ୍କି ମାରୁଛି ।ଏସମ୍ପର୍କରେ ଗ୍ରାମ୍ୟ ଉନ୍ନୟନଏସଡିଓ ସୁଜାତା ଶତପଥୀଙ୍କୁ ପଚାରିବାରେ ସେ କହିଲେ ମୁଁ ଏହି ରାସ୍ତା ଓ ସେତୁ ସମ୍ପର୍କରେ ଅବଗତ ଅଛି,ଏଥିପାଇଁ ଟେଣ୍ଡର ହୋଇଥିଲା ।ଜଣେ ଠିକାଦାର ୪୨ପ୍ରତିଶତରେ ପକାଇଥିବାରୁ ପୁଣିଥରେ ଟେଣ୍ଡର କରାଯିବ ।ଟେଣ୍ଡର ପ୍ରକ୍ରିୟା ସରିଲେ ଯଥାଶୀଘ୍ର କାର୍ଯ୍ୟ ଆରମ୍ଭ ହେବବୋଲି ସେ ସୂଚନା ଦେଇଛନ୍ତି ।

## ବୃତ୍ତଙ୍ଗ ପ୍ରକଳ୍ପ: ଉପଯୁକ୍ତ କ୍ଷତିପୂରଣ ଓ ଥଇଥାନ ଦାବିରେ ଏକାଠି ହେଲେ ବୁଡ଼ି ଅଞ୍ଚଳବାସୀ



ଦଶପଲ୍ଲା(ମହାଭାରତ): ବୃତ୍ତଙ୍ଗ ଜଳସେଚନ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଥିବା ବେଳେ କୁଲୁରୁକୁମ୍ପା ପଞ୍ଚାୟତର ପାମ୍ପେରେଡ଼ାଠାରେ ଶତାଧିକ ବାସଚ୍ୟୁତ ଅଧିବାସୀ ଏକାଠି ହୋଇ ନିଜର ହକ୍ ପାଇଁ ଦାବି ଉଠାଇଛନ୍ତି । ବିସ୍ଥାପନ ପୂର୍ବରୁ ସମସ୍ତ କ୍ଷତିଗ୍ରସ୍ତ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ଏବଂ ଭୂମିହୀନଙ୍କୁ ଥଇଥାନ କରିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଛି । ଏନେଇ ରଙ୍କନିଧି ସାହୁଙ୍କ ସଭାପତିତ୍ୱ ଏବଂ ବସନ୍ତ କୁମାର ସାହୁଙ୍କ ସମ୍ପାଦକତ୍ୱରେ ଏକ କମିଟି ଗଠନ କରାଯାଇଛି । ସୂଚନାଯୋଗ୍ୟ, ପ୍ରକଳ୍ପର ଜଳ ନିଷ୍କାସନ ଗେଟ୍ ପାଇଁ ୧୯୪ କୋଟି ଟଙ୍କାର ଟେଣ୍ଡର ପ୍ରକାଶ ପାଇଥିବା ବେଳେ ୪ଟି ଗ୍ରାମକୁ ବୁଡ଼ି ଅଞ୍ଚଳ ଘୋଷଣା କରି ପ୍ରଶାସନ ପକ୍ଷରୁ କ୍ଷୟକ୍ଷତି ଆକଳନ ଚାଲିଛି । ଆଗାମୀ କାର୍ଯ୍ୟପନ୍ଥା ସ୍ଥିର କରିବାକୁ ଆସନ୍ତା ୨୦ ତାରିଖରେ ପରବର୍ତ୍ତୀ ବୈଠକ ବସିବ ବୋଲି ସୂଚନା ମିଳିଛି ।

## ପ୍ରକଳ୍ପ ଅଧିକାର ଦ୍ୱାରା - ଅଧିକାର ରଥ ପରିକ୍ରମା



ଦଶପଲ୍ଲା,୧୬/୦୯(ମହାଭାରତ): ଭାରତ ଭଳି ଲୋକତାନ୍ତ୍ରିକ ଓ ଜନ ମଙ୍ଗଳ ରାଷ୍ଟ୍ରରେ ସାଧାରଣ ଜନତାଙ୍କ ମଙ୍ଗଳ ଓ ଉର୍ନତି କରିବା ନିମନ୍ତେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ତରଫରୁ ଗରିବ, ନିରୀହ, ବଞ୍ଚିତ, ଦଳିତ, ଆଦିମ ଜନଜାତି, ଭିର୍ନ୍ନ କ୍ଷମ, ଶିଶୁ, ମହିଳା ଓ ବୃଦ୍ଧ ବୃଦ୍ଧା ମାନଙ୍କ ପାଇଁ ବହୁ ପ୍ରକାର ସରକାରୀ ସମାଜ ମଙ୍ଗଳ ଯୋଜନା କାର୍ଯ୍ୟକାରୀ ହେଉଥିବା ବେଳେ ସାଧାରଣ ଗରିବୀ ଓ ଅପହଞ୍ଚ ଦୂର ଦୁର୍ଗମ ଅଂଚଳରେ ବସବାସ କରୁଥିବା ହିତାଧିକାରୀଙ୍କ ନିକଟରେ ତାର ସୁଫଳ ସଠିକ ଢଙ୍ଗରେ ଓ ଆବଶ୍ୟକ ସମୟରେ ପହଂଚି ପାରୁ ନାହିଁ । ନିରୀହ ବଞ୍ଚିତ ହିତାଧିକାରୀ ମାନଙ୍କୁ ଏସବୁ ସରକାରୀ ଯୋଜନାର ଆବଶ୍ୟକତା, ଏହାର ଉପକାରିତା, ଆବେଦନ କରିବା ପ୍ରଣାଳୀ,ହିତାଧିକାରୀଙ୍କ ଯୋଗ୍ୟତା ଓ ଆବଶ୍ୟକ ଥିବା ପ୍ରମାଣ ପତ୍ର ଇତ୍ୟାଦି ବିଷୟରେ ସଚେତନ କରାଇବା ଲକ୍ଷ୍ୟ ନେଇ ପ୍ରକଳ୍ପ ଅଧିକାର, ଦଶପଲ୍ଲା ତରଫରୁ ଅଧିକାର ରଥ ଯାତ୍ରା ପର୍ଯ୍ୟାୟ କ୍ରମେ ଦଶପଲ୍ଲା ବ୍ଲକର ବିଭିନ୍ନ ଗ୍ରାମ ପଂଚାୟତ ପରିକ୍ରମା କରିବା ପ୍ରକ୍ରିୟା ଆରମ୍ଭ ହୋଇଛି ।ତେଣ୍ଡାବାଡ଼ି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ପୋଇବାଡ଼ି ଓ ଖମାର ସାହି ଗ୍ରାମ ପଞ୍ଚାୟତ ଅଧିନସ୍ତ ପୁରୁଣା ଦଶପଲ୍ଲା ଇତ୍ୟାଦି ଗ୍ରାମରେ ଅଧିକାର ମିତ୍ର ପ୍ରକାଶ ମଣ୍ଡଳ, ଉର୍ମିଳା ଯାନୀ ଓ ପ୍ରତିମା ପ୍ରଧାନଙ୍କ ଆୟୋଜନ କ୍ରମେ ଏଂ ଗ୍ରାମ ବାସୀଙ୍କ ପ୍ରତ୍ୟକ୍ଷ ଉପସ୍ଥିତି, ସହଯୋଗ ଓ ସହାଭାଗିତାରେ ଆଜି ଅଧିକାର ରଥ ପରିକ୍ରମା କରିବା ସହିତ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ଗ୍ରାମ୍ୟ ସଂକୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା ଏହି ଅଧିକାର ରଥ ଗ୍ରାମ ପରିକ୍ରମା କର୍ତ୍ତ୍ୱି ସହିତ ଗ୍ରାମ ଗୋଷ୍ଠୀଙ୍କ ସହିତ ସାଧାରଣ ଆଲୋଚନା ସଭା ଅନୁଷ୍ଠିତ ହେଇଯାଇଛି । ଏ ପ୍ରକାର ଜନ ହିତକର ସଚେତନତା କାର୍ଯ୍ୟକୁ ସ୍ଥାନୀୟ ଅଂଚଳବାସୀ ସ୍ୱାଗତ କରିଥିଲେ ।

## ଜୁହାରରେ ଗୁଞ୍ଜିଲା ପଡ଼ା, ଭାଇଚାରା ଓ ଏକତାର ଦେଲେ ବାର୍ତ୍ତା

**ପଦମପୁର:** ପଶ୍ଚିମ ଓଡ଼ିଶାର ମହାନ ଗଣପର୍ବ ନୂଆଁଖାଇ ଅବସରରେ ବରଗଡ଼ ଜିଲ୍ଲା ପଦମପୁର ଝାଙ୍କରପଡ଼ାରେ ଦେଖିବାକୁ ମିଳିଛି ନିଆରା ସାମାଜିକ ଏକତାର ଦୃଶ୍ୟ । ରାଜୁ ଘିବେଲା ଙ୍କ ନେତୃତ୍ୱରେ ନକୁଳ ଜେନା,ବିଶେଶ୍ୱର ସାହୁ, ମାଧବ ଖର୍ସେଲ,ଅମୃତ ସାହୁଙ୍କ ସହଯୋଗ କ୍ରମେ ପଡ଼ାର ପ୍ରାୟ ଶହେ ପରିବାର ଏକାଠି ହୋଇ ସାମୂହିକ ଭାବେ ନୂଆଁ ଖାଇ ନୂଆଁଖାଇ ପର୍ବ ପାଳନ କରିଛନ୍ତି । ଏହି ଅବସରରେ ପରସ୍ପରକୁ ନୂଆଁଖାଇ ଜୁହାର ଜଣାଇବା ସହ ସମସ୍ତଙ୍କ ମଧ୍ୟରେ ଭାଇଚାରା, ସ୍ନେହ, ମମତା ଓ ଆତ୍ମୀୟତାର ପରିବେଶ ସୃଷ୍ଟି ହୋଇଥିଲା । ନୂଆଁଖାଇ ପଶ୍ଚିମ ଓଡ଼ିଶାର ଏକ ମହାନ କୃଷିଭିତ୍ତିକ ଗଣପର୍ବ । ଚାଷୀଙ୍କ ଝାଳ ଓ ପରିଶ୍ରମରେ ଅମଳ ହୋଇଥିବା ନୂଆ ଧାନରୁ ପ୍ରସ୍ତୁତ ନୂଆଁ ଅନ୍ନକୁ ପ୍ରଥମେ ଇଷ୍ଟଦେବୀଙ୍କୁ ସମର୍ପଣ କରିବା ପରେ ପରିବାର ଓ ସମାଜର ସମସ୍ତଙ୍କ ସହ ମିଶି ଗ୍ରହଣ କରିବାର ପରମ୍ପରା ରହିଛି । ଏହି ପର୍ବ ମଣିଷକୁ ନିଜ ମାଟି, କୃଷି, ପରମ୍ପରା ଓ ସଂସ୍କୃତି ସହ ଯୋଡ଼ି ରଖିଥାଏ । ତେବେ ଦୀର୍ଘ ୨୦ ବର୍ଷ ହେବ ଝାଙ୍କରପଡ଼ାରେ ଶହେ ପରିବାର ଏହି ସାମୂହିକ ନୂଆଁଖାଇ ଆସୁଥିବା ବେଳେ ଏହି ପର୍ବର ମୂଳ ଭାବନାକୁ ଆହୁରି ସୁଦୃଢ଼ କରିଛି । ସମସ୍ତେ ନିଜ ନିଜ ଘରର ପାରମ୍ପରିକ ଖାଦ୍ୟ ଓ ନୂଆଁ ଅନ୍ନ ନେଇ ଏକାଠି ହୋଇଥିଲେ । ଛୋଟ ପିଲାଙ୍କଠାରୁ ଆରମ୍ଭ କରି ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତେ ଏହି ଆୟୋଜନରେ ସାମିଲ ହୋଇ ଆନନ୍ଦ ଉଲ୍ଲାସର ସହ ନୂଆଁଖାଇ ପାଳନ କରିଥିଲେ । ସାଧାରଣତଃ ନୂଆଁଖାଇ ଦିନ ପରିବାର ସଦସ୍ୟମାନେ ଏକାଠି ହୋଇ ନୂଆଁ ଖାଇଥାନ୍ତି । ହେଲେ ଝାଙ୍କରପଡ଼ାରେ ଶହେ ପରିବାର ଏକାଠି ହୋଇ ଏହି ପର୍ବ ପାଳନ କରିବା ଅନ୍ୟମାନଙ୍କ ପାଇଁ ଏକ ଉଦାହରଣ ସୃଷ୍ଟି କରିଛି । ଆଜିର ସମୟରେ ମଣିଷ ନିଜ ନିଜ କାର୍ଯ୍ୟ ଓ ବ୍ୟସ୍ତତା ମଧ୍ୟରେ ସୀମିତ ହୋଇଯାଉଥିବା ବେଳେ ଏଭଳି ସାମୂହିକ ପର୍ବ ପାଳନ ସାମାଜିକ ସମ୍ପର୍କକୁ ମଜବୁତ କରିବାର ଏକ ସୁନ୍ଦର ମାଧ୍ୟମ ପାଲଟିଛି । ଏହି ଅବସରରେ ପରସ୍ପରକୁ ନୂଆଁଖାଇ ଜୁହାର ଜଣାଇ ସୁଖ, ଶାନ୍ତି, ସମୃଦ୍ଧି ଓ ମଙ୍ଗଳ କାମନା କରାଯାଇଥିଲା । ନୂଆଁଖାଇର ମହତ୍ତ୍ୱ ଓ ଆମ ପରମ୍ପରାକୁ ଆଗାମୀ ପିଢ଼ି ପର୍ଯ୍ୟନ୍ତ ପହଞ୍ଚାଇବା ସହ ଭାଇଚାରାର ବନ୍ଧନକୁ ଅଧିକ ମଜବୁତ କରିବା ଉପରେ ମଧ୍ୟ ମତ ପ୍ରକାଶ ପାଇଥିଲା । "ନୂଆଁଖାଇ କେବଳ ନୂଆଁ ଅନ୍ନ ଖାଇବାର ପର୍ବ ନୁହେଁ, ଏହା ହେଉଛି ମନକୁ ମନ ସହ, ପରିବାରକୁ ପରିବାର ସହ ଏବଂ ସମାଜକୁ ସମାଜ ସହ ଯୋଡ଼ିବାର ଏକ ମହାନ ପରମ୍ପରା ।" ଝାଙ୍କରପଡ଼ାର ସାମୂହିକ ନୂଆଁଖାଇ ଏହି ସନ୍ଦେଶକୁ ସ୍ପଷ୍ଟ କରିଛି । ଏଭଳି ଆୟୋଜନ ଆମର ଗୌରବମୟ ସଂସ୍କୃତି, ପରମ୍ପରା ଓ ସାମାଜିକ ଏକତାକୁ ଆଗକୁ ନେବାରେ ନିଶ୍ଚିତ ଭାବେ ପ୍ରେରଣା ଯୋଗାଇବ ବୋଲି ପଡ଼ାବାସୀ ମତ ପ୍ରକାଶ କରିଛନ୍ତି ।

## 'ଭବିଷ୍ୟ' ଅନୁଷ୍ଠାନ ର ପଞ୍ଚମ ବାର୍ଷିକ ଉତ୍ସବ ପାଳିତ

ଦଶପଲ୍ଲା,(ମହାଭାରତ): ଦଶପଲ୍ଲା ବ୍ଲକ ଅନ୍ତର୍ଗତ ମଧଖଣ୍ଡ ପଂଚାୟତ ର ଅଗ୍ରଣୀ ଅନୁଷ୍ଠାନ 'ଭବିଷ୍ୟ 'ର ପଞ୍ଚମ ବାର୍ଷିକ ଉତ୍ସବ ମହାଡମ୍ବରରେ ପାଳିତ ହୋଇଯାଇଛି । ଛାତ୍ର ଛାତ୍ରୀ ମାନଙ୍କ ର ଶୈକ୍ଷିକ, ଶାରୀରିକ, ମାନସିକ ଦକ୍ଷତା, ବୌଦ୍ଧିକ ବିକାଶ କୁ ଉନ୍ନତ କରିବାରେ ସଂସ୍ଥା ବେଶ ପରିଚିତ । ତେବେ ଏହାର ପଞ୍ଚମ ବାର୍ଷିକ ଉତ୍ସବ ମଧଖଣ୍ଡ କଲ୍ୟାଣୀ ମଣ୍ଡପ ଠାରେ ଧୂମଧାମ ରେ ମଙ୍ଗଳବାର ଦିନ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଖୋର୍ଦ୍ଧା ଆର ଆଇ ଟି ଇ ସଂସ୍ଥା ର ଅଧକ୍ଷ ଡ଼ ସୁଭାଷ ରଞ୍ଜନ କାବତ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଫୁଲବାଣୀ ଅଟୋନୋମାସ କଲେଜ ର ଫିଜିକ୍ସ ଅଧାପକ ଡ଼ ଶରତ ରାଉତ,ମଧଖଣ୍ଡ ସରପଞ୍ଚ ସସ୍ମିତା ପ୍ରଧାନ, ମୁଖ୍ୟବକ୍ତା ଭାବେ ଖଳି ସାହି ଇସ୍କନ ର ସଭାପତି ଗଦାଧର ଗୌର ଦାସ, ସମ୍ମାନୀତ ବକ୍ତା ଭାବେ ଅବସର ପ୍ରାପ୍ତ ନୌସୈନିକ ବିନ୍ଦୁମାଧବ ଦାସ ଯୋଗ ଦେଇଥିଲେ । ସମସ୍ତ କୃତୀ ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ଅଂଚଳ ର ବିଭିନ୍ନ ବିଭାଗ ରେ କୃତୀ ବ୍ୟକ୍ତି ବିଶେଷ ଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା । 'ଜାଗୃତି ଧାରା 'ନାମ୍ନୀ ବାର୍ଷିକ ପତ୍ରିକା ଉନ୍ମୋଚନ ହୋଇଥିବା ବେଳେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା । ଅନୁଷ୍ଠାନ ର ପ୍ରାଣ ପ୍ରତିଷ୍ଠାତା ଲକ୍ଷ୍ମୀଧର ମହାରଣା ଓ ଅନ୍ୟ ସମସ୍ତ କର୍ମଚାରୀ ଙ୍କ ସହଯୋଗ ରେ ଏ ଉତ୍ସବ ପାଳନ କରାଯାଇଥିଲା ।

## ଇଫକୋ ଅଧକ୍ଷ ଦିଲୀପ ସଂଘାନୀ ଆଇସିଏ ଗ୍ଲୋବାଲ୍ ବୋର୍ଡର ନିର୍ଦ୍ଦେଶକ ଭାବେ ନିର୍ବାଚିତ




ପାରଦୀପ (ମହାଭାରତ): ଆନ୍ତର୍ଜାତୀୟ ସମବାୟ ଆନ୍ଦୋଳନ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମରେ, ଇଫକୋର ଅଧକ୍ଷ ଶ୍ରୀ ଦିଲୀପ ସଂଘାନୀ ଆନ୍ତର୍ଜାତୀୟ ସମବାୟ ସଂଘ (ଆଇସିଏ)ର ଗ୍ଲୋବାଲ ବୋର୍ଡ ଅଫ୍ ଡାଇରେକ୍ଟର୍ସ ର ନିର୍ଦ୍ଦେଶକ ଭାବରେ ନିର୍ବାଚିତ ହୋଇଛନ୍ତି ।ଶ୍ରୀ ଦିଲୀପ ସଂଘାନୀଙ୍କୁ ବିଜେତା ଘୋଷିତ ହେବା ମାତ୍ରେ ପାନାମାରେ ଉପସ୍ଥିତ ଭାରତୀୟ ସମବାୟ ପ୍ରତିନିଧିମଣ୍ଡଳରେ ଉତ୍ସାହ ଏବଂ ଗର୍ବର ଲହରୀ ଖେଳିଯାଇଥିଲା । ସଦସ୍ୟମାନେ ମିଳିତ ଭାବରେ 'ଭାରତ ମାତା କୀ ଜୟ' ଏବଂ 'ବନ୍ଦେ ମାତରମ୍' ସ୍ଲୋଗାନ ଦେଇ ସମଗ୍ର ପ୍ରେକ୍ଷାଳୟକୁ ଦେଶପ୍ରେମ ଭାବନାରେ ପରିପୂର୍ଣ୍ଣ କରି ଦେଇଥିଲା । ବିଦେଶ ମାଟିରେ ପ୍ରତିଧ୍ୱନିତ ହେଉଥିବା 'ଭାରତ ମାତା କୀ ଜୟ' ଏବଂ 'ବନ୍ଦେ ମାତରମ୍' ଧ୍ୱନି ବିଶ୍ୱ ସମବାୟ ମଞ୍ଚରେ ଭାରତର ବୃଦ୍ଧି ପାଉଥିବା ପ୍ରତିଷ୍ଠା ଏବଂ ପ୍ରଭାବକୁ ପ୍ରତିଫଳିତ କରିଛି । ପାନାମା ସହରରେ ଆଇସିଏ ସାଧାରଣ ସଭା ସମୟରେ ଅନୁଷ୍ଠିତ ଏହି ନିର୍ବାଚନ ଭାରତର ବିଶାଳ ସମବାୟ ଆନ୍ଦୋଳନ ପାଇଁ ଏକ ଗର୍ବର ମୁହୂର୍ତ୍ତ । ଏହି ସଫଳତା ବିଶ୍ୱ ସମବାୟ କ୍ଷେତ୍ରରେ ଭାରତର ବଢୁଥିବା ଭୂମିକା, ପ୍ରଭାବ ଏବଂ ନେତୃତ୍ୱକୁ ଆହୁରି ମଜବୁତ କରିବ । ଶ୍ରୀ ସଂଘାନୀ ବହୁ ଦଶନ୍ଧି ଧରି ସମବାୟ କ୍ଷେତ୍ର ସହିତ ଜଡିତ ଅଛନ୍ତି ଏବଂ କୃଷକ, ଗ୍ରାମୀଣ ଅର୍ଥନୀତି ଏବଂ ସମବାୟ ପ୍ରତିଷ୍ଠାନଗୁଡ଼ିକର ସଶକ୍ତିକରଣ ପାଇଁ ନିରନ୍ତର କାର୍ଯ୍ୟ କରିଆସୁଛନ୍ତି । ସେ ବର୍ତ୍ତମାନ ଇଫକୋ ଏବଂ ଜିୟୁଜେସିଓଏମଏଏସଓଏଲ ର ଅଧକ୍ଷ ଭାବରେ କାର୍ଯ୍ୟ କରୁଛନ୍ତି ଏବଂ ଅନେକ ଜାତୀୟ ଏବଂ ଅନ୍ତର୍ଜାତୀୟ ସମବାୟ ସଂଗଠନରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରିଛନ୍ତି । ଅନ୍ତର୍ଜାତୀୟ ସମବାୟ ସଂଘ (ଆଇସିଏ) ହେଉଛି ବିଶ୍ୱର ଅଗ୍ରଣୀ ବିଶ୍ୱସ୍ତରୀୟ ସମବାୟ ସଂଗଠନ, ଯାହା ବିଭିନ୍ନ ଦେଶ ଏବଂ ଅଞ୍ଚଳର ସମବାୟ ସଂସ୍ଥାଗୁଡ଼ିକୁ ପ୍ରତିନିଧିତ୍ୱ କରେ । ଆଇସିଏ ଗ୍ଲୋବାଲ୍ ବୋର୍ଡରେ ଭାରତର ପ୍ରତିନିଧିତ୍ୱ ଭାରତୀୟ ସମବାୟ ଆନ୍ଦୋଳନର ସ୍ୱରକୁ ଅନ୍ତର୍ଜାତୀୟ ମଞ୍ଚରେ ଆହୁରି ସୁଦୃଢ଼ କରିବ । ଶ୍ରୀ ସଂଘାନିଙ୍କ ବିଜୟ ଭାରତର ସମବାୟ ଆନ୍ଦୋଳନର ବିଶ୍ୱସ୍ତରୀୟ ସ୍ୱୀକୃତି ଏବଂ ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ 'ସହକାର ସେ ସମୃଦ୍ଧି' ଦୃଷ୍ଟିକୋଣକୁ ମଧ୍ୟ ପ୍ରତିଫଳିତ କରେ । ଭାରତ ଆଜି ସମବାୟ ଆନ୍ଦୋଳନ ମାଧ୍ୟମରେ କୃଷକ, ଗ୍ରାମୀଣ ସମ୍ପ୍ରଦାୟ ଏବଂ ସାଧାରଣ ନାଗରିକଙ୍କ ଆର୍ଥିକ ଏବଂ ସାମାଜିକ ସଶକ୍ତିକରଣର ଏକ ନୂତନ ମଡେଲ୍ ଉପସ୍ଥାପନ କରିଛି । ବିଜୟ ପାଇଁ କୃତଜ୍ଞତା ପ୍ରକାଶ କରି ଶ୍ରୀ ଦିଲୀପ ସଂଘାନି ସମସ୍ତ ଦେଶର ଆଇସିଏ ସଦସ୍ୟ, ପ୍ରତିନିଧି ଏବଂ ବିଶ୍ୱସ୍ତରୀୟ ସମବାୟ ସମ୍ପ୍ରଦାୟକୁ ଧନ୍ୟବାଦ ଜଣାଇଛନ୍ତି । ସେ କହିଛନ୍ତି ଯେ ସେ ବିଶ୍ୱସ୍ତରୀୟ ମଞ୍ଚରେ ଭାରତର ସମବାୟ ଆନ୍ଦୋଳନର ଆତ୍ମା, ଅଭିଜ୍ଞତା ଏବଂ ଦୃଷ୍ଟିକୋଣକୁ ପ୍ରଭାବଶାଳୀ ଭାବରେ ଉପସ୍ଥାପନ କରିବା ଏବଂ ବିଶ୍ୱସ୍ତରୀୟ ସହଯୋଗକୁ ଆହୁରି ସୁଦୃଢ଼ କରିବା ପାଇଁ ପ୍ରତିବଦ୍ଧ । ଆଇସିଏ ଗ୍ଲୋବାଲ୍ ବୋର୍ଡରେ ଶ୍ରୀ ଦିଲୀପ ସଂଘାନିଙ୍କ ନିର୍ବାଚିତ ହେବା ଭାରତ ପାଇଁ ଗର୍ବର ବିଷୟ, ଭାରତୀୟ ସମବାୟ ଆନ୍ଦୋଳନ ପାଇଁ ସମ୍ମାନ ଏବଂ ବିଶ୍ୱସ୍ତରୀୟ ସମବାୟ କ୍ଷେତ୍ରରେ ଭାରତର ବଢୁଥିବା ପ୍ରଭାବର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରତୀକ ।

## ଗଜାନନଙ୍କ ପୂଜା ଯୋଗୁଁ ଉତ୍ସବ ମୁଖର କୃଷ୍ଣପ୍ରସାଦ ଅଞ୍ଚଳ

କୃଷ୍ଣପ୍ରସାଦ(ମହାଭାରତ): ଅଗ୍ରପୂଜ୍ୟ, ବିଘ୍ନ ବିନାଶକ ଗଜାନନଙ୍କ ପୂଜା ଉତ୍ସବ କୃଷ୍ଣପ୍ରସାଦ ବ୍ଲକ ଅଞ୍ଚଳରେ ଆନନ୍ଦ ଉଲ୍ଲାସର ସହ ପାଳିତ ହୋଇଯାଇଛି । ବିଭିନ୍ନ ଅନୁଷ୍ଠାନ ଓ ଶିକ୍ଷା ଅନୁଷ୍ଠାନ ପରିସରରେ ପ୍ରଭୁ ଗଜାନନଙ୍କ ମୃଣ୍ମୟ ମୂର୍ତ୍ତି ପୂଜା ପାଉଛନ୍ତି । ବିଭିନ୍ନ ପୂଜା ମଣ୍ଡପରେ ଗଜାନନଙ୍କ ମୃଣ୍ମୟ ମୂର୍ତ୍ତି ପୂଜା ପାଉଥିବା ବେଳେ ରଙ୍ଗୀନ ଆଲୋକ ମାଳରେ ପୂଜା ମଣ୍ଡପ ଗୁଡିକ ଝଲସି ଉଠୁଛି । ବିଭିନ୍ନ ସ୍ଥାନରେ ଗଜାନନଙ୍କ ପୂଜା ଉତ୍ସବ ଯୋଗୁଁ କୃଷ୍ଣପ୍ରସାଦ ବ୍ଲକ ଅଞ୍ଚଳର ପୁରପଲ୍ଲୀ ଉତ୍ସବ ମୁଖର ହୋଇଉଠିଛି । ଏହି ଅବସରରେ ବିଭିନ୍ନ ପୂଜା କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିବା ଜଣାପଡିଛି । ତେବେ ଚଳିତ ବର୍ଷ ଠାରୁ ପ୍ରଥମ କରି ସିଆଣ୍ଡି ପଞ୍ଚାୟତ ପାଟପୁର ଠାରେ ପ୍ରଭୁଙ୍କର ପୂଜା ଉତ୍ସବ ଧୂମଧାମରେ ଆରମ୍ଭ ହୋଇଛି । ପାଟପୁର ଗ୍ରାମର ପୂଜା କମିଟି ଏବଂ କ୍ଲବ ପିଲାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ପୂଜା ଉତ୍ସବରେ ଜିଲ୍ଲା ପରିଷଦ ଲକ୍ଷ୍ମି ଧର ସାହୁ ଉତ୍ସବ ରେ ଯୋଗ ଦେଇ ପିଲାମାନଙ୍କୁ ଉତ୍ସାହିତ କରିଥିଲେ ।

## ଚର୍ଚ୍ଚାରେ ସିଦ୍ଧିବିନାୟକ ପୂଜା ମଣ୍ଡପ



ଉଦଳା ( ମହାଭାରତ )- ସବୁଠି ଗଣେଷ ପୂଜାର ମାହୋଲ । ପୂଜା ମଣ୍ଡପ, ତୋରଣ କୁ ଦେଖିବା ପାଇଁ ଲୋକଙ୍କ ଭିଡ଼ ଦେଖିବାକୁ ମିଳୁଥିବା ବେଳେ ଏ ସବୁ ଭିତରେ ଚର୍ଚ୍ଚାରେ ରହିଛି ଉଦଳା ବ୍ଲକ ବୈରାଟପୁର ସିଦ୍ଧି ବିନାୟକ ୟୁଥ କ୍ଲବ ପକ୍ଷରୁ ଆୟୋଜିତ ଗଣେଷ ପୂଜା । କାହିଁକି ନା ଏହି ପୂଜାରେ ସବୁକିଛି ୧୨ । ଚଳିତ ବର୍ଷ ପୂଜାର ୧୨ ବର୍ଷ ପୂର୍ତ୍ତି ହୋଇଥିବାରୁ ଏକ ନିଆରା ପ୍ରଚେଷ୍ଟା କରିଛନ୍ତି ସଂଗଠନ ର ସଦସ୍ୟ ମାନେ । ଏଠାରେ ଗଣେଷ ମୂର୍ତ୍ତି ଙ୍କ ଉଚ୍ଚତା ୧୨ ଫୁଟ ହୋଇଥିବା ବେଳେ ୧୨ କିଲୋ ଓଜନ ର ଲଡ୍ଡୁ, ୧୨ ଦିନ ଧରି ଠାକୁର ପୂଜା ପାଇବେ, ୧୨ ପ୍ରକାର ଭୋଗ ଲାଗି ହେବ, ୧୨ ଫୁଟ ଲମ୍ବର ମାଳ, ୧୨ ଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ଏପରିକି ଚଳିତ ବର୍ଷ ପୂଜା ପୂର୍ବରୁ ୧୨ ଥର ବୈଠକ ମଧ୍ୟ ବସିଥିବା କହିଛନ୍ତି କମିଟି ସଦସ୍ୟ । ଯେହେତୁ ଚଳିତ ବର୍ଷ ପୂଜା ୧୨ ବର୍ଷରେ ପହଁଚିଛି ତେଣୁ ସବୁ କିଛି ୧୨ କରିବାକୁ କ୍ଲବ ସଦସ୍ୟ ନିଷ୍ପତ୍ତି ନେଇଥିବା କହିଛନ୍ତି । ଯାହା ଏବେ ଚର୍ଚ୍ଚା ରେ ରହିଛି । ଅନ୍ୟ ପଟେ ସବୁ ବର୍ଷ ପରି ଏହି ବର୍ଷ ମଧ୍ୟ ଗଣେଶ ଙ୍କ ଲୋଡୁ ୧୨ହଜାର ଟଙ୍କା ରେ ନିଲାମ ହେବା ନେଇ ସୂଚନା ମିଳଥିବା ବେଳେ ପୂଜାର ମାହୋଲ ଏଇଠି ସବୁ ୧୨ ରେ ଚାଲିଛି ବୋଲି ପୂଜା କମିଟି ର ସଭାପତି ହେମନ୍ତ ବେହେରା ସୂଚନା ଦେଇଛନ୍ତି । କମିଟି ର ସମ୍ପାଦକ ଦୀପକ ବେହେରା, ରୁଦ୍ରନାରାୟଣ ରଣା,ବୁବୁ ବେହେରା, ସାଇନାରାୟଣ ବେହେରା, ରାଜୁନ ମହାପାତ୍ର, ବପୂନୁ ମିଶ୍ର ଙ୍କ ସମେତ ୧୨ଜଣ ସଦସ୍ୟ ସମସ୍ତ କାର୍ଯ୍ୟକ୍ରମ ରେ ଯୋଗ ଦେଇ ସହଯୋଗ କରିଛନ୍ତି ।

# ଦହିବରା ଖାଇ ୫୦ ରୁ ଉର୍ଦ୍ଧ୍ୱ ଗୁରୁତର




କାକଟପୁର (ମହାଭାରତ) :କାକଟପୁର ବ୍ଲକ ବାଙ୍ଗୁରୀଗାଁ ଅଞ୍ଚଳ ରେ ଅଭାବନୀୟ ଘଟଣା ଘଟିଛି ଯାହାକି ବୁଲା ବେପାରୀ ଙ୍କ ଠାରୁ ଦହିବରା ଖାଇ ୫୦ ରୁ ଉର୍ଦ୍ଧ୍ୱ ରୋଗୀ ଝାଡ଼ା ,ବାନ୍ତି ରୋଗ ରେ ଆକ୍ରାନ୍ତ ହୋଇଛନ୍ତି । ରୋଗୀମାନଙ୍କ ମଧ୍ୟରେ ଅନେକ ଶିଶୁ ଥିବା ବେଳେ ବୟସ୍କ ମଧ୍ୟ ଅଛନ୍ତି ।ବାଙ୍ଗୁରୀଗାଁ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର ରେ ଅନେକ ଚିକିତ୍ସା ବ୍ୟବସ୍ଥା ଥିବାବେଳେ କିନ୍ତୁ ଡାକ୍ତର ଙ୍କ ଅଭାବ ସାଧାରଣରେ ଆସୋନ୍ତୋଷ ସୃଷ୍ଟି କରୁଛି । ବର୍ହ୍ଵିଭାଗ ରେ ଜଣେ ଡାକ୍ତର ଙ୍କ ନିକଟରେ ଶହେ ରୁ ଉର୍ଦ୍ଧ୍ୱ ରୋଗୀ ଧାଡି ରେ ଥିବାବେଳେ ଏପଟେ ଝାଡ଼ା ବାନ୍ତି ରୋଗୀ ଙ୍କ ସଂଖ୍ୟା କହିଲେ ନସରେ । କଟପୁର ଅଞ୍ଚଳ ରେ ରାଜ୍ୟ ସରକାର ଙ୍କ ସ୍ୱାସ୍ଥ୍ୟ ବିଭାଗ ର ବିପୁଳ ଅର୍ଥ ରାଶି ରେ ନିର୍ମିତ ହୋଇଥିବା ବାଙ୍ଗୁରିଗାଁ ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ର ରେ ଯଦି ଗୋଟେ ବେଡ୍ ରେ ଦୁଇ ଦୁଇ ଟି ରୋଗୀ ଚିକିତ୍ସା ପାଇବେ ତାହେଲେ ଏହା ନିଶ୍ଚିନ୍ତ ଲଜ୍ୟାଜନକ ବିଷୟ ।ଜଣେ ଡାକ୍ତର ରେ ରୋଗୀ ସେବା ବ୍ୟାହତ ବୋଲି ରୋଗୀ ଙ୍କ ଭିତରେ ଅସନ୍ତୋଷ ପ୍ରକାଶ ପାଇଥିବାବେଳେ ବଜାର ରେ ମିଳୁଥିବା ଖାଦ୍ୟ କେତେ ସୁରକ୍ଷିତ ଆଉ ଏହା ଆମ ଶରୀର ପାଇଁ କେତେ ଉପଯୋଗୀ ବର୍ତ୍ତମାନ ସୁଦ୍ଧା ଖାଦ୍ୟ ନିରାପତ୍ତା ବିଭାଗ ର ଏହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନାହିଁ । ଲୋକଦେଖାଣିଆ ଭାବେ ଆସି ଖାଲି ବୁଲି ଯାଉଛନ୍ତି କିନ୍ତୁ ପଦକ୍ଷେପ ଶୂନ୍ୟ । ଅପର ପକ୍ଷ ରେ ଯଦିଓ ସାଧାରଣ ଲୋକ ଓ କୋମଳମତି ଶିଶୁ ମାନଙ୍କ ପାଇଁ ଏହା ବିପଦ ସୃଷ୍ଟି ହେବ ତାହେଲେ ଏଥିପାଇଁ ଦାୟୀ କିଏ । ଏ ସଂକ୍ରାନ୍ତ ରେ ଉପସ୍ଥିତ ଡାକ୍ତର ମତବ୍ୟକ୍ତ କରିଛନ୍ତି ଯେ ଗତକାଲି ରାତିରୁ ଅନେକ ରୋଗୀ ଆସିଛନ୍ତି ସମସ୍ତେ ଚିକିତ୍ସା ପାଇଛନ୍ତି. ଆଉ ଏ ଘଟଣା ରେ ଆମେ ଉପରିସ୍ଥ ଅଧିକାରୀ ଙ୍କୁ ଜଣାଇଛୁ ଦରକାର ପଡ଼ିଲେ ଆମେ ଉତ୍ତମ ଚିକିତ୍ସା ପାଇଁ ପୁରୀ ସ୍ଥାନାନ୍ତର କରିବୁ. ସୂଚନା ଥାଉ କି ଏ ସଂକ୍ରାନ୍ତରେ ସ୍ଥାନୀୟ ସରପଞ୍ଚ ପାର୍ଥ ବେହେରା ବାଙ୍ଗୁରିଗାଁ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଲିଖିତ ଭାବେ ଜଣାଇଛନ୍ତି ।

## ଛେନା ଝିଲି



ଆବଶ୍ୟକ ସାମଗ୍ରୀ: ସୁଜି, ମଇଦା, ଚିନି, ଅଳେଇଚ ଗୁଣ୍ଡ ଓ ଖାଇବା ସୋଡ଼ା, ୫୦୦ ଗ୍ରାମ ଛେନା, ତେଲ।

ପ୍ରସ୍ତୁତି ପ୍ରଣାଳୀ: ଛେନା ଝିଲି ତିଆରି କରିବା ପୂର୍ବରୁ ଚିନିରେ ଶିରା ପ୍ରସ୍ତୁତ କରନ୍ତୁ। ତା'ପରେ ଛେନାକୁ ଏକ ପାତ୍ରରେ ୧୦ରୁ ୧୫ ମିନିଟ୍ ପର୍ଯ୍ୟନ୍ତ ଚକଟନ୍ତୁ। ପରେ ସେଥିରେ ତିନି ଚାମଚ ସୁଜି, ଦୁଇ ଚାମଚ ମଇଦା, ଗୋଟିଏ ଚାମଚ ଚିନି, ଅଳ୍ପ ଅଳେଇଚ ଗୁଣ୍ଡ ଓ ଖାଇବା ସୋଡ଼ା ପକାଇ ଭଲ ଭାବରେ ଚକଟି ଦିଅନ୍ତୁ। ଏହାପରେ ତାକୁ କିଛି ସମୟ ଘୋଡ଼ାଇ ରଖି ଦିଅନ୍ତୁ। ତା'ପରେ ଚକଟା ଛେନାକୁ ଛେନା ଝିଲିର ସେପ ଦେଇ ଗଢନ୍ତୁ। ଏବେ କରେଇରେ ତେଲ ଗରମ କରନ୍ତୁ। ତେଲ ଗରମ ହେବା ପରେ ଗି ରଖିଥିବା ଛେନା ଝିଲିକୁ ଅଳ୍ପ ଆଞ୍ଚରେ ଛାଣନ୍ତୁ। ଏହାର ରଙ୍ଗ ବାଦାମୀ ହୋଇ ଆସିଲେ ତାକୁ ଛାଣି ଶିରାରେ କିଛି ସମୟ ପର୍ଯ୍ୟନ୍ତ ପକାଇ ରଖନ୍ତୁ। ପରେ ଏକ ପାତ୍ରକୁ କାଢ଼ି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ଛେନା ଝିଲି। ଛେନା ଝିଲିକୁ ରୁଟି ଓ ପରଟା ସହିତ ଖାଇପାରିବେ।

..... ଖବର .....

# ଶ୍ରୀକୃଷ୍ଣଙ୍କ କୃପାପ୍ରାପ୍ତିର ଉପାୟ



ପ୍ରଭୁ ଶ୍ରୀକୃଷ୍ଣଙ୍କର ଉପାସନା କରୁଥିବା ବ୍ୟକ୍ତିମାନେ ଜୀବନରେ କୌଣସି ଅସୁବିଧାର ସମ୍ମୁଖୀନ ହୋଇ ନ ଥାନ୍ତି। ହିନ୍ଦୁ ଧର୍ମଶାସ୍ତ୍ର ଅନୁସାରେ ଶ୍ରୀକୃଷ୍ଣଙ୍କର ଅନେକ ମହତ୍ତ୍ୱ ରହିଛି । ଧର୍ମଶାସ୍ତ୍ରରେ ଉଲ୍ଲେଖ ରହିଛି ଅଛି ଯେ, ପ୍ରଭୁ ଶ୍ରୀକୃଷ୍ଣ ବାଲ୍ୟାବସ୍ଥାରେ ଲହୁଣୀ ଚୋରି କରି ଖାଉଥିଲେ, ଗୋପୀଙ୍କ ବସ୍ତ୍ର ଚୋରି କରୁଥିଲେ। ଭଗବାନ ଶ୍ରୀକୃଷ୍ଣଙ୍କ ଉପାସନା କରିବା ପାଇଁ ଭକ୍ତମାନେ ତାଙ୍କର ମୂର୍ତ୍ତିକୁ ସ୍ଥାପନ କରି ଥାଆନ୍ତି। ମୂର୍ତ୍ତି ସ୍ଥାପନ କରି ତାଙ୍କର ବିଶେଷ ରୂପେ ପୂଜାର୍ଚ୍ଚନା କରିଥାଆନ୍ତି। ଶ୍ରୀକୃଷ୍ଣଙ୍କ ମୂର୍ତ୍ତି ସ୍ଥାପନ କରିବା ପରେ କ'ଣ କରିବା ଉଚିତ୍ ତାହା ଭକ୍ତମାନେ ଜାଣିବା ଉଚିତ। ତେଣୁ ମୂର୍ତ୍ତି ସ୍ଥାପନ କରିବା ପରେ ଭଗବାନ ଶ୍ରୀକୃଷ୍ଣଙ୍କର ବିଶେଷ ଭାବେ ପୂଜାର୍ଚ୍ଚନା କରନ୍ତୁ । ନଚେତ୍ ତାହା ଜୀବନରେ ଉନ୍ନତି ଆଣିବା ବଦଳରେ ଓଲଟା ଫଳ ଦେଇଥାଏ । ଯେଉଁଠି ଶ୍ରୀକୃଷ୍ଣଙ୍କ ମୂର୍ତ୍ତି ଅଛି ସେହିଠାରେ ବଂଶୀ ରଖିବା ଆବଶ୍ୟକ ଅଟେ । କୁହାଯାଏ ଯେ, ଭଗବାନ ଶ୍ରୀକୃଷ୍ଣଙ୍କୁ ବଂଶୀର ଧ୍ୱନି ଅତ୍ୟନ୍ତ ପସନ୍ଦ ଅଟେ । ତେଣୁ ଘରେ ବଂଶୀ ରଖିବା ଦ୍ୱାରା ଶ୍ରୀକୃଷ୍ଣଙ୍କ ଆଶୀର୍ବାଦ ପ୍ରାପ୍ତି ହୋଇଥାଏ । ଶ୍ରୀକୃଷ୍ଣଙ୍କର ଗାଈ ଓ ବାଛୁରୀ ଅତ୍ୟନ୍ତ ପ୍ରିୟ । ତାଙ୍କୁ କ୍ଷୀର, ଲହୁଣୀ ଓ କ୍ଷୀରରୁ ପ୍ରସ୍ତୁତ ସମସ୍ତ ଦ୍ରବ୍ୟ ଖାଇବାକୁ ଭଲ ଲାଗିଥାଏ । ତେଣୁ ଶ୍ରୀକୃଷ୍ଣଙ୍କ ମୂର୍ତ୍ତି ରଖିବା ସ୍ଥାନରେ ଗାଈ ଓ ବାଛୁରୀ ମୂର୍ତ୍ତି ମଧ୍ୟ ରଖନ୍ତୁ । ପୂଜା ସ୍ଥାନରେ ମୟୁର ଚୂଳ ମଧ୍ୟ ରଖନ୍ତୁ । ମୟୁର ଚୂଳ ରଖିବା ଦ୍ୱାରା ପରିବାରରେ ସୁଖଶାନ୍ତି ପ୍ରବେଶ କରିଥାଏ । କୃଷ୍ଣଙ୍କ ପୂଜାରେ ସର୍ବଦା ଲହୁଣୀ ଓ ମିଶ୍ରି ଭୋଗ ଲଗାନ୍ତୁ । ଶ୍ରୀକୃଷ୍ଣଙ୍କ ପାଖରେ ସର୍ବଦା ରାଧାଙ୍କ ମୂର୍ତ୍ତି ରଖନ୍ତୁ । ଏହାସହ କଇଁ ଫୁଲ ମଧ୍ୟ ରହିବା ଉଚିତ। କାରଣ କଇଁ ପଙ୍କରୁ ଜାତ ହୋଇଥାଏ। ଏହା ଜୀବନରେ ସଂଘର୍ଷ ଓ ବିଜୟୀ ହେବାର ପ୍ରତୀକ ଅଟେ ।

## ବିଳାସପ୍ରିୟ ଦେବରାଜ

ହିନ୍ଦୁଧର୍ମରେ ମୂଳତଃ ୩୩ ପ୍ରମୁଖ ଦେବତାଙ୍କ ସଂପର୍କରେ ଉଲ୍ଲେଖ ରହିଛି। ସମସ୍ତ ଦେବତାଙ୍କ କାର୍ଯ୍ୟ ଏବଂ ଚରିତ୍ର ଭିନ୍ନ ଭିନ୍ନ ଅଟେ। ତେବେ ଦେବରାଜ ଇନ୍ଦ୍ରଙ୍କ ବଦ୍‌ନାମ ଯଥେଷ୍ଟ ଅଧିକ। କାରଣ ଦେବରାଜ ସର୍ବଦା ଭୋଗ ଓ ଐଶ୍ୱର୍ଯ୍ୟରେ ବୁଡ଼ି ରହିବାକୁ ପସନ୍ଦ । ସବୁ ସମୟରେ ତାଙ୍କର ସିଂହାସନର ଚିନ୍ତା । ସମସ୍ତେ କାହିଁକି ଦେବରାଜ ଇନ୍ଦ୍ରଙ୍କ ସିଂହାସନ ଗ୍ରହଣ କରିବାକୁ ଇଚ୍ଛା ପ୍ରକାଶ କରନ୍ତି, କାରଣ ସେ ସ୍ୱର୍ଗର ରାଜା ଅଟନ୍ତି। ଇନ୍ଦ୍ର ଦେବତାଙ୍କ ଅଧିପତି ଅଟନ୍ତି। ସୁନ୍ଦରୀ ଅପ୍ସରାମାନେ ତାଙ୍କ ଦରବାରରେ ନୃତ୍ୟ କରନ୍ତି ଏବଂ ଗନ୍ଧର୍ବମାନେ ସଂଗୀତ ପରିବେଷଣ କରି ଇନ୍ଦ୍ରସଭାରେ ମନୋରଞ୍ଜନ କରିଥାନ୍ତି। ଦେବାସୁରଙ୍କ ସହ ଇନ୍ଦ୍ରଙ୍କର ସର୍ବଦା ଲଢ଼େଇ ଜାରି ରହିଥାଏ। ଦେବାସୁର ସୁରାପାନ କରିଥିଲେ ମଧ୍ୟ ସେ ଅସୁର ନୁହନ୍ତି। ଅଦିତିଙ୍କ ପୁତ୍ର ହେଉଛନ୍ତି ଦେବରାଜ ଇନ୍ଦ୍ର। ଇନ୍ଦ୍ରାଣୀ ବା ଶଚୀ ଦେବରାଜ ଇନ୍ଦ୍ରଙ୍କ ପତ୍ନୀ ଅଟନ୍ତି। ତାଙ୍କର ଅନ୍ୟନାମ ପୌଲୋମୀ ମଧ୍ୟ କୁହାଯାଏ। ଶଚୀପତି ଇନ୍ଦ୍ରଙ୍କ ପୂର୍ବରୁ ପାଞ୍ଚଜଣ ଇନ୍ଦ୍ର ଦେବରାଜ ଆସନରେ ଅଳଙ୍କୃତ ହୋଇଥିଲେ। ସେମାନଙ୍କୁ ସୁରେଶ, ସୁରେନ୍ଦ୍ର, ଦେବେନ୍ଦ୍ର, ଦେବେଶ, ବାସବ, ସୁରପତି, ଶକ୍ର, ପୁରନ୍ଦର ମଧ୍ୟ କୁହାଯାଏ। କ୍ରମଶଃ ୧୪ ଜଣ ଦେବରାଜ ଆସନ ଅଳଙ୍କୃତ କରିଥିଲେ। ସେମାନେ ହେଲେ ଯଜ୍ଞ, ବିପାଶ୍ଚିତ, ଶିବି, ବିଧୁ, ମନୋଜବ, ପୁରନ୍ଦର, ବାଲୀ, ଅଦ୍ଭୁତ, ଶାନ୍ତି, ବିଶ, ରିତୁଧାମ, ଦେବାସ୍ପତି ଏବଂ ସୁଚୀ। ଏମାନଙ୍କ ମଧ୍ୟରୁ ଶଚୀପତି ଇନ୍ଦ୍ର ପୁରନ୍ଦରଙ୍କ ପୂର୍ବରୁ ୫ ଜଣ ଇନ୍ଦ୍ର ଦେବରାଜ ଆସନରେ ବସିଥିଲେ। ଋଗ୍‌ବେଦରେ ଇନ୍ଦ୍ର ଓ ଇନ୍ଦ୍ରାଣୀଙ୍କ ସଂପର୍କରେ ବିଶଦ ବର୍ଣ୍ଣନା କରାଯାଇଛି। ଦେବତାଙ୍କ ଅଧିପତି ଇନ୍ଦ୍ର, ଗୁରୁ, ବୃହସ୍ପତି ଏବଂ ବିଷ୍ଣୁ ପରମ ଇଷ୍ଟ ଅଟନ୍ତି। ଅନ୍ୟପକ୍ଷରେ ଦୈତ୍ୟଙ୍କ ଅଧିପତି ହିରଣାକ୍ଷ ଓ ହିରଣ୍ୟକଶିପୁ ପରେ ବିରୋଚନ ଦୈତ୍ୟ ଅଧିପତି ଦାୟିତ୍ୱ ନେଲେ, ଯାହାଙ୍କ ଗୁରୁ ଅଟନ୍ତି ଶୁକ୍ରାଚାର୍ଯ୍ୟ ଏବଂ ଶିବ ପରମ ଇଷ୍ଟଦେବ ଅଟନ୍ତି। ଇନ୍ଦ୍ରଙ୍କର ବିବାହ ଅସୁରରାଜ ପୁଲୋମାଙ୍କ ପୁତ୍ରୀ ଶଚୀଙ୍କ ସହ ହୋଇଥିଲା ଇନ୍ଦ୍ରଙ୍କ ପୁତ୍ରଙ୍କ ନାମ ମଧ୍ୟ ପୁରାଣରେ ଉଲ୍ଲେଖ ରହିଛି। ସେମାନଙ୍କୁ ଦୁଇ ବସୁକ୍ତ ତଥା ବୃଷା ଋଷି (ଯିଏ ବୈଦିକ ମନ୍ତ୍ର ରଚନା କରିଥିଲେ।) କୁହାଯାଏ। ଇନ୍ଦ୍ରଙ୍କର ଜନ୍ମ ସଂପର୍କରେ ମଧ୍ୟ ଋଗ୍‌ବେଦରେ ବର୍ଣ୍ଣନା କରାଯାଇଛି। ଋଗ୍‌ବେଦର ଚତୁର୍ଥ ଅଧ୍ୟାୟରେ ଲିଖିତ ଅଛି ଯେ, ଇନ୍ଦ୍ରଙ୍କ ମାତାଙ୍କ ନାମ ଅଦିତ। ଏହା ମଧ୍ୟ କୁହାଯାଏ ଯେ, ଇନ୍ଦ୍ର ନିଜ ମାତାଙ୍କ ଗର୍ଭରେ ଦୀର୍ଘଦିନ ପର୍ଯ୍ୟନ୍ତ ରହିଥିଲେ। ସେଥିପାଇଁ ଅଦିତିଙ୍କୁ ବହୁ କଷ୍ଟ ସ୍ୱୀକାର କରିବାକୁ ପଡ଼ିଥିଲା। ତେବେ ଅଧିକ ଦିନ ଗର୍ଭରେ ରହିଥିବା କାରଣରୁ ସେ ଅତ୍ୟନ୍ତ ବଳଶାଳୀ ଓ ପରାକ୍ରମୀ ଥିଲେ।

## ବାବା ବାଲି ଲୋକନାଥ

ଗଞ୍ଜାମ ବ୍ଲକର ଋଷିକୁଲ୍ୟା ନଦୀ ପାର୍ଶ୍ୱସ୍ଥ ମାଳି ଜଗନ୍ନାଥପୁର ଗାଁରେ ପ୍ରାୟ ୭ ଏକର ଜାଗାରେ ରହିଛି ବାବା ବାଲି ଲୋକନାଥଙ୍କ ମନ୍ଦିର ଯ ପୌରାଣିକ କିମ୍ବଦନ୍ତୀ କୁହେ, ପ୍ରଭୁ ରାମଚନ୍ଦ୍ର ନବାସ ସମୟରେ ଏଠି ମହାଦେବଙ୍କ ଲିଙ୍ଗ ସ୍ଥାପନ କରି ପୂଜାର୍ଚନା କରିଥିଲେ । କାଳକ୍ରମେ ତାହା ନଦୀ ବାଲିରେ ପୋତି ହୋଇଯାଇଥିଲା । ଏକଦା ପାରଳା ମହାରାଜା ପୁରୀରୁ ପାରଳାଖେମୁଣ୍ଡି ଅଭିମୁଖେ ଯାଉଥିବା ବେଳେ ପୋତି ହୋଇ ଯାଇଥିବା ମନ୍ଦିରର ତ୍ରିଶୂଳ ଘୋଡା ଟାପୁରେ ବାଜି ରକ୍ତସ୍ରାବ ହୋଇଥିଲା ।ପରେ ରାଜାଙ୍କ ଆଦେଶରେ ପୋତି ହୋଇଥିବା ମନ୍ଦିରର ପୁନରୁଦ୍ଧାର କରାଯାଇଥିଲା । ବାଲିରୁ ଉଦ୍ଧାର କରାଯାଇଥିବାରୁ ମହାଦେବଙ୍କୁ ବାଲି ଲୋକନାଥଙ୍କ ନାମରେ ନାମିତ କରାଯାଇଥିଲା । ଏହାର ଶ୍ରେୟ ପାଇଁ ପାରଳା ମହାରାଜା ଓ ଆଠଗଡ଼ ରାଜାଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା । ପରେ ମନ୍ଦିର ଦାୟିତ୍ୱ ଆଠଗଡ଼ ରାଜାଙ୍କୁ ହସ୍ତାନ୍ତର କରାଯାଇଥିଲା । ବାବା ବାଲି ଲୋକନାଥଙ୍କ ଭୋଗରାଗ ପାଇଁ ପାରଳା ରାଜା କିଛି ଜମି ପୂଜାରୀମାନଙ୍କୁ ପ୍ରଦାନ କରିଥିଲେ । ସେହି ଜାଗା ଏବେ ମାଳି ଜଗନ୍ନାଥପୁର ଓ କଲ୍ୟାଣପୁର ଗାଁ ନାମରେ ବେଶ ପରିଚିତ ।ସେହି ଗ୍ରାମର ପ୍ରାୟ ୮୦ ପରିବାର ନିଜ ମଧ୍ୟରେ ପାଳି କରି ବାବା ବାଲି ଲୋକନାଥଙ୍କ ପୂଜାର୍ଚ୍ଚନା କରିଆସୁଛନ୍ତି । ପ୍ରତି ମାସର ସୋମବାର, ଶନିବାର, ସଂକ୍ରାନ୍ତି, ଶିବରାତ୍ରି, କାର୍ତ୍ତିକ ଓ ଶ୍ରାବଣ ମାସର ପ୍ରତ୍ୟେକ ସୋମବାର ବହୁ ଭକ୍ତ ବାବା ବାଲି ଲୋକନାଥଙ୍କ ଦର୍ଶନ କରିଥାନ୍ତି ।ଶ୍ରାବଣ ସୋମବାରେ



କାଉଡିଆମାନେ ବାବାଙ୍କୁ ଜଳାଭିଷେକ କରିଥାନ୍ତି। ଦିନର ପ୍ରଥମ ପ୍ରହରରେ ଏଠି ବାବାଙ୍କୁ ନଡ଼ିଆ ଓ କଦଳୀ ଭୋଗ ଲାଗିକରାଯାଏ । ମଧ୍ୟାହ୍ନରେ ବାବାଙ୍କୁ ଭାତ, ଡାଲମା ଭୋଗ ଲାଗି କରାଯାଇଥାଏ ।ପାର୍ଶ୍ୱ ଦେବଦେବୀ ଭାବେ ଗଣେଶ, ପାର୍ବତୀ, କାର୍ତ୍ତିକେୟ ଓ କାଶୀବିଶ୍ୱନାଥ ପୂଜା ପାଉଛନ୍ତି ।ପାରଳା ମହାରାଜା କାଶୀବିଶ୍ୱନାଥଙ୍କୁ ବସାଇଥିଲେ । ଲୋକଙ୍କ ବିଶ୍ୱାସ ରହିଛି ଭକ୍ତଙ୍କ ଡାକ ଶୁଣି ସବୁ ସମସ୍ୟାର ସମାଧାନ କରିଥାନ୍ତି ବାବା ଲୋକନାଥ । ଆଉ ଏହି ବିଶ୍ୱାସକୁ ଆଧାର କରି ଭକ୍ତ ଛୁଟି ଆସନ୍ତି ବାବା ବାଲି ଲୋକନାଥଙ୍କ ପୀଠକୁ ।

# କର୍ମ ଓ ପ୍ରେରଣା

ଅନେକ ଦିନ ତଳର କଥା। ଜଣେ ସାଧୁ ଥିଲେ । ନାମ ରାମାନନ୍ଦ। ସେ ଥିଲେ ଜଣେ ଉତ୍ତମ ଭକ୍ତ। ସ୍ୱାମୀ ରାମାନନ୍ଦଙ୍କର ଅନେକ ଶିଷ୍ୟ ଓ ଭକ୍ତ ଥିଲେ। ସେମାନେ ମଧ୍ୟ ତାଙ୍କୁ ସୁନା,ରୁପା ଭେଟି ଦେଉଥିଲେ। ସ୍ୱାମିଜୀ ସ୍ଥିର କଲେ ଯଥେଷ୍ଟ ଅର୍ଥ ଜମା ହେବାପରେ ସେ ଗରିବ ଲୋକଙ୍କ ସକାଶେ ଗୋଟାଏ ଦାତବ୍ୟ ଚିକିତ୍ସାଳୟ ଖୋଲିବେ । ଥରେ ନିଜର ଜଣେ ଶିଷ୍ୟ ଆଦିତ୍ୟକୁ ଧରି ବଣୁଆ ରାସ୍ତାଦେଇ ଯାଉଥାନ୍ତି। ବାଟରେ ସ୍ୱାମୀଜୀଙ୍କୁ ଆଦିତ୍ୟ ପଚାରିଲା "ଗୁରୁଦେବ ! କୁରୁ-ପାଣ୍ଡବ ଯୁଦ୍ଧରେ ଲଢ଼ିଲେ ଅର୍ଜୁନ। ଶ୍ରୀକୃଷ୍ଣ କେବଳ ତାକୁ ଉପଦେଶ ଦେଉଥିଲେ। ତେବେ ଯୁଦ୍ଧରେ ପାଣ୍ଡବଙ୍କ ବିଜୟଲାଭ ପାଇଁ ସମସ୍ତେ ଶ୍ରୀକୃଷ୍ଣଙ୍କୁ କାହିଁକି ଅଭିନନ୍ଦନ ଜଣାନ୍ତି। ଠିକ୍ ସମୟରେ ଉତ୍ତର ଦେବି କହି ଆଗକୁ ଅଗ୍ରସର ହେଲେ। ଖଣ୍ଡିଏ ଟାଣୁଆ ଲାଠି ସଂଗ୍ରହ ପାଇଁ ସ୍ୱାମୀଜୀ ଆଦିତ୍ୟକୁ କହିଲେ।



ଆଦିତ୍ୟ ଏକ ଲାଠି ସଂଗ୍ରହ କଲା ଏବଂ ଗୁରୁଶିଷ୍ୟ ଆଗକୁ ଯାଉ ଯାଉ ରାସ୍ତାରେ ଡ଼ାକୁମାନେ ବନ୍ଧୁକ ଧରି କହିଲେ ପାଖରେ ଯାହା ଟଙ୍କା ସୁନାଅଛି ଦେଇଦିଅ । ନ ହେଲେ ଗୁଳିରେ ମୁଣ୍ଡ ଉଡ଼ାଇ ଦେବି।

ସ୍ୱାମିଜୀ କହିଲେ ବାବୁ ଏହା ଗରିବ ଲୋକଙ୍କ ଉପକାର ପାଇଁ ସଂଚିଥିଲି। ତୁମେ ଏମିତି ଛଡ଼ାଇ ନେବା କ'ଣ ଭଲ ହେବ?" ଡ଼ାକୁମାନେ କିଛି ନ ଶୁଣି ଟଙ୍କା ଥଳିଟି ଛଡ଼ାଇ ନେଲେ। ସ୍ୱାମିଜୀ କହିଲେ ଟଙ୍କା ପଇସା ତନେଲ ମୋତେ କାହିଁକି ବଞ୍ଚାଇ ରଖିଛ। ମୋତେ ମାରିଦେଇ ଦୁଃଖରୁ ମୁକ୍ତି ଦିଅ। ଡ଼ାକୁମାନେ କହିଲେ ଏହା କ'ଣ ସତ ବନ୍ଧୁକ ହୋଇଛି ଯେ, ମୁଁ ତୁମକୁ ମାରିବି ? ସ୍ୱାମିଜୀ କହିଲେ ମୋ ସନ୍ଦେହ ଠିକ୍। ଆଦିତ୍ୟ ! ଆଉ ବିଳମ୍ବ ନକରି ଶକ୍ତି ଦେଖାଅ। ସଙ୍ଗେ ସଙ୍ଗେ ଆଦିତ୍ୟ ତା'ଲାଠି ଡ଼ାକୁ ପିଠିରେ ବସାଇଦେଲା। ଡ଼ାକୁ ତଳେ ପଡ଼ିଗଲା।

ସ୍ୱାମିଜୀ କହିଲେ, "ବାବୁ ମୋ ଅନୁରୋଧ ରକ୍ଷା କରିଥିଲେ ତୁମର ଏ ଦୁର୍ଦ୍ଦଶା ହୋଇ ନଥାନ୍ତା। ଡ଼ାକୁ ବନ୍ଧା ହୋଇ ଜୁଳୁଜୁଳୁ କରି ସେମାନଙ୍କ ଗତି ପଥକୁ ଅନାଇ ରହିଲା। କିଛିବାଟ ଯିବା ପରେ ଆଦିତ୍ୟ କହିଲା, "ଗୁରୁଦେବ! ଧନ୍ୟ ଆପଣଙ୍କ ଦୂରଦୃଷ୍ଟି ଓ ବୁଦ୍ଧି। ଆପଣଙ୍କ କଥା ଶୁଣି ଲାଠି ସଂଗ୍ରହ କରି ନ ଥିଲେ ଆଜି ସବୁ ଯାଇଥିଲା। ପୁଣି ଆପଣ ଡ଼ାକୁକୁ ବି ବୋକା ବନେଇଦେଲେ ! "କିନ୍ତୁ ଲାଠି ଚଳାଇଲୁ ତ ତୁ !" ସ୍ୱାମିଜୀ କହିଲେ। "କିନ୍ତୁ ଆପଣ ନ ଥିଲେ ମୁଁ କ'ଣ ତାହା କରିଥାନ୍ତି ?" ଆଦିତ୍ୟ କହିଲା । "ଏଥର ଶ୍ରୀକୃଷ୍ଣଙ୍କ ତାତ୍ପର୍ଯ୍ୟ ବୁଝିଲୁ ତ ? ସ୍ୱାମିଜୀ ବୁଝାଇଦେଲେ ଆଦିତ୍ୟ ତୃପ୍ତ ହେଲା।

## ପର୍ଶୁରାମଙ୍କ ଦ୍ୱାରା ନିହତ ହୋଇଥିଲେ ସହସ୍ରାର୍ଜୁନ

ହୈହବ ବଂଶର ରାଜା ଥିଲେ ଅର୍ଜୁନ। ସେ ଜଣେ ଶ୍ରେଷ୍ଠ କ୍ଷତ୍ରିୟ ଥିଲେ । ନାରାୟଣଙ୍କର ଅଂଶରେ ଜନ୍ମ ନେଇଥିବା ଦତ୍ତାତ୍ରେୟଙ୍କର ସେ ଅନେକ ପ୍ରକାରରେ ସେବା କରି ପ୍ରସନ୍ନ କଲେ। ଏକ ହଜାର ବାହୁ ଓ ଅପରାଜେୟ ରହିବାର ବର ଲାଭ କଲେ। ତାଙ୍କର କୃପାରୁ ଅନେକ ସମ୍ପତ୍ତି,



ଅତୁଳନୀୟ ବଳ, ବୀରତା, କୀର୍ତ୍ତି ଓ ଶାରୀରିକ ବଳ ଲାଭ କଲେ। ସେ ନିଜର ଶକ୍ତି ବଳରେ ଅତି ଛୋଟ କିମ୍ବା ଅତି ବଡ଼ ରୂପ ଧାରଣ କରି ପାରୁଥିଲେ। ସେ ସଂସାରରେ ବାୟୁ ଭଳି ବିନା ବାଧାରେ ଚଳପ୍ରଚଳ ହୋଇ ପାରୁଥିଲେ। ଥରେ ବୈଜୟନ୍ତୀମାଳା ପିନ୍ଧି ସହସ୍ରବାହୁ ଅର୍ଜୁନ ଅନେକ ସୁନ୍ଦରୀ ସ୍ତ୍ରୀମାନଙ୍କ ସହିତ ନର୍ମଦା ନଦୀରେ ଜଳ ବିହାର କରୁଥିଲେ। ସେ ନିଜର ବାହୁ ଦ୍ୱାରା ନଦୀର ପ୍ରବାହକୁ ରୋକିଦେଲେ। ଦଶମୁଖ ରାବଣର ଶିବିର ସେହି ନଦୀ ନିକଟରେ ଥିଲା। ନଦୀର ଧାରା ବିପରୀତ ଦିଗରେ ବହିବାକୁ ଲାଗିଲା। ଫଳରେ ରାବଣର ଶିବିର ବୁଡ଼ିବାରେ ଲାଗିଲା। ରାବଣ ନିଜକୁ ବହୁତ ବଡ଼ ବୀର ବୋଲି ମଣୁଥିଲା। ତେଣୁ ସେ ସହସ୍ରାର୍ଜୁନର ଏପରି ପରାକ୍ରମ ସହି ପାରିଲା ନାହିଁ। ଯେତେବେଳେ ରାବଣ ସହସ୍ରାର୍ଜୁନ ପାଖକୁ ଯାଇ ତାକୁ ଗାଳି ଦେବାରେ ଲାଗିଲା ସେତେବେଳେ ସହସ୍ରାର୍ଜୁନ ତାହାକୁ କଣ୍ଢେଇ ଭଳି ଧରି ନେଇ ନିଜର ରାଜଧାନୀ ମାହିଷ୍ମତୀ ନଗରୀକୁ ନେଇଗଲା ଓ ସେଠାରେ ବନ୍ଦୀ କରି ରଖିଲା। ପରେ ପୁଲସ୍ତ୍ୟ ଋଷି କହିବାରୁ ସହସ୍ରାର୍ଜୁନ ରାବଣକୁ ଛାଡ଼ିଦେଲା । ଥରେ ସହସ୍ରାର୍ଜୁନ ଶିକାର କରିବା ପାଇଁ ଘୋର ଜଙ୍ଗଲକୁ ଯାଇଥିଲେ । ଦୈବବଶତଃ ସେ ଜମଦଗ୍ନିଙ୍କର ଆଶ୍ରମରେ ଯାଇ ପହଞ୍ଚିଲେ । ଜମଦଗ୍ନିଙ୍କର ଆଶ୍ରମରେ କାମଧେନୁ ରହୁଥିଲେ। ତାଙ୍କର ସାହାଯ୍ୟରୁ ଋଷି ସେନା, ମନ୍ତ୍ରୀ ଓ ବାହନଙ୍କ ସହିତ ସହସ୍ରାର୍ଜୁନର ସ୍ୱାଗତ କଲେ । ସେ ଦେଖିଲେ ଯେ,ଜମଦଗ୍ନିଙ୍କର ପ୍ରତାପ ଅଧିକ । ତେଣୁ ସେ ତାଙ୍କର ସ୍ୱାଗତ ସତ୍କାରକୁ ଆଦର ନ କରି କାମଧେନୁକୁ ନେବା ପାଇଁ ନିଜର ସେବକମାନଙ୍କୁ ଆଦେଶ ଦେଲେ । ଆଦେଶ ଶୁଣି ସେବକଗଣ କାମଧେନୁକୁ ତାର ବାଛୁରୀ ସହିତ ମାହିଷ୍ମତୀ ନଗରୀକୁ ନେଇଗଲେ । ଯେତେବେଳେ ପର୍ଶୁରାମ ଆସିଲେ, ସେ ସହସ୍ରାର୍ଜୁନର ଏତାଦୃଶ କର୍ମରେ ଅତ୍ୟନ୍ତ କ୍ଷୁବ୍ଧ ହେଲେ । ସେ ନିଜର ଭୟଙ୍କର ଫାର୍ଶା, ଢ଼ାଲ ଏବଂ ଧନୁ ନେଇ ତାରରାଜଧାନୀକୁ ଗଲେ । ସହସ୍ରାର୍ଜୁନ ନିଜର ରାଜଧାନୀରେ ପ୍ରବେଶ କରୁଥିଲା ବେଳେ ଦେଖିଲା ଯେ, ପର୍ଶୁରାମ ଅତ୍ୟନ୍ତ କ୍ରୋଧର ସହିତ ତା ଆଡ଼କୁ ମାଡ଼ି ଆସୁଛନ୍ତି। ତାହାକୁ ଦେଖିବା ମାତ୍ରେ ସେ ଅନେକ ଅସ୍ତ୍ର,ଶସ୍ତ୍ରରେ ସୁସଜ୍ଜିତ ହାତୀ, ଘୋଡ଼ା, ରଥ ତଥା ପଦାତି ଯୁକ୍ତ ସୈନ୍ୟମାନଙ୍କୁ ପଠାଇଲା । ପର୍ଶୁରାମ ନିଜର ଫାର୍ଶା ସାହାଯ୍ୟରେ ସମସ୍ତ ସୈନ୍ୟମାନଙ୍କୁ ମାରିଦେଲେ । ସୈନ୍ୟମାନଙ୍କର ମୃତ୍ୟୁ ହେବାର ଦେଖି ସହସ୍ରାର୍ଜୁନ ନିଜେ ଆସି ପର୍ଶୁରାମଙ୍କ ସହିତ ଯୁଦ୍ଧ କଲା । ସେ ଥରକରେ ନିଜର ହଜାରେବାହୁରେ ପାଞ୍ଚଶହଟି ବାଣ ପର୍ଶୁରାମଙ୍କ ଉପରକୁ ଛାଡ଼ିଲା । ପର୍ଶୁରାମ୍ ନିଜର ଗୋଟିଏ ବାଣରେ ସେଗୁଡ଼ିକୁ କାଟି ପକାଇଲେ। ପର୍ଶୁରାମ ନିଜର ଫାର୍ଶା ସାହାଯ୍ୟରେ ସହସ୍ରାର୍ଜୁନର ବାହୁଗୁଡ଼ିକୁ କାଟିଦେଲେ। ପରେ ପର୍ଶୁରାମ୍ ତାର ମୁଣ୍ଡ କାଟି ପକାଇଲେ । ସହସ୍ରାର୍ଜୁନର ମୃତ୍ୟୁ ଦେଖି ତାର ୧୦ ହଜାର ପୁଅ ଭୟରେ ପଳାଇଗଲେ । ପରେ ପର୍ଶୁରାମ୍ କାମଧେନୁକୁ ଆଣି ଜମଦଗ୍ନିଙ୍କୁ ଫେରାଇ ଦେଲେ। ଏହିପରି ଭାବରେ ସହସ୍ରାର୍ଜୁନ ନିଜର ଗର୍ବ ଯୋଗୁଁ ପର୍ଶୁରାମଙ୍କ ଦ୍ୱାରା ନିହତ ହେଲା ।

# ମୁଁ ସେ ଭୁଲ ଆଉ ଦୋହରାଇବି ନାହିଁ : ଅନିମେଷ

ଭୁବନେଶ୍ୱର, ୧୬।୯ : ଏସୀୟ କ୍ରୀଡା ଲାଗି ଜାପାନ ଗସ୍ତ ପୂର୍ବରୁ ଦେଶର ଅନ୍ୟତମ ଶ୍ରେଷ୍ଠ ଧାବକ ଅନିମେଷ କୁଜୁର ଆତ୍ମବିଶ୍ୱାସରେ ଥିବା ପ୍ରକାଶ କରିଛନ୍ତି। ଆଉ ସେ ପୂର୍ବ ଭୁଲ ଦୋହରାଇବେ ନାହିଁ ବୋଲି ଦୃଢ଼ତାର ସହ ମଧ୍ୟ କହିଛନ୍ତି। ଗତ ସପ୍ତାହରେ ଦିଲ୍ଲୀର ଜବାହରଲାଲ୍ ନେହରୁ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଇଣ୍ଡିଆନ୍ ଆଥଲେଟିକ୍ସ ସିରିଜ୍‌ର ୨୦୦ ମିଟର୍ ପୂର୍ବରୁ ଅନିମେଷଙ୍କୁ ତାଙ୍କ ପ୍ରଶିକ୍ଷକ ଗୋଟିଏ ସାଧା ସିଧା କଥା କହିଥିଲେ 'ଘଣ୍ଟାକୁ ପିଛା କର ନାହିଁ, ଏହା ବହୁ ବିଳମ୍ବରେ ଚାଲୁଛି। ଅଗ୍ରାଧିକାର ହେଉଛି ଆହତଶୂନ୍ୟ ଭାବେ ଫିଟ୍ ହୋଇ ରେସ୍ ଶେଷ କରିବା।' କୁଜୁର ସେଠାରେ ୧୦୦ ମିଟର୍ ରେସ୍‌କୁ ୧୦.୨୧ ସେକେଣ୍ଡ୍‌ରେ ଶେଷ କରିବା ସହ ଜାତୀୟ ରେକର୍ଡଧାରୀ ଗୁରିନ୍ଦରବୀର ସିଂହ (୧୦.୩୨ ସେକେଣ୍ଡ)ଙ୍କୁ ପଛରେ ପକାଇଥିଲେ।

ଜାପାନର ଆଇଚି-ନାଗୋୟାରେ ସେପ୍ଟେମ୍ବର ୧୯ ତାରିଖରୁ ଆରମ୍ଭ ହେବାକୁ ଥିବା ଏସୀୟ କ୍ରୀଡାରେ ଅନିମେଷ ୧୦୦, ୨୦୦ ମିଟର୍ ଏବଂ ରିଲେରେ ଅଂଶଗ୍ରହଣ କରିବେ। ଗତବର୍ଷ ଏସୀୟ ପ୍ରତିଯୋଗିତାରେ ଅନିମେଷ ୧୦୦ ମିଟରରେ ବ୍ୟକ୍ତିଗତ ଶ୍ରେଷ୍ଠ ୧୦.୧୪ ସେକେଣ୍ଡ୍ ଏବଂ ୨୦୦ ମିଟରରେ ୨୦.୩୨ ସେକେଣ୍ଡ୍ ସମୟ ନେଇଥିଲେ। କିନ୍ତୁ ଗୁରିନ୍ଦରବୀର ସିଂହ ତାଙ୍କ ୧୦୦ ମିଟର୍ ଜାତୀୟ ରେକର୍ଡକୁ ମେ' ମାସରେ ରାଞ୍ଚିରେ ଅନୁଷ୍ଠିତ ଫେଡେରେସନ୍ କପ୍‌ରେ ୧୦.୦୯ ସେକଣ୍ଡେ୍ ସହ ପଛରେ ପକାଇ ଦେଇଥିଲେ। ଏବେ ଅନିମେଷ ଏବଂ ଗୁରିନ୍ଦରବୀରଙ୍କ ମଧ୍ୟରେ



ହେଉଥିବା ବ୍ୟକ୍ତିଗତ ଲଢ଼େଇ ଭାରତକୁ ପଦକ ଦେବ ବୋଲି ବିଶ୍ୱାସ କରାଯାଉଛି। '୧୦୦ ମିଟରରେ ଗୁରିଙ୍କଠାରୁ ବାରମ୍ବାର ମିଳୁଥିବା ପ୍ରତିଦ୍ୱନ୍ଦ୍ୱିତା ପାଇଁ ଏହା ମଜାଦାର ହେଉଛି। ସମାନ ଅନୁଭମ ମୋତେ ୨୦୦ ମିଟରରେ ମିଳୁନାହିଁ' ବୋଲି ଅନିମେଷ ପ୍ରକାଶ କରିଛନ୍ତି। ଏସୀୟ କ୍ରୀଡାରେ କିନ୍ତୁ ଉଭୟ ଭାରତୀୟଙ୍କୁ ୧୦୦ ମିଟରରେ ବଡ ଆହ୍ୱାନ ଅପେକ୍ଷା କରିଛି।

ଜାପାନର ସୁହେଇ ଟାଡାଙ୍କ ବ୍ୟକ୍ତିଗତ ଶ୍ରେଷ୍ଠ ୧୦.୦୧ ସେକେଣ୍ଡ୍ ଏବଂ ୟୁକି କୋଇକେଙ୍କ ୧୦.୦୬ ସେକେଣ୍ଡ୍ ସମୟ ଏମାନଙ୍କୁ ଅଧିକ ଭଲ କରିବାକୁ ଅବଶ୍ୟ ବାଧ୍ୟ କରିବ। ଚଳିତ ଋତୁରେ ଏହି ଦୁଇ ଜାପାନୀ ସ୍ପ୍ରିଣ୍ଟର୍ ମଧ୍ୟ ଏକାଧିକ ଥର ୧୦.୧୦ ସେକେଣ୍ଡ୍ ସମୟ ଦେଇ ଆଗରେ ରହିଛନ୍ତି। ୨୦୦ ମିଟରରେ ମଧ୍ୟ ଜାପାନର ସୋଶି ମିଜୁକୁବୋଙ୍କ ୨୦.୦୭ ସେକେଣ୍ଡ୍ ଏବଂ ଥାଇଲାଣ୍ଡ୍‌ର ପୁରିପୋଲ୍ ବୁନସନ୍‌ଙ୍କ ୨୦.୦୩ ସେକେଣ୍ଡ୍ କୁଜୁର (୨୦.୩୨)ଙ୍କଠାରୁ ର ଆଗରେ ରହିଛି। ଅବଶ୍ୟ କୁଜୁର ପୂର୍ବରୁ ୨୦୨୪ରେ ୨୦.୫ ଓ ୨୦.୬ ସେକେଣ୍ଡ୍‌ରେ ଦେଡିବାର ଉଦାହରଣ ରହିଛି। 'ଯାହା ଘଟିବାର ଥିବ ଘଟିବ, ଆପଣ ନିଜକୁ ଯେତେ ଭିଡନ୍ତୁ ପଛେ ପରିବେଶ ଓ ପରିସ୍ଥିତି ବି ସାଥିରେ ରହିବା ଆବଶ୍ୟକ, ସେହିଦିନ କିଭଳି ବିତିବ କେବଳ ପ୍ରତିଯୋଗିତା କହିବ। ୧୦୦ ମିଟର୍ ପାଇଁ ମୁଁ ବି କେବଳ ୧୦ ସେକେଣ୍ଡ୍ କଥା ନୁହେଁ ୯ ସେକେଣ୍ଡ୍ କଥା ବି ଭାବୁଛି ବୋଲି କୁଜୁର କହିଛନ୍ତି।

୨୦୨୫ ଏସୀୟ ଦୌଡକୁଦ ଥିଲା କୁଜୁରଙ୍କ ପ୍ରଥମ ଅନ୍ତର୍ଜାତୀୟ ପ୍ରତିଯୋଗିତା। ସେଠାରେ ଚାପ ପରିସ୍ଥିତିରେ କାଂସ୍ୟ ପଦକ ଜିତିଥିଲେ। 'ସେଥର ଏସୀୟ ପ୍ରତିଯୋଗିତାରେ କରିଥିବା ଭୁଲ୍‌କୁ ମୁଁ ଏଥର ଦୋହରାଇବି ନାହିଁ' ବୋଲି ସେ କହିଛନ୍ତି। ବିଶେଷ କରି ଏହା ପରେ ବିଶ୍ୱ ପ୍ରତିଯୋଗିତା ଏବଂ ୱାର୍ଲଡ କଣ୍ଟିନେଣ୍ଟାଲ୍ ଟୁର୍ ଭଳି ଅନ୍ତର୍ଜାତୀୟ ପ୍ରତିଯୋଗିତାର ଅଭିଜ୍ଞତାକୁ ଉପଯୋଗ କରିବି। ୨୦୨୮ ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍ସ ପୂର୍ବରୁ ମୁଁ କେଣସି ପ୍ରକାର ଭୁଲ୍‌କୁ ପ୍ରଶ୍ରୟ ଦେବାକୁ ଚାହିଁବି ନାହିଁ' ବୋଲି ଅନିମେଷ ପ୍ରକାଶ କରିଛନ୍ତି।କିଟ୍ ବିଶ୍ୱ ବିଦ୍ୟାଳୟର ଛାତ୍ର ଅନିମେଷ ଭୁବନେଶ୍ୱର ରିଲାଏନ୍ସ ଫାଉଣ୍ଡେସନ୍ ଏଚ୍‌ପିସିରେ ତାଲିମ ନେଉଥିବାବେଳେ ଓଡିଶା ସରକାର, ଟପ୍ସ, ଏଏଫଆଇ ଏବଂ ପୁମାଠାରୁ ମିଳୁଥିବା ସମର୍ଥନ ପାଇଁ କୃତଜ୍ଞତା ଜଣାଇଛନ୍ତି। ଏସୀୟ ପଦକ ଜିତି ସାରିଛି, ଏବେ ଏସୀୟ କ୍ରୀଡା ପଦକ ଜିତିବାକୁ ଆଶା ରଖିଛି। ୧୦୦, ୨୦୦ ଓ ରିଲେ ମଧ୍ୟରୁ କେଉଁଥିରୁ ପଦକ ମିଳିବା ସମ୍ଭାବନା ରହିଛି ବୋଲି ପ୍ରଶ୍ନ ହେବାରୁ ଅନିମେଷ କହିଥିଲେ 'ନିଶ୍ଚିତ ଜିତିବି, ସବୁଗୁଡିକ କାହିଁକି ନୁହେଁ'।

# କନିଷ୍ଠ ଏସିଆ କପ୍ ହକି ବିଜେତା ଭାରତୀୟ ଦଳରେ 'ଓଡ଼ିଶା ନାଭାଲ ଟାଟା ହକି'ର ୮ ଖେଳାଳି

ଭୁବନେଶ୍ୱର: ଚୀନ୍‌ର ମୋକିଠାରେ ଆୟୋଜିତ କନିଷ୍ଠ ଏସିଆ କପ୍ ବିଜେତା ଭାରତୀୟ ପୁରୁଷ ଓ ମହିଳା ଦଳରେ ଭୁବନେଶ୍ୱରସ୍ଥିତ ଓଡ଼ିଶା ନାଭାଲ ଟାଟା ହକି ଏଚ୍‌ପିସିର ୮ ଜଣ ଖେଳାଳି ରହିଥିଲେ। ପୁରୁଷରେ ୬ ଓ ମହିଳା ୨ ଜଣ ରହି ରାଜ୍ୟ ଓ ଦେଶ ପାଇଁ ଗେରବ



ଆଣିଥିଲେ। ପୁରୁଷ ଦଳରେ ଅଧିନାୟକ ଅନମୋଲ ଏକ୍କାଙ୍କ ସହ ଆଦ୍‌ରୋହିତ ଏକ୍କା, ବିବେକ ଲାକ୍ରା, ଆର୍ଯ୍ୟନ ଖେସ୍, ସଞ୍ଜିତ ତିର୍କି ଓ ରୋହିତ କୁଲୁ ଥିଲେ। ଅନମୋଲ ସର୍ବାଧିକ ୧୭ ଗୋଲ୍ କରି ଶ୍ରେଷ୍ଠ ଗୋଲ୍ ସ୍କୋରର୍ ପୁରସ୍କାର ଜିତିଥିଲା ବେଳେ ବିବେକ ଶ୍ରେଷ୍ଠ ଗୋଲ୍‌କିପର ହାତେଇଥିଲେ।

ଏହି ସଫଳତା ସମ୍ପର୍କରେ ପ୍ରତିକ୍ରିୟା ଦେଇ ହକି ଏସ୍ ଫାଉଣ୍ଡେସନ୍‌ର ସିଇଓ କ୍ୟାପ୍‌ଟେନ୍ ଅମିତାଭ କହିଛନ୍ତି, ''ଆମ କେନ୍ଦ୍ରର ୮ ଜଣ କ୍ୟାଡେଟ୍ ଦେଶ ପାଇଁ ପ୍ରତିନିଧିତ୍ୱ କରି କନିଷ୍ଠ ଏସିଆ କପ୍‌ରେ ସ୍ୱର୍ଣ୍ଣ ପଦକ ଜିତିବା, ଓଡ଼ିଶା ନାଭାଲ ଟାଟା ହକି ଏଚ୍‌ପିସି ଏବଂ ହକି ଏସ୍ ଫାଉଣ୍ଡେସନ୍ ପାଇଁ ଗର୍ବର ମୁହୂର୍ତ୍ତ। ଅନମୋଲ ଓ ବିବେକ ନିଜ ନିଜର ପ୍ରଦର୍ଶନ ବଳରେ ପୁରସ୍କୃତ ହେବା ଏହି ଗୌରବକୁ ଦ୍ୱିଗୁଣିତ କରିଛି। ଯୁବ ଆଥଲେଟ୍‌ମାନଙ୍କୁ ଅନ୍ତର୍ଜାତୀୟ ମଞ୍ଚରେ ପ୍ରତିଯୋଗିତା କରିବା ପାଇଁ ଆବଶ୍ୟକୀୟ ପ୍ରଶିକ୍ଷଣ, ଆଧୁନିକ ଭିତ୍ତିଭୂମି ଏବଂ ସମସ୍ତ ସୁବିଧା ଯୋଗାଇଦେବା ଆମର ମୂଳ ଲକ୍ଷ୍ୟ। ଏହିପରି ଆନ୍ତର୍ଜାତୀୟ ସଫଳତା ଆମ ସଂକଳ୍ପକୁ ଆହୁରି ଦୃଢ଼ କରିବା ସହ ଆଗାମୀ ପିଢ଼ିର ହକି ଖେଳାଳିଙ୍କୁ ପ୍ରେରଣା ଯୋଗାଇବ।''

ଟାଟା ଷ୍ଟିଲ୍, ଟାଟା ଟ୍ରଷ୍ଟ୍ସ ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟମରେ ଗଠିତ 'ହକି ଏସ୍ ଫାଉଣ୍ଡେସନ୍' ଭୁବନେଶ୍ୱରଠାରେ 'ଓଡ଼ିଶା ନାଭାଲ ଟାଟା ହକି ହାଇ ପରଫରର୍ମାନ୍ସ ସେଣ୍ଟର' ଏବଂ ଜାମସେଦପୁରଠାରେ 'ନାଭାଲ ଟାଟା ହକି ଏକାଡେମୀ' ପରିଚାଳନା କରୁଛି। ଠିକ୍ ପ୍ରଶିକ୍ଷଣ, ହାଇ-ପରଫରର୍ମାନ୍ସ ଟ୍ରେନିଂ, ଟାକ୍ଟିକାଲ ଆନାଲିସିସ ଏବଂ ଖେଳାଳିଙ୍କ ସମଗ୍ର ବିକାଶ ଉପରେ ଏହି ଅନୁଷ୍ଠାନ ଗୁରୁତ୍ୱ ଦେଇଆସୁଛି। କନିଷ୍ଠ ଏସିଆ କପ୍‌ରେ ଆମର ୮ ଜଣ ଖେଳାଳିଙ୍କର ଏହି ସଫଳତା, ଓଏନ୍‌ଟିଏଚ୍‌ଏଚ୍‌ପିସିର ବିଶ୍ୱସ୍ତରୀୟ ହକି ଖେଳାଳି ଗଢ଼ିବାର ପ୍ରଚେଷ୍ଟାରେ ଆଉ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହୋଇଛି।

# ସଚିନଙ୍କ ଦିନିକିଆ ବିଶ୍ୱରେକର୍ଡ ଭାଙ୍ଗିଲେ ଟେଲର





ନୂଆଦିଲ୍ଲୀ, ୧୬।୯ : ଭାଙ୍ଗିଛି କିମ୍ବଦନ୍ତୀ କ୍ରିକେଟର ସଚିନ ତେନ୍ଦୁଲକରଙ୍କ ଦିନିକିଆ ବିଶ୍ୱ ରେକର୍ଡ। ତାଙ୍କ ଦିନିକିଆ ବିଶ୍ୱ ରେକର୍ଡକୁ ଭାଙ୍ଗି ଦେଇଛନ୍ତି ଜିମ୍ବାୱେର ୱିକେଟ କିପର ବ୍ୟାଟର୍ ବ୍ରେଣ୍ଡନ ଟେଲର।ଏବେ ପୁରୁଷ କ୍ରିକେଟରେ ସବୁଠାରୁ ଲମ୍ବା ସମୟ ଧରି ଦିନିକିଆ କ୍ରିକେଟ ସହ ଜଡିତ ଖେଳାଳି ବନି ଯାଇଛନ୍ତି ଟେଲର। ପୂର୍ବରୁ ଏହି ରେକର୍ଡ ସଚିନ ତେନ୍ଦୁଲକରଙ୍କ ନାଁରେ ଥିଲା। ଟେଲରଙ୍କ ଦିନିକିଆ ଅନ୍ତର୍ଜାତୀୟ କ୍ୟାରିୟର ଏବେ ୨୨ ବର୍ଷ ୧୪୮ ଦିନରେ ପହଞ୍ଚି ଯାଇଛି। ତେନ୍ଦୁଲକର ୨୨ ବର୍ଷ ଓ ୯୧ ଦିନ ଦିନିକିଆ କ୍ରିକେଟରେ ସକ୍ରିୟ ଥିଲେ।

ମଙ୍ଗଳବାର ଅଷ୍ଟ୍ରେଲିଆ ବିପକ୍ଷ ହରାରେ ଦିନିକିଆର ଚୂଡାନ୍ତ ଏକାଦଶରେ ଟେଲର ସାମିଲ ହେବା ମାତ୍ରେ ସଚିନଙ୍କ ରେକର୍ଡ ଭାଙ୍ଗି ଯାଇଛି। ବର୍ତ୍ତମାନ ଜିମ୍ବାୱେ ଗସ୍ତରେ ଥିବା ଅଷ୍ଟ୍ରେଲିଆ ୩ଟି ଦିନିକିଆ ମ୍ୟାଚ୍ ଖେଳିବ। ଏବେ ସର୍ବାଧିକ ସମୟ ଦିନିକିଆ କ୍ରିକେଟ ତାଲିକାର ୧ ନମ୍ବରରେ ଟେଲର ରହିଥିବା ବେଳେ ସଚିନ ଦ୍ୱିତୀୟକୁ ଖସି ଯାଇଛନ୍ତି। ତୃତୀୟ ସ୍ଥାନରେ ଅଛନ୍ତି ଶ୍ରୀଲଙ୍କାର ସନଥ ଜୟସୂରିୟା। ତାଙ୍କ ଦିନିକିଆ କ୍ୟାରିୟର ୨୧ ବର୍ଷ ଓ ୧୮୪ ଦିନ।

ସଚିନଙ୍କ ଏହି ଦିନିକିଆ ବିଶ୍ୱ ରେକର୍ଡ ଭାଙ୍ଗିଥିଲେ ହେଁ ଏବେ ବି ସେ କ୍ରିକେଟର ଏହି ଫର୍ମାଟର ସର୍ବାଧିକ ରନ ହାସଲକାରୀ ଖେଳାଳି ହୋଇ ରହିଛନ୍ତି। ସେହିପରି ଦିନିକିଆରେ ସର୍ବାଧିକ ମ୍ୟାଚ୍ ଖେଳିବା ରେକର୍ଡ ମଧ୍ୟ ସଚିନଙ୍କ ନାଁରେ ରହିଛି। ସଚିନ ୪୬୩ଟି ଦିନିକିଆରେ ମୋଟ ୧୮,୪୨୬ ରନ କରିଛନ୍ତି।

୪୦ ବର୍ଷୀୟ ଟେଲର ୨୦୦୪ ଏପ୍ରିଲ ମାସରେ ଶ୍ରୀଲଙ୍କା ବିପକ୍ଷ ଦିନିକିଆରେ ଜିମ୍ବାୱେ ପାଇଁ ଡେବ୍ୟୁ କରିଥିଲେ। ସେ ଜିମ୍ବାୱେର ଅନ୍ୟତମ ଷ୍ଟାର ବ୍ୟାଟର ଭାବେ ପରିଚିତ। ମଙ୍ଗଳବାର ମ୍ୟାଚ୍ ବାଦ ଦେଲେ ସେ ଜିମ୍ବାୱେ ପାଇଁ ୨୦୭ ଦିନିକିଆରେ ୧୧ଟି ଶତକ ସହ ମୋଟ ୬,୭୦୪ ରନ କରିଛନ୍ତି।ଟେଲର ପ୍ରଥମେ ୨୦୨୧ରେ ଅନ୍ତର୍ଜାତୀୟ କ୍ରିକେଟରୁ ହଠାତ୍ ଅବସର ଘୋଷଣା କରିଥିଲେ। ଏହାର ୪ ମାସ ପରେ ଅର୍ଥାତ ୨୦୨୨ ଜାନୁଆରୀରେ ସେ ସମସ୍ତଙ୍କୁ ଚକିତ କରିବା ଭଳି ଖୁଲାସା କରିଥିଲେ।୨୦୧୯ରେ ତାଙ୍କୁ ମ୍ୟାଚ୍ ଫିକ୍ସିଂ ପାଇଁ ପ୍ରଲୋଭିତ କରାଯାଇଥିଲା। ପ୍ରଥମେ ତାଙ୍କୁ କୋକେନ ଦିଆଯାଇଥିଲା ଓ ପରେ ବ୍ଲାକମେଲର ସାମ୍ନା କରିବାକୁ ପଡିଥିଲା। ତଥାପି ସେ ନିଜ କ୍ୟାରିୟରରେ କେବେ ବି ମ୍ୟାଚ୍ ଫିକ୍ସିଂ କରି ନଥିବା ଦାବି କରିଥିଲେ।ଫିକ୍ସିଂ ସମ୍ପର୍କରେ ସେ ବିଳମ୍ବରେ ରିପୋର୍ଟ କରିଥିବାରୁ ଆଇସିସି ତାଙ୍କୁ ସା ୩ ବର୍ଷ ପାଇଁ କ୍ରିକେଟର ସମସ୍ତ ଫର୍ମାଟରୁ ବ୍ୟାନ କରାଯାଇଥିଲା। ଏହି କଟକଣା ଶେଷ ହେବା ପରେ ଟେଲର ୨୦୨୫ରେ ନିଜ ଅବସର ନିଷ୍ପତ୍ତି ପ୍ରତ୍ୟାହାର କରିଥିଲେ।ଏବେ ସେ ୨୦୨୭ ଦିନିକିଆ ବିଶ୍ୱକପ ପାଇଁ ନିଜକୁ ପ୍ରସ୍ତୁତ କରୁଛନ୍ତି। ୨୦୨୭ ଦିନିକିଆ ବିଶ୍ୱକପ ଦକ୍ଷିଣ ଆଫ୍ରିକା, ଜିମ୍ବାୱେ ଓ ନାମିବିୟା ମିଳିତ ଭାବେ ଆୟୋଜନ କରିବେ।

## ନାଇରୋବିରେ ୨୦୨୯ ବିଶ୍ୱ ଆଥଲେଟିକ୍ସ

ନୂଆଦିଲ୍ଲୀ, ୧୬।୯ : ବିଶ୍ୱ କ୍ରୀଡ଼ା ଇତିହାସରେ ଆଉ ଏକ ନୂଆ ଅଧ୍ୟାୟ ଯୋଡ଼ିବାକୁ ଯାଉଛି କେନିଆର ରାଜଧାନୀ ନାଇରୋବି। ୨୦୨୯ ବିଶ୍ୱ ଆଥଲେଟିକ୍ସ ପ୍ରତିଯୋଗିତା ଆୟୋଜନ ଅଧିକାର ନାଇରୋବିକୁ ମିଳିଛି। ଏହା ଫଳରେ ପ୍ରଥମ ଥର ପାଇଁ ଆଫ୍ରିକାର କୌଣସି ସହରରେ ଏହି ସମ୍ମାନଜନକ ବିଶ୍ୱସ୍ତରୀୟ ଆଥଲେଟିକ୍ସ ପ୍ରତିଯୋଗିତା ଆୟୋଜିତ ହେବା ନିଶ୍ଚିତ ହୋଇଛି।

ମଙ୍ଗଳବାର ହଙ୍ଗେରୀର ବୁଦାପେଷ୍ଟଠାରେ ଅନୁଷ୍ଠିତ ବିଶ୍ୱ ଆଥଲେଟିକ୍ସ ପରିଷଦର ବୈଠକ ପରେ ନାଇରୋବିକୁ ୨୦୨୯ ସଂସ୍କରଣର ଆୟୋଜକ ଭାବେ ଘୋଷଣା କରାଯାଇଛି। ସେହିଭଳି ଜର୍ମାନୀର ମ୍ୟୁନିକ ସହରକୁ ୨୦୩୧ ବିଶ୍ୱ ଆଥଲେଟିକ୍ସ ପ୍ରତିଯୋଗିତାର ଆୟୋଜନ ଅଧିକାର ମିଳିଛି। ନାଇରୋବିର ଏହି ଚୟନ ଆଫ୍ରିକୀୟ କ୍ରୀଡା ଜଗତ ପାଇଁ ଏକ ଐତିହାସିକ ଘଟଣା। ଏପର୍ଯ୍ୟନ୍ତ ଆଫ୍ରିକାର କୌଣସି ସହର ବିଶ୍ୱ ଆଥଲେଟିକ୍ସର ଆୟୋଜନ କରିନାହାନ୍ତି। ୨୦୨୯ରେ ନାଇରୋବି ଏହି ଇତିହାସ ରଚିବ। ପୂର୍ବରୁ ଏହି ସହର ୨୦୨୫ ବିଶ୍ୱ ଆଥଲେଟିକ୍ସ ପ୍ରତିଯୋଗିତାର ଆୟୋଜନ ଲାଗି ଦାବି ଉପସ୍ଥାପନ କରିଥିଲା। ତେବେ ସେହିବର୍ଷର ଆୟୋଜନ ଅଧିକାର ଜାପାନର ଟୋକିଓକୁ ମିଳିଥିଲା। ଏହା ପରେ ନାଇରୋବି ପୁଣିଥରେ ଆୟୋଜନ ଅଧିକାର ପାଇଁ ଦାବି ରଖିଥିଲା ଏବଂ ଏଥର ଏଥିରେ ସଫଳ ହୋଇଛି। ଉଭୟ ୨୦୨୯ ଓ ୨୦୩୧ ସଂସ୍କରଣ ସେପ୍ଟେମ୍ବର ମାସରେ ଆୟୋଜିତ ହେବ।

# ଖୁବ୍‌ଶୀଘ୍ର ଭାରତକୁ ଆସିବ ପୁରୁଷ ଓ ମହିଳା ଏସିଆ କପ୍ ଟ୍ରଫି : ସାଇକିଆ

ମୁମ୍ବାଇ: ଏସିଆ କପ୍ ଟ୍ରଫି ବିବାଦ ମଧ୍ୟରେ ଏକ ବଡ଼ ବୟାନ ଦେଇଛନ୍ତି ବିସିସିଆଇ ସଚିବ ଦେବଜିତ ସାଇକିଆ। ସେ କହିଛନ୍ତି ଯେ ଖୁବ୍‌ଶୀଘ୍ର ପୁରୁଷ ଓ ମହିଳା ଏସିଆ କପ୍ ଟ୍ରଫି ଭାରତକୁ ଆସିବ। ନିକଟରେ ଭାରତ ମହିଳା ଏସିଆ କପ୍ ଜିତିବା ସତ୍ତ୍ୱେ ପାକିସ୍ତାନୀ ଗୃହମନ୍ତ୍ରୀ ତଥା ଏସୀୟ କ୍ରିକେଟ୍ ପରିଷଦ (ଏସିସି) ମୁଖ୍ୟ ମହସିନ ନକଭୀଙ୍କୁ ବିରୋଧ କରି ପୁରସ୍କାର ସମାରୋହରେ ଯୋଗ ଦେଇ ନଥିଲା। ସେହିପରି ଗତ ବର୍ଷ ପୁରୁଷ ଏସିଆ କପ୍‌ରେ ବି ଭାରତ ସମାନ ଆଭିମୁଖ୍ୟ ଗ୍ରହଣ କରିଥିଲା। ଫଳରେ ଏବେ ବି ଏହି ଦୁଇ ଟ୍ରଫି ଭାରତକୁ ଆସି ପାରି ନାହିଁ। ତେବେ ବିସିସିଆଇ ସଚିବଙ୍କ ବୟାନ ପରେ ଏହି ଦୁଇ ଟ୍ରଫି ଭାରତ ଆସିବାର ସମ୍ଭାବନା ବିଯାଇଛି।

ସାଇକିଆ କହିଛନ୍ତି ଯେ ଏସିସିରେ ଚାଲିଆସିଥିବା ପରମ୍ପରାଗୁଡ଼ିକୁ ନକଭୀ ପାଳନ କରୁନାହାନ୍ତି। ସାଧାରଣତଃ ବିଜେତା ଦଳର ଜଣେ ପଦାଧିକାରୀ ଟ୍ରଫି ପ୍ରଦାନ କରିବା କଥା। କିନ୍ତୁ ଗତବର୍ଷଠାରୁ ଏହି ପରମ୍ପରା ପାଳନ କରାଯାଉନାହିଁ। ଆହୁରି ମଧ୍ୟ ଗତ ବର୍ଷ ପରି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନ ହେବା ପାଇଁ ଏଥର ନକଭୀଙ୍କ ବଦଳରେ ଏସିସି ଉପସଭାପତି ଖାଲିଦ ଅଲ୍ ଜରୁନୀ ଟ୍ରଫି ପ୍ରଦାନ କରନ୍ତୁ ବୋଲି ଆମେ ପ୍ରସ୍ତାବ ଦେଇଥିଲୁ। ଏହା ହୋଇଥିଲେ ଭାରତୀୟ ଦଳ ପୁରସ୍କାର ସମାରୋହରେ ଯୋଗ ଦେଇଥାନ୍ତା। କିନ୍ତୁ ଏହି ପ୍ରସ୍ତାବକୁ ଗ୍ରହଣ କରାଯାଇ ନଥିଲା।

# ଭଙ୍ଗା ଷ୍ଟିକ୍, ବିନା ଜୋତାରେ ହକି ଅଭ୍ୟାସ

ରାୟଗଡା, ୧୬।୯ ; ଦେଶ ପାଇଁ ଖେଳିବାକୁ ଲକ୍ଷ୍ୟ ରଖିଛନ୍ତି। ଦେନିକ ପଡିଆକୁ ଆସି ଅଭ୍ୟାସ କରୁଛନ୍ତି। କୋଚ୍‌ଙ୍କ ତତ୍ତ୍ୱାବଧାନରେ ଚାଲିଛି ପ୍ରଶିକ୍ଷଣ। ହେଲେ କ୍ରୀଡାଭ୍ୟାସ ପାଇଁ ଜୋତା ନାହିଁ କି ଆବଶ୍ୟକ ସରଞ୍ଜାମ ମଧ୍ୟ ନାହିଁ। ମିଳିଥିବା ଏକ ହଳ ଜୋତା ନଷ୍ଟ ହେବାକୁ ବସିଥିବାରୁ ଖାଲି ପାଦରେ ହକି ଅଭ୍ୟାସ କରୁଛନ୍ତି ରାୟଗଡାର କ୍ରୀଡାବିତ୍। ହକିର ବିକାଶ ଲାଗି ରାୟଗଡା ଜିଲ୍ଲାରେ ୨ଟି ଗ୍ରାସରୁଟ୍ ସେଣ୍ଟର ଆରମ୍ଭ କରିଛନ୍ତି ସରକାର। ଗୋଟିଏ ଜିସିଡି ଉଚ୍ଚବିଦ୍ୟାଳୟରେ ଏବଂ ଅନ୍ୟଟି ବାଳିକା ଉଚ୍ଚବିଦ୍ୟାଳୟରେ ଚାଲିଛି। ଉଭୟ ଗ୍ରାସରୁଟ୍ ସେଣ୍ଟରରେ ୮୦ରୁ ୧୦୦ କ୍ରୀଡାବିତ୍ ଅଭ୍ୟାସ ଜାରି ରଖିଛନ୍ତି।

ପ୍ରଥମ ବର୍ଷ କ୍ରୀଡା ଅଭ୍ୟାସ କରୁଥିବା ନବମ ଶ୍ରେଣୀର ଛାତ୍ର ରାହୁଲ ତାଡିଙ୍ଗି ଓ ସପ୍ତମ ଶ୍ରେଣୀର ଛାତ୍ର ସୁଶାନ୍ତ ଜାଗରାଙ୍ଗା କହିଛନ୍ତି, ହକି ଖେଳିବା ପାଇଁ ପ୍ରବଳ ଆଗ୍ରହ ରହିଛି। କିନ୍ତୁ ଆମ ପାଖରେ ଆବଶ୍ୟକ ସରଞ୍ଜାମ ନାହିଁ। ଅଭ୍ୟାସ ପାଇଁ ଜୋତା ନ ଥିବାରୁ ପାଦରେ ଆଘାତ ଲାଗୁଛି। ତଥାପି ଦେଶ ପାଇଁ ଖେଳିବାର ସ୍ୱପ୍ନ ନେଇ ସବୁଦିନ ଅଭ୍ୟାସ ଜାରି ରଖିଛୁ। ଅଭ୍ୟାସ କରୁଥିବା ୧୬ରୁ ଊର୍ଦ୍ଧ୍ୱ କ୍ରୀଡାବିତ୍ ଇତିମଧ୍ୟରେ ରାଜ୍ୟସ୍ତରରେ ସବ୍‌ଜୁନିୟର ଓ ଜୁନିୟର ବର୍ଗରେ ରାୟଗଡା ଜିଲ୍ଲାରୁ ପ୍ରତିନିଧିତ୍ୱ କରୁଛନ୍ତି। ରାଜ୍ୟସ୍ତରରେ ଖେଳିବା ସମୟରେ ଆବଶ୍ୟକ ସରଞ୍ଜାମ ନଥିଲେ ପରିଚାଳନା କର୍ତ୍ତୃପକ୍ଷ ମ୍ୟାଚ୍ ଖେଳିବାର ସୁଯୋଗ ଦେଇନଥାନ୍ତି। ଯେଉଁଥି ପାଇଁ ପୂର୍ବରୁ ମିଳିଥିବା ଜୋତାକୁ କ୍ରୀଡାବିତ୍ ବଡ ପ୍ରତିଯୋଗିତା ପାଇଁ ସଂରକ୍ଷିତ କରି ରଖିଥିବା ସୂଚନା ଦେଇଛନ୍ତି। ଜିସିଡି ଉଚ୍ଚବିଦ୍ୟାଳୟ କେନ୍ଦ୍ରରେ ତାଲିମ ଦେଉଥିବା କୋଚ୍ ଅମିତ ଟପନୋ କହିଛନ୍ତି, କିଛି ବର୍ଷ ପୂର୍ବ ଯେଉଁ ସରଞ୍ଜାମ ଯୋଗାଇ ଦିଆଯାଇଥିଲା ତାକୁ ନେଇ କ୍ରୀଡାବିତ୍ ଖେଳୁଛନ୍ତି। ସେମାନଙ୍କୁ ଆବଶ୍ୟକ ସୁବିଧା ମିଳିଲେ ଜାତୀୟସ୍ତରରେ ମଧ୍ୟ ଖେଳିପାରିବେ। ସରଞ୍ଜାମର ଅଭାବ ସାଙ୍ଗକୁ କ୍ରୀଡାବିତ୍‌ଙ୍କ ଅଭ୍ୟାସ ପାଇଁ ସ୍ୱତନ୍ତ୍ର ପଡିଆ କି ଗୋଲ୍ ପୋଷ୍ଟ ମଧ୍ୟ ନାହିଁ। ହକି ଷ୍ଟିକ୍‌ଗୁଡିକ ଭାଙ୍ଗିଗଲାଣି। ସାମାଜିକ କର୍ମୀ ଗୋପୀନାଥ ଗେଡ ଅଭିଯୋଗ କରିଛନ୍ତି, ଆବଶ୍ୟକ ସୁରକ୍ଷା ଓ ସରଞ୍ଜାମ ବିନା ହକି ଅଭ୍ୟାସ ଚାଲିଥିବାରୁ କ୍ରୀଡାବିତ୍ ଆହତ ହେବାର ଆଶଙ୍କା ରହିଛି। ଜିଲ୍ଲା ପ୍ରଶାସନ ଓ କ୍ରୀଡା ବିଭାଗ ଏଥିପ୍ରତି ଦୃଷ୍ଟି ଦେବା ଉଚିତ।

# ଆଇସିସି ମହିଳା ଟି୨୦ ପ୍ଲେୟର ର୍‌ୟାଙ୍କିଂ

ତାଲିକାରେ ଦୁବାଇ, ୧୬।୯ : ଭାରତ ସ୍ପିନର ଶ୍ରୀ ଚରଣୀ କ୍ୟାରିୟର ଶ୍ରେଷ୍ଠ ରେଟିଂ ପଏଣ୍ଟ ସହ ସଦ୍ୟ ପ୍ରକାଶିତ ଆଇସିସି ମହିଳା ଅନ୍ତର୍ଜାତୀୟ ଟି୨୦ ପ୍ଲେୟର ର୍‌ୟାଙ୍କିଂ ତାଲିକାରେ ତାଙ୍କ ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ଅନ୍ୟପକ୍ଷରେ ଭାରତର ଦୀପ୍ତି ଶର୍ମା ୪ ସ୍ଥାନ ଉପରକୁ ଉଠି ୨ୟ ସ୍ଥାନ ଅଧିକାର କରିଛନ୍ତି। ଚରଣୀ ଶ୍ରୀଲଙ୍କା ବିପକ୍ଷ ମହିଳା ଟି୨୦ ଏସିଆ କପ୍‌ରେ ୨୦ରନ ବିନିମୟରେ ୪ ଉଇକେଟ ଅକ୍ତିଆର କରିଥିଲେ, ଯାହାଫଳରେ ତାଙ୍କ ରେଟିଂ ପଏଣ୍ଟ ୮୦୦ ଅତିକ୍ରମ କରି ୮୦୪ରେ ପହଞ୍ଚିଛି। ଆଇସିସି ର୍‌ୟାଙ୍କିଂରେ ଉଭୟ ବ୍ୟାଟର ଓ ବୋଲରଙ୍କ ପାଇଁ ଜଣେ ଭାରତୀୟ ଭାବେ ସେ ସର୍ବୋଚ୍ଚ ରେଟିଂ ପଏଣ୍ଟ ହାସଲ କରିବାର ଗୌରବ ଅର୍ଜନ କରିଛନ୍ତି।

ପୂର୍ବରୁ ଏହି ରେକର୍ଡ ମିଥାଲି ରାଜଙ୍କ ନାମରେ ରହିଥିଲା। ମିଥାଲି ୨୦୧୧ରେ ୭୮୦ ରେଟିଂ ପଏଣ୍ଟ ସହ ରେକର୍ଡର ଅଧିକାରୀ ହୋଇଥିଲେ। ୨୦୧୮ ନଭେମ୍ବରରେ ଅନ୍ତର୍ଜାତୀୟ ଟି୨୦ରେ ଜଣେ ମହିଳା ବୋଲର ହିସାବରେ ସର୍ବୋଚ୍ଚ ରେଟିଂ ପଏଣ୍ଟ ହାସଲ କରିବା ରେକର୍ଡ ଅଷ୍ଟ୍ରେଲିଆର ମେଗାନ ସ୍କଟଙ୍କ ନାମରେ ରହିଛି।

ଚରଣୀ ତାଙ୍କଠାରୁ ମାତ୍ର ୨ ପଏଣ୍ଟ ପଛରେ ରହିଛନ୍ତି। ଏସିଆ କପ୍‌ରେ ଭାରତ ପକ୍ଷରୁ ଚମତ୍କାର ବୋଲିଂ କରିଥିବା ଦୀପ୍ତି ୪ ସ୍ଥାନ ପଦୋନ୍ନତି ସହ ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ଟୁର୍ନାମେଣ୍ଟରେ ସେ ସର୍ବାଧିକ ୧୪ ଉଇକେଟ ହାସଲ କରିଥିବା ବୋଲର। ଟୁର୍ନାମେଣ୍ଟରେ ସିମ୍ ବୋଲର ନନ୍ଦିନୀ ଶର୍ମା ମଧ୍ୟ ଭଲ ବୋଲିଂ କରିଥିଲେ। ସେ ୧୦ ସ୍ଥାନ ଉପରକୁ ଉଠି ୯୪ତମ ସ୍ଥାନ ଅଧିକାର କରିଥିବା ବେଳେ ଲେଗ୍‌ସ୍ପିନର ପ୍ରେମା ରାୱତ ୫୦ ସ୍ଥାନ ପଦୋନ୍ନତି ସହ ୯୬ତମ ସ୍ଥାନରେ ରହିଛନ୍ତି।

ଏସିଆ କପ୍ ସେମିଫାଇନାଲରେ ୬୪ ଏବଂ ଫାଇନାଲରେ ୬୮ରନ ସମେତ ମୋଟ ୨୩୬ ରନ ସହ ଅଗ୍ରଣୀ ସ୍କୋରର ବିବେଚିତ ଶେଫାଳି ବର୍ମାଙ୍କ ରେଟିଂ ପଏଣ୍ଟ ୭୪୧ରେ ପହଞ୍ଚିଛି। ୨୦୨୧ ଅକ୍ଟୋବର ପରେ ଏହା ସର୍ବାଧିକ। ସେ ବର୍ତ୍ତମାନ ସାଥୀ ଖେଳାଳି ସ୍ମୃତି ମନ୍ଧାନାଙ୍କଠାରୁ ମାତ୍ର ଗୋଟିଏ ସ୍ଥାନ ଏବଂ ୪ ରେଟିଂ ପଏଣ୍ଟ ପଛରେ ରହିଛନ୍ତି। ମନ୍ଧାନା ମ୍ୟାଚରେ ୫ଟି ଇନିଂସ ଖେଳି ୨୧୩ରନ କରିଥିବା ବେଳେ ୭୪୫ ପଏଣ୍ଟ ସହ ୫ମ ସ୍ଥାନରେ ରହିଛନ୍ତି। ଶେଫାଳିଙ୍କର ଆହୁରି ମଧ୍ୟ ଅଲରାଉଣ୍ଡର ର୍‌ୟାଙ୍କିଂରେ ୫ ସ୍ଥାନ ପଦୋନ୍ନତି ଘଟିଛି। ସେ ତାଙ୍କ କ୍ୟାରିୟର ଶ୍ରେଷ୍ଠ ୨୨୧ ରେଟିଂ ପଏଣ୍ଟ ସହ ୧୫ତମ ସ୍ଥାନକୁ ଉନ୍ନୀତ ହୋଇଛନ୍ତି।

## ଏସୀୟ ଚାମ୍ପିଅନ୍ସ ଟ୍ରଫି ହକି

# ଭାରତ ମାଟିରେ ଖେଳିବ ପାକିସ୍ତାନ



ଚଣ୍ଡିଗଡ଼, ୧୫।୯ : ଆସନ୍ତା ମାସରେ ପଞ୍ଜାବରେ ହେବାକୁ ଥିବା ଏଏଚଏଫ୍ ପୁରୁଷ ଏସିଆନ୍ ଚାମ୍ପିଅନ୍ସ ଟ୍ରଫି ହକିରେ ପାକିସ୍ତାନ ଅଂଶଗ୍ରହଣ କରିବ। ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗବନ୍ତ ମାନ୍ ସୋମବାର ଏହା ସ୍ପଷ୍ଟ କରିଛନ୍ତି। ବହୁପକ୍ଷୀୟ କ୍ରୀଡ଼ା ପ୍ରତିଯୋଗିତାରେ ଭାରତ ମାଟିରେ ଦୁଇ ଦେଶ ଖେଳିପାରିବେ ବୋଲି କେନ୍ଦ୍ର ସରକାରଙ୍କ ନୀତି ରହିଛି। ଅକ୍ଟୋବର ୨୭ରୁ ନଭେମ୍ବର ୫ ପର୍ଯ୍ୟନ୍ତ ଜଳନ୍ଧର ଓ ମୋହାଲିରେ ଏହି ପ୍ରତିଯୋଗିତା ଖେଳାଯିବ। ନଭେମ୍ବର ୫ରେ ମୋହାଲିରେ ଫାଇନାଲ୍ ଖେଳାଯିବ। ଭାରତ, ପାକିସ୍ତାନ ସମେତ ଚୀନ୍, ଜାପାନ, ମାଲେସିଆ ଓ କୋରିଆ ଅଂଶଗ୍ରହଣ କରିବେ। ଓମାନ ଓ ବାଂଲାଦେଶକୁ ରିଜର୍ଭ ଦଳ ଭାବେ ରଖାଯାଇଛି। ଭାରତ ଏହି ପ୍ରତିଯୋଗିତାର ଡିଫେଣ୍ଡିଂ ଚାମ୍ପିଅନ୍ ଅଛି। ୨୦୨୩ (ଚେନ୍ନାଇ) ଓ ୨୦୨୪ ( ହୁଲୁନବୁଇର, ଚୀନ) ରେ ଭାରତ ଲଗାତାର ଦୁଇଥର ଏହି ଟାଇଟଲ ଜିତିଥିଲା। ତେବେ ୨୦୨୫ରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇ ନଥିଲା।

# ରମେଶ ପଥିରାଗେଙ୍କୁ ଝଟକା

## ବିମାନ ଯାତ୍ରା ବେଳେ ଭାଙ୍ଗିଗଲା ୩ଟି ଯାକ '୯୦ ମିଟର୍' ଜାଭେଲିନ୍

ନୂଆଦିଲ୍ଲୀ, ୧୬।୯ : ଏସିଆନ ଗେମ୍ସ ପୂର୍ବରୁ ଷ୍ଟାର ଜାଭେଲିନ ଖେଳାଳି ରମେଶ ପଥିରାଗେଙ୍କୁ ଶକ୍ତ ଝଟକା। ଶ୍ରୀଲଙ୍କାର ଏହି ଖେଳାଳିଙ୍କ ୩ଟି ଯାକ ୯୦ ମିଟର ପ୍ଲସ ଜାଭେଲିନ ଏବେ କ୍ଷତିଗ୍ରସ୍ତ ହୋଇଯାଇଛି। ଏହି ଜାଭେଲିନ ବଳରେ ସେ ୩ଟି ଅନ୍ତର୍ଜାତୀୟ ଇଭେଣ୍ଟରେ ୯୦ ମିଟରରୁ ଅଧିକ ଦୂରତା ଅତିକ୍ରମ କରିଥିଲେ। ଏଥିସହ ୩ଟି ଯାକ ଇଭେଣ୍ଟରେ ବିଜୟୀ ମଧ୍ୟ ହୋଇଥିଲେ। କିନ୍ତୁ ଏବେ ବିମାନ ଯାତ୍ରା ବେଳେ ସେଗୁଡିକ ଭାଙ୍ଗିରୁଜି ଯାଇଛି। ଚଳିତ ସିଜିନରେ ୩ଥର ୯୦ ମିଟରରୁ ଅଧିକ ଦୂରକୁ ଜାଭେଲିନ ଫିଙ୍ଗିଥିବା ପଥିରାଗେଙ୍କ କହିବା କଥା ଯେ ଜାତୀୟ ରେକର୍ଡ ଭାଙ୍ଗିବା ପାଇଁ ବ୍ୟବହାର ହୋଇଥିବା ସମସ୍ତ ଜାଭେଲିନ ତୁର୍କିଶ ଏୟାରଲାଇନ୍ସରେ ଆସୁଥିବା ବେଳେ କ୍ଷତିଗ୍ରସ୍ତ ହୋଇଛି। ରାଜ୍ୟଗୋଷ୍ଠୀ କ୍ରୀଡା ଓ ଡାଇମଣ୍ଡ ଲିଗ୍‌ର ବିଜେତା ପଥିରାଗେ ହଙ୍ଗେରୀରେ ଆୟୋଜିତ ବିଶ୍ୱ ଆଥଲେଟିକ୍ସ ଅଲ୍ଟିମେଟ ଚାମ୍ପିୟନଶିପରେ ମଧ୍ୟ ବାଜିମାତ କରିଥିଲେ। ଏହାପରେ ସେ ଶ୍ରୀଲଙ୍କା ଫେରିଛନ୍ତି। କିନ୍ତୁ ଏହି ଯାତ୍ରା ସମୟରେ ହିଁ ତାଙ୍କ ଜାଭେଲିନଗୁଡିକ ଭାଙ୍ଗି ଯାଇଛି।ପଥିରାଗେ ଇନଷ୍ଟାଗ୍ରାମରେ କିଛି ଫଟୋ ପୋଷ୍ଟ କରି ଘଟଣାର ଖୁଲାସା କରିଛନ୍ତି। ଫଟୋରେ ଜାଭେଲିନ ଗୁଡିକ ଭାଙ୍ଗି ଯାଇଥିବା କିମ୍ବା ବଙ୍କା ହୋଇଯାଇଥିବା ଦେଖିବାକୁ ମିଳୁଛି। ଶ୍ରୀଲଙ୍କାରେ





ସେ ପହଞ୍ଚିବା ପରେ ଜାଭେଲିନଗୁଡିକ ଭାଙ୍ଗି ଯାଇଥିବା ଜାଣିବାକୁ ପାଇଥିଲେ। ଏହାପରେ ସେ ଏନେଇ ଏୟାରଲାଇନ୍ ନିକଟରେ ଅଭିଯୋଗ ଦାଖଲ କରିଛନ୍ତି।

ପଥିରାଗେ କହିଛନ୍ତି, "ମୁଁ ୯୦ ମିଟର ଥ୍ରୋ ପାଇଁ ବ୍ୟବହାର କରିଥିବା ସମସ୍ତ ୩ଟି ଯାକ ଜାଭେଲିନ କ୍ଷତିଗ୍ରସ୍ତ ହୋଇଛି। ସମ୍ଭବତଃ ଏହା ଏୟାଲାଇନ୍‌ର ଗୋଟିଏ ତ୍ରୁଟି। ଏହା କୌଣସି ବଡ ପ୍ରସଙ୍ଗ ନୁହେଁ। ମୁଁ ଆଗକୁ ବିବି।"

ଜାଭେଲିନ କ୍ଷତିଗ୍ରସ୍ତ ହେବା ରମେଶଙ୍କ ପାଇଁ ଶକ୍ତ ଝଟକା। କାରଣ ଚଳିତ ସିଜିନରେ ରମେଶ ନିଜର ସ୍ୱତନ୍ତ୍ର ଛାପ ଛାଡିଛନ୍ତି। ୨୩ ବର୍ଷୀୟ ରମେଶ ୨୦୨୬ରେ ରାଜ୍ୟଗୋଷ୍ଠୀ କ୍ରୀଡା, ଡାଇମଣ୍ଡ ଲିଗ ଓ ବିଶ୍ୱ ଆଥଲେଟିକ୍ସ ଅଲ୍ଟିମେଟ ଚାମ୍ପିୟନଶିପ ଜିତିଛନ୍ତି।୩ଟି ଯାକ ଇଭେଣ୍ଟରେ ସେ ୯୦ ମିଟରରୁ ଅଧିକ ଦୂରକୁ ଜାଭେଲିନ ଫିଙ୍ଗି ଥିଲେ। ଆଗକୁ ଏସିଆନ ଗେମ୍ସ ଥିବାରୁ ସେଠାରେ ମଧ୍ୟ ସ୍ୱର୍ଣ୍ଣ ପଦକ ଜିତିବାର ଯଥେଷ୍ଟ ସମ୍ଭାବନା ରହିଛି।

Published and Owned by Sri Bibhuti Bhushan Mahapatra of House No.A/2, Suraj Vihar Phase-1, Po-Baragarh Brit Colony, Bhubaneswar-751018 published from Plot No.3774, Nageshwar Tangi, Bhubaneswar, Dist-Khurda-751002 and Printed by Smt. Sandhyarani Pati at M/S Swadhikar, IDCO Plot No-6/A/B/1, Revenue Plot No-8941(P) Mancheswar Industrial Estate,Bhubaneswar-751010, Near NSIC Office,